



# ସକାଳ
THE SAKALA

RNI REGD NO: 42041/83 PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ◆VOLUME- 44 ◆ISSUE-02 ◆FRIDAY ◆26 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୦୨ ◆ଶୁକ୍ରବାର ◆୨୬ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ବିଜେଡିରେ ସୁଜାତା

## ନବୀନଙ୍କ ପାଦ ଛୁଇଁ ସାଧାରଣ କର୍ମୀ ଭାବେ ଦଳରେ ଯୋଗଦେଲେ

■ ଭୁବନେଶ୍ୱର, ୨୫।୬ (ସମିସ): ବିଜେଡିରେ ସାମିଲ ହୋଇଛନ୍ତି ପୂର୍ବତନ ଆଇଏଏସ୍ ସୁଜାତା ରାଉତ। ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସମାବେଶରେ ଦଳର ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ପାଦ ଛୁଇଁ ସୁଜାତା ବିଜେଡିରେ ଯୋଗ ଦେଇଛନ୍ତି। ଏହି

### ଆସନ୍ତା ସାଧାରଣ ନିର୍ବାଚନରେ ମୁଁ ଦଳର ନେତୃତ୍ୱ ନେବି: ନବୀନ

ଅବସରରେ ନବୀନ ଉତ୍ତରୀୟ ପିନ୍ଧାଇ ସୁଜାତାଙ୍କୁ ଦଳରେ ସ୍ୱାଗତ କରିଛନ୍ତି।

ଗୁରୁବାର ଶଙ୍ଖ ଭବନରେ ସୁଜାତା ରାଉତଙ୍କୁ ଦଳରେ ମିଶାଇବା ପାଇଁ ଏକ ସ୍ୱତନ୍ତ୍ର ସମାବେଶରେ ନବୀନ କହିଛନ୍ତି ଯେ ସୁଜାତା ରାଉତ ଜଣେ ସାଧାରଣ ସଦସ୍ୟ ଭାବରେ ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କୁ ଏପର୍ଯ୍ୟନ୍ତ କୌଣସି ପଦ ପଦବୀ ଦିଆଯାଇ ନାହିଁ। ତାଙ୍କୁ ଦଳ ଓ ଦଳୀୟ କାର୍ଯ୍ୟ ସହିତ ଅଭ୍ୟସ୍ତ ହେବାକୁ ଦିଆଯାଉ। ଆପଣମାନେ ଜାଣନ୍ତି, ସେ ଭାରତୀୟ ପ୍ରଶାସନିକ ସେବାରେ ଥିଲେ। ସେ ସେହି ପଦବୀରେ ଅନେକ ଦାୟିତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ସବୁଠାରୁ ବଡ କଥା ହେଉଛି ସେ ରାଜ୍ୟର ମହିଳାମାନଙ୍କ ପାଇଁ ବହୁତ କାର୍ଯ୍ୟ କରିଛନ୍ତି। ମୁଁ ନିଶ୍ଚିତ ଯେ, ଯେତେବେଳେ ସେ ବିଜୁ ଜନତା ଦଳରେ ହେଉଥିବା କାର୍ଯ୍ୟକ୍ରମ ସହିତ ଅଭ୍ୟସ୍ତ ହେବେ, ସେ ଦଳର ଜଣେ ଯୋଗ୍ୟ ସଦସ୍ୟ ଭାବରେ ପ୍ରମାଣିତ ହେବେ। ବିଶେଷକରି ମହିଳାମାନଙ୍କ ବିକାଶ ତଥା ▶ପୃଷ୍ଠା-୧୦



## ଦଳ ପାଇଁ ସମ୍ପୂର୍ଣ୍ଣ ନିଷ୍ଠା ଓ ସମର୍ପଣ ଭାବ ନେଇ କାମ କରିବି: ସୁଜାତା



■ ଭୁବନେଶ୍ୱର, ୨୫।୬ (ସମିସ): ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଥିଲେ ଯେ 'କର୍ମଣ୍ୟେ ବାଧିକାରସ୍ତେ, ମା ଫଳେଷୁ କଦାଚନ'। ଆଜି ବି ମୁଁ ସେଇ ଶ୍ଳୋକକୁ ମନେ ରଖିଛି। ପ୍ରତ୍ୟେକ କାମକୁ ନିଷ୍ଠା ଓ ସମର୍ପଣ ଭାବରେ କରି ଆସିଛି। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ, ବିଜେଡିର ସଦସ୍ୟମାନଙ୍କର ଆଶୀର୍ବାଦରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଗକୁ ବି ଅନୁରୂପ ନିଷ୍ଠା ଓ ସମର୍ପଣରେ ଦଳ ପାଇଁ କାମ କରିବି। ଦୀର୍ଘ ୨୪ ବର୍ଷ ଧରି ମୋତେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ମାଟି ଏବଂ ଜନସାଧାରଣଙ୍କ ସେବା କରିବା ପାଇଁ ସୁଯୋଗ ମିଳିଥିଲା। ଆଜି ଓଡ଼ିଶାର ସେବା କରିବାକୁ ପୁଣିଥରେ ନବୀନ ପଟ୍ଟନାୟକ ତାଙ୍କୁ ସୁଯୋଗ ଦେଇଛନ୍ତି ଓ ଏଥିପାଇଁ ସେ କୃତଜ୍ଞ ବୋଲି କହିଛନ୍ତି ସୁଜାତା ରାଉତ। ▶ପୃଷ୍ଠା-୧୦



ସକାଳ THE SAKALA
www.sakalaepaper.com

# ବିଜେଡି 'ମିଶନ'ରେ ସୁଜାତା 'ଶକ୍ତି'



ରାଜ୍ୟର ମା ମାନେ କିପରି ଆତ୍ମନିର୍ଭର ହେବେ, ସ୍ୱାଭିମାନର ସହ ବଞ୍ଚିବେ ସେ ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାରର ରୂପ ଦେଇଥିଲେ ସୁଜାତା ରାଉତ। ମିଶନ ଶକ୍ତି ବିଭାଗର ସଚିବ ଭାବେ ଏହି ଅଭିଯାନକୁ ସେ ଆନ୍ଦୋଳନରେ ପରିଣତ କରିପାରିଥିଲେ। ଫଳସ୍ୱରୂପ ରାଜ୍ୟର ୭୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ସଶକ୍ତ ହେବା ସହ ସ୍ୱାଭିମାନର ସହ ବଞ୍ଚିବା ଆରମ୍ଭ କରିଥିଲେ। ସଫଳ ଉଦ୍ୟୋଗୀ ପାଲଟିବା ସହ ପରିବାରର ଭାର ଉଠାଇଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ବିଭାଗୀୟ ସଚିବ ତଥା କମିଶନର ଭାବେ ସୁଜାତା ନେଇଥିବା କେତେକ ପଦକ୍ଷେପ ମହିଳାଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିବା ନେଇ ସାଧାରଣରେ ଆଜିବି ଆଲୋଚନା ହୁଏ। ମହିଳାମାନେ ଯେପରି କମ୍ ସୁଧରେ ବ୍ୟାଙ୍କ ଋଣ ପାଇପାରିବେ, ସେଥିପାଇଁ ତତ୍କାଳୀନ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିଲେ 'ସୁଧ ରିହାତି' କାର୍ଯ୍ୟକ୍ରମ। ଏହି ପଦକ୍ଷେପ ମହିଳାଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଆଣିବା ସହ ସେମାନଙ୍କୁ ସଫଳ ଉଦ୍ୟୋଗୀରେ

## ଅଭିଯାନରୁ ଆନ୍ଦୋଳନ 'ମିଶନ ଶକ୍ତି'

ପରିଣତ କରିଥିଲା। ଏପରିକି ମହିଳାଙ୍କୁ ତତ୍କାଳୀନ ସରକାର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରିବାକୁ ବ୍ୟବସ୍ଥା କରିଥିଲେ। କେବଳ ୨୦୨୪ ମସିହାରେ ମିଶନ ଶକ୍ତି ମା' ମାନେ ୧୫ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ପାଇଥିଲେ। ପ୍ରତ୍ୟେକ ବ୍ଲକ୍ ଓ ଜିଲ୍ଲା ସ୍ତରରେ ସୁସଜ୍ଜିତ 'ମିଶନ ଶକ୍ତି ଭବନ' ନିର୍ମାଣର ମୁଖ୍ୟ ସ୍ଥପତିଥିଲେ ତତ୍କାଳୀନ ମିଶନ ଶକ୍ତି ସଚିବ ସୁଜାତା। ଏଠାରେ ମହିଳାମାନେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ଓ ପ୍ରଶିକ୍ଷଣ ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଥିଲା। ମିଶନ ଶକ୍ତିରେ କାର୍ଯ୍ୟରତ ସପୋର୍ଟ ଷ୍ଟାଫଙ୍କ ପାଇଁ ସ୍କୁଟି, ମୋବାଇଲ ଫୋନ ସହ ରାଜ୍ୟର ୭୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ୧.୫ ଲକ୍ଷ ଏସଏଚ୍‌ଜି ଲିଡର ମାନଙ୍କ ପାଇଁ ୟୁନିଫର୍ମ ଓ ବ୍ଲେଜର ବ୍ୟବସ୍ଥା କରିଥିଲେ ଶ୍ରୀମତୀ ରାଉତ। ଏପରିକି ତତ୍କାଳୀନ ବିଜେଡି ସରକାର ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ମିଶନ ଶକ୍ତି ବଜାର ଖୋଲାଯାଇଥିବା ବେଳେ ଆସନ୍ତା ୫ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ ୫ ହଜାର ମିଶନ ଶକ୍ତି ବଜାର ଓ ରିଟେଲ୍ ଆଉଟଲେଟ୍ ଖୋଲିବାକୁ ଲକ୍ଷ୍ୟ ରଖିଥିଲେ ସରକାର। ଭୁବନେଶ୍ୱରରେ ମିଶନ ଶକ୍ତି ବଜାର ପରିଦର୍ଶନ ବେଳେ ବିଲ୍ ଗେଟ୍‌ସ ଏହାକୁ ଅନନ୍ୟ ପଦକ୍ଷେପ ବୋଲି ଉଲ୍ଲେଖ କରି ଭୁରିଭୁରି ପ୍ରଶଂସା ମଧ୍ୟ କରିଥିଲେ। ମାମାନଙ୍କୁ ସଫଳ ଉଦ୍ୟୋଗୀ ଭାବେ ଗଢ଼ିତୋଳିବା ପାଇଁ ଏକାଧିକ ପଦକ୍ଷେପ ମଧ୍ୟରେ ସବୁଠାରୁ ଆକର୍ଷଣୀୟ ଥିଲା ଏକ୍ସପୋଜର ଭିଜିଟ। ଏହା ଅଧିନରେ ମହିଳାମାନେ ଦୁବାଇ, ସିଙ୍ଗାପୁରଠାରୁ ଆରମ୍ଭ କରି ବିଭିନନ୍ ଦେଶ ବୁଲିବାକୁ ଯାଇ ପାରିଥିଲେ।



### ହାଇସ୍କୁଲ ଛାତ୍ରୀଙ୍କ ପାଇଁ ସାଇକଲ

ସର୍ବଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବା ପରେ ସୁଜାତାଙ୍କ ବୃତ୍ତିଗତ ଜୀବନ ଆରମ୍ଭ ହୋଇଥିଲା ତତ୍କାଳୀନ ସମୟର ମାଓପ୍ରବଣ ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାରେ। ଚାକିରି ଜୀବନୀ ଆରମ୍ଭରୁ ସେ ଅନେକ ସାମାଜିକ ଓ ଶିକ୍ଷାମୂଳକ ପଦକ୍ଷେପ ନେଇ ଚର୍ଚ୍ଚାକୁ ଆସିଥିଲେ। ୨୦୦୫ ମସିହାରେ 'ଗତିଶୀଳତା ହିଁ ସଶକ୍ତିକରଣ' ସ୍ଲୋଗାନ୍ ଅଧୀନରେ ହାଇସ୍କୁଲ ଛାତ୍ରୀମାନଙ୍କ ପାଇଁ ସାଇକେଲ ବଣ୍ଟନ ଯୋଜନା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଯୋଜନାକୁ ସାରା ରାଜ୍ୟରେ ଲାଗୁ କରାଯାଇଥିଲା।

### ମଧ୍ୟାହ୍ନ ଭୋଜନରେ ଅଣ୍ଡା

୨୦୦୬ ମସିହାରେ ଶ୍ରୀମତୀ ରାଉତ ସୁନ୍ଦରଗଡ଼ ଜିଲ୍ଲାର ସରକାରୀ ବିଦ୍ୟାଳୟଗୁଡ଼ିକର ମଧ୍ୟାହ୍ନ ଭୋଜନ (ଏମ୍‌ଡିଏମ୍) ଯୋଜନାରେଅଣ୍ଡା ସାମିଲ କରାଇଥିଲେ। ଏହି ପଦକ୍ଷେପକୁ ଚାରିଆଡ୍ରୁ ପ୍ରଶଂସା ମିଳିବା ସହ ପରବର୍ତ୍ତୀ ସମୟରେ ସମଗ୍ର ଓଡ଼ିଶାରେ ଲାଗୁ କରାଯାଇଥିଲା। ସୁନ୍ଦରଗଡ଼ରେ କାର୍ଯ୍ୟରତ ସମୟରେ ସେ "ଫୁଟବଲ୍ କଲେକ୍ଟର" ଭାବରେ ମଧ୍ୟ ପରିଚିତ ଥିଲେ। ମାଓବାଦୀ ପ୍ରଭାବିତ ଅଞ୍ଚଳର ଯୁବକ-ଯୁବତୀଙ୍କ ମଧ୍ୟରେ ଫୁଟବଲ ଓ ହକି ପରି କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇ ସେ କ୍ରୀଡ଼ା ସରଞ୍ଜାମ ବଣ୍ଟନ କରିଥିଲେ ଏବଂ ଉଦୀୟମାନ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ହଷ୍ଟେଲ ସ୍ଥାପନ କରିଥିଲେ।

### ପ୍ରସୂତୀଙ୍କ ପାଇଁ 'ମମତା'

ସମାଜ ମଙ୍ଗଳ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିବା ସମୟରେ ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କ ପାଇଁ 'ମମତା' ଯୋଜନା ପ୍ରଚଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସ୍ୱେଚ୍ଛାକୃତ ଅବସର ନେବା ପୂର୍ବରୁ ଶ୍ରୀମତୀ ରାଉତ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗରେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ଥିଲେ। ୨୦୨୫ ମସିହାରେ ସେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ।











## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ନେତୃତ୍ୱ

ଓଡ଼ିଶା ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ। ଇତିହାସରେ ଓଡ଼ିଆ ଭାଷାର ବହୁ ଐତିହ୍ୟ ଓ ଗୌରବମୟ ଅଧ୍ୟାୟ ରହିଛି। ବର୍ତ୍ତମାନର ଯୁଗ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ। ଏହି ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱ ସହିତ ପାଦ ମିଳାଇ ଓଡ଼ିଆ ଭାଷା ଓ ସାହିତ୍ୟ ଭବିଷ୍ୟତର ଆହ୍ୱାନର କିପରି ମୁକାବିଲା କରି ଓଡ଼ିଆ ଭାଷାର ଉନ୍ନତି ଓ ଲୋକପ୍ରିୟ କରିହେବ ତାକୁ ଲକ୍ଷ୍ୟ କରି ଓଡ଼ିଶାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରାଯାଇଥିଲା। ୨୦୨୪ ମସିହା ଫେବୃଆରୀ ମାସରେ ଭୁବନେଶ୍ୱରରେ ହୋଇଥିବା ଏହି ବିରାଟ ସମ୍ମିଳନୀ ଦାୟିତ୍ୱ ନିଜ କାନ୍ଧକୁ ନେଇଥିଲେ ତତ୍କାଳୀନ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ସୁଜାତା ରାଉତ। ୩ ଦିନ ଧରି ଏହି ସମ୍ମିଳନୀରେ ଓଡ଼ିଆ ଭାଷା ପ୍ରସଙ୍ଗରେ ବିଚାରବିମର୍ଶ କରାଯିବା ବୃହତ୍ତର ବିଶ୍ୱଆଡ଼କୁ ଓଡ଼ିଆ ଭାଷା କିପରି ଅଗ୍ରସର ହେବ, ସେଥିନେଇ ମାନସମନ୍ଥନ ହୋଇଥିଲା। ଏହି ସମ୍ମିଳନୀ ଆୟୋଜନ କରାଯିବା ନିମନ୍ତେ ୨୦୨୪ ଡିସେମ୍ବର ୧୯ ତାରିଖରେ ଅନୁଷ୍ଠିତ ଐତିହ୍ୟ କ୍ୟାବିନେଟରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ସମ୍ମିଳନୀ ଯେପରି ବିପୁଳ ସଫଳତା ହାସଲ କରିବ, ସେଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିବା ବେଳେ ସୁଜାତା ହିଁ ଏହି ସମ୍ମିଳନୀର ମଙ୍ଗ ଧରିଥିଲେ। ୩ ଦିନରେ ମୋଟ୍ ୧୭ ଟି ଅଧିବେଶନ ସହ ଓଡ଼ିଆ ଭାଷାର ଉତ୍ପତ୍ତି, କ୍ରମବିକାଶ ଓ ଲୋକପ୍ରିୟତା ଉପରେ ସାରଗର୍ଭକ ଆଲୋଚନା କରାଯାଇଥିଲା।

'ସକାଳ'ର ସ୍ୱାସ୍ଥ୍ୟ

## ୱାଟର ଇନ୍‌ଟକ୍ସିକେସନ୍

ସୁସ୍ଥ ରହିବା ପାଇଁ ଜଣେ ବୟସ୍କ ବ୍ୟକ୍ତି ପ୍ରତିଦିନ ୨ରୁ ୩ ଲିଟର ପାଣି ପିଇବା ଆବଶ୍ୟକ। ପାଣିର ପରିମାଣ ଶରୀରର ଓଜନ, ଜଳବାୟୁ ଶାରୀରିକ ପରିଶ୍ରମ ଆଦି ଉପରେ ନିର୍ଭର କରେ। ସଠିକ୍ ପରିମାଣର ପାଣି ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବା ସହ ବୃକକ୍‌କୁ ସୁସ୍ଥ ରଖେ। ହେଲେ ଅଧିକାଂଶ ଆବଶ୍ୟକତାଠାରୁ ଅଧିକ ପାଣି ପିଅନ୍ତି। ଏହି ଅଭ୍ୟାସ ଜଳ ବିଷାକ୍ତତା କରିପାରେ।



**ଜଳ ବିଷାକ୍ତତା କ'ଣ:** ଶରୀରରେ ଜଳର ମାତ୍ରା ଆବଶ୍ୟକତାଠାରୁ ବଢ଼ିଗଲେ ଏହି ଅବସ୍ଥାକୁ ୱାଟର ଇନ୍‌ଟକ୍ସିକେସନ୍ କୁହାଯାଏ। ସାଧାରଣତଃ ପାଣି ପିଇବା ଦ୍ୱାରା ଶରୀର ଅତ୍ୟଧିକ ପରିମାଣର ଜଳକୁ ଝାଳ ଓ ପରିସ୍ରା ମାଧ୍ୟମରେ ବାହାର କରିଥାଏ। ହେଲେ ଅଧିକ ପାଣି ପିଇବା ଦ୍ୱାରା ଶରୀର ପ୍ରାକୃତିକ ଭାବେ ମାତ୍ରାଧିକ ଜଳକୁ ବାହାର କରି ପାରେନି। ରକ୍ତରେ ସୋଡିୟମ୍ ମାତ୍ରା ହ୍ରାସ ପାଏ। ରକ୍ତରେ ସୋଡିୟମ୍ ହ୍ରାସ ପାଇଲେ ହାଇପୋନାଟ୍ରେମିଆ ଭଳି ପରିସ୍ଥିତି ସୃଷ୍ଟି ହୁଏ। ମାତ୍ରାଧିକ ପାଣି ଶରୀରର କୋଷରେ ଜମିବା ସହିତ ଫୁଲିଥାଏ। ମସ୍ତିଷ୍କରେ ପାଣି ଜମିବା ଦ୍ୱାରା ଖପୁରୀ ଆକାର ବୃଦ୍ଧି ପାଇ ମସ୍ତିଷ୍କର କାର୍ଯ୍ୟକାରିତା ବାଧାପ୍ରାପ୍ତ ହୋଇଥାଏ।

**ଲକ୍ଷଣ:** ଆରମ୍ଭରୁ ମୁଣ୍ଡବିନ୍ଧା, ବାନ୍ତି ଆଦି ଲକ୍ଷଣ ଦେଖାଯାଏ। ଗମ୍ଭୀର ସ୍ଥିତିରେ ମାଂସପେଶୀ ଦୁର୍ବଳ, ସ୍ମୃତିଶକ୍ତି ହ୍ରାସ, ନିଃଶ୍ୱାସ ନେବାରେ ସମସ୍ୟା ଆଦି ହୁଏ।

ତେଣୁ ସର୍ବଦା ନିଜ ଶାରୀରିକ ସ୍ଥିତି ଅନୁସାରେ ପାଣି ପିଇବା ଆବଶ୍ୟକ। ଦିନରେ ଅଳ୍ପ ଅଳ୍ପ କରି ପାଣି ପିଇବା ସହିତ ସୋଡିୟମ, ପୋଟାସିୟମ ଏବଂ ମ୍ୟାଗ୍ନେସିୟମ ପରି ଇଲେକ୍ଟ୍ରୋଲାଇଟ୍‌ସର ସନ୍ତୁଳନ ରଖିବା ଆବଶ୍ୟକ।




## ଏଣ୍ଡୋମେଟ୍ରିଆଲ୍ କ୍ୟାନ୍‌ସର

### ସଚେତନତା ହିଁ ପ୍ରଥମ ସୁରକ୍ଷା

ମହିଳାମାନଙ୍କ ମଧ୍ୟରେ ଦିନକୁ ଦିନ ବୃଦ୍ଧି ପାଉଥିବା କ୍ୟାନ୍‌ସର ରୋଗମାନଙ୍କ ଭିତରୁ ଏଣ୍ଡୋମେଟ୍ରିଆଲ୍ କ୍ୟାନ୍‌ସର ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ଗର୍ଭାଶୟର ଭିତର ପତ୍ର, "ଏଣ୍ଡୋମେଟ୍ରିଅମ୍" ରୁ ଆରମ୍ଭ ହୁଏ। ସାଧାରଣତଃ ରଜୋନିବୃତ୍ତି ପରେ ଥିବା ମହିଳାମାନଙ୍କଠାରେ ଏହି ରୋଗ ଅଧିକ ଦେଖାଯାଏ। କିନ୍ତୁ ବର୍ତ୍ତମାନ ଅନିୟମିତ ଜୀବନଶୈଳୀ ଓ ହର୍‌ମୋନ ଅସନ୍ତୁଳନ ହେତୁ ଯୁବତୀମାନେ ମଧ୍ୟ ଏହି କ୍ୟାନ୍‌ସର ବା କର୍କଟ ରେ ପୀଡ଼ିତ ହେଉଛନ୍ତି।



ଏଣ୍ଡୋମେଟ୍ରିଆଲ୍ କ୍ୟାନ୍‌ସରର ପ୍ରମୁଖ ଲକ୍ଷଣ ହେଲା ଅସାମାନ୍ୟ ଯୋନି ରକ୍ତସ୍ରାବ। ବିଶେଷକରି ରଜୋନିବୃତ୍ତି ପରେ ଯଦି ରକ୍ତସ୍ରାବ ହୁଏ, ତାହାକୁ କେବେ ମଧ୍ୟ ଅବହେଳା କରିବା ଉଚିତ୍ ନୁହେଁ। ଏଥିସହ ତଳ ପେଟରେ ବେଦନା, ଅସାମାନ୍ୟ ସ୍ରାବ, ଓଜନ କମିଯିବା ଓ ଦୁର୍ବଳତା ମଧ୍ୟ ଏହାର ଲକ୍ଷଣ ହୋଇପାରେ।

ଡାକ୍ତରମାନଙ୍କ ମତାନୁସାରେ ଅତ୍ୟଧିକ ମୋଟାପା, ଡାଇବେଟିସ୍, ରକ୍ତଚାପ, ହର୍‌ମୋନ ଅସନ୍ତୁଳନ, ସନ୍ତାନ ନ ହେବା ଏବଂ ପରିବାରରେ କ୍ୟାନ୍‌ସର ଇତିହାସ ଥିବା ମହିଳାମାନଙ୍କଠାରେ ଏହି ରୋଗ ବଢ଼ିଥାଏ। ଠିକ୍ ସମୟରେ ଚିହ୍ନଟ ହେଲେ ଏହି କ୍ୟାନ୍‌ସରର ସଫଳ ଚିକିତ୍ସା ସମ୍ଭବ। ଅଲ୍ଟ୍ରାସାଉଣ୍ଡ, ବାୟୋପ୍ସି ଓ ଅନ୍ୟାନ୍ୟ ପରୀକ୍ଷା ମାଧ୍ୟମରେ ଏହାକୁ ଚିହ୍ନଟ କରାଯାଏ।



ଡାକ୍ତର ଭାଗ୍ୟଲକ୍ଷ୍ମୀ ନାୟକ

ଚିକିତ୍ସା ପ୍ରଣାଳୀରେ ସର୍ଜରୀ, ରେଡିଏସନ୍ ଥେରାପି, କେମୋଥେରାପି ଓ ହର୍‌ମୋନ ଥେରାପି ଅନ୍ତର୍ଭୁକ୍ତ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀଙ୍କ ଅବସ୍ଥାକୁ ଦେଖି ଚିକିତ୍ସା କରାଯାଏ।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ, ସୁସ୍ଥ ଜୀବନଶୈଳୀ ଅନୁସରଣ, ନିୟମିତ ବ୍ୟାୟାମ, ସମତୁଳିତ ଖାଦ୍ୟ ଗ୍ରହଣ ଓ ସମୟ ସମୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଦ୍ୱାରା ଏହି ରୋଗ କମାଇ ପାରିବା। ସଚେତନତା ଓ ଶୀଘ୍ର ଚିକିତ୍ସା ହିଁ ଏଣ୍ଡୋମେଟ୍ରିଆଲ୍ କ୍ୟାନ୍‌ସର ବିରୋଧରେ ସବୁଠାରୁ ବଡ଼ ଅସ୍ତ୍ର।

ପ୍ରଫେସର,
ଗାଇନୋ ଅଙ୍କୋଲୋଜି, ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍‌ସର, କଟକ

## ଘର ବଇଦ

### ଜିହ୍ୱାରୋଗର ଉପଚାର

- ମାଣସାରୁକୁ ଟିକିଟିକି କରି କାଟି ଖରାରେ ଶୁଖାଇ ଅନ୍ତର୍ଧୂମ ଭସ୍ମକରି ସେହି ଭସ୍ମରେ ସୋରିଷ ତେଲ ଓ ସୈନ୍ଧବ ଲବଣ ମିଶାଇ ଜିଭରେ ଲଗାଇଲେ ସକଳ ପ୍ରକାର ଜିହ୍ୱାରୋଗ ଦୂର ହୁଏ।
- ବାଡ଼ିଅଁଳା ଗଛ କାଟି ଜିଭରେ ଲଗାଇବେ ଅଥବା ପାଣିରେ ଗୋଳି କୁଳୁକୁଞ୍ଚା କରିବେ।
- ଛୋଟ ପିଲାଙ୍କର ଜିଭରେ ଘା' ହେଲେ କର୍ପୂର ପାଣିରେ ଜିଭ ଧୋଇବେ ।
- କଞ୍ଚା କଇଞ୍ଚିକାକୁଡ଼ି ଚୋବାଇ ଖାଇଲେ ଜିହ୍ୱାରୋଗ ଭଲ ହୋଇଥାଏ।
- ଦାରୁ ହରିଦ୍ରା ଚୂର୍ଣ୍ଣରେ ମହୁ ମିଶାଇ ଜିଭରେ ଲଗାଇବେ।
- ତେଜପତ୍ରକୁ ପାଣିରେ ଫୁଟାଇ ସେହି ପାଣିରେ କୁଳୁକୁଞ୍ଚା କରିଲେ ଜିହ୍ୱାରୋଗ ଦୂର ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ବର୍ଷାଦିନିଆ ଭାଇରାଲ ଜ୍ୱର

ବର୍ଷାଦିନେ ବାୟୁମଣ୍ଡଳର ଆର୍ଦ୍ରତା ବୃଦ୍ଧି ଓ ସନ୍ତସନ୍ତିଆ ପରିବେଶ ଯୋଗୁଁ ବିଭିନ୍ନ ଜୀବାଣୁ, କୀଟାଣୁ ଓ ଭୂତାଣୁ ସହଜରେ ବିକଶିତ ହୋଇଥାନ୍ତି। ବର୍ଷାରେ ଭିଜିବା ପରେ ନାକରୁ ପାଣି ଗଡ଼ିବା, ତଣ୍ଟି ଦରଜ, ଭାଇରାଲ ଜ୍ୱର ମାମଲା ଆଦି ଦେଖାଯାଏ। ସାଧାରଣତଃ ରୋଗପ୍ରତିରୋଧ ଶକ୍ତି କମିଲେ ଥଣ୍ଡା ଜ୍ୱରରେ ଶିଶୁ ଓ ବୟସ୍କ ଅଧିକ ପ୍ରଭାବିତ ହୁଅନ୍ତି। ସର୍ଦ୍ଦି, ମୁଣ୍ଡବିନ୍ଧା, ନାକରୁ ପାଣି ଗଡ଼ିବା, କାଶ, ଜ୍ୱର ଓ ମାଂସପେଶୀ ବ୍ୟଥା ଏହି ରୋଗର ଲକ୍ଷଣ। ହଠାତ୍ ପାଣିପାଗରେ ପରିବର୍ତ୍ତନ, ଜ୍ୱରରେ ପୀଡ଼ିତଙ୍କ ସହିତ ସିଧାସଳଖ ସଂସ୍ପର୍ଶରେ ଆସିବା ଦ୍ୱାରା ଭାଇରାଲ ଜ୍ୱର ହୋଇଥାଏ। ଅପପୁଷ୍ଟି ଭୋଗ କରୁଥିବା ଶିଶୁ, ଯକ୍ଷ୍ମା ପୀଡ଼ିତ, ଏଡ୍‌ସ ପୀଡିତଙ୍କ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଆଣ୍ଟିବାୟୋଟିକ୍ ଦିଆଯାଏ। ମୁଣ୍ଡବିନ୍ଧା, ଜ୍ୱର ଲାଘବ ପାଇଁ ପାରାସିଟାମଲ ବଟିକା ତଥା ସର୍ଦ୍ଦି ପାଇ କୌଣସି ଅଣ୍ଟାନିରୋଧକ ବଟିକା ଖାଇବାକୁ ଦିଆଯାଏ। ଭାଇରାଲ ଜ୍ୱରରୁ ଉପଶମ ପାଇଁ ଯଥେଷ୍ଟ ପାଣି ସହ ଭିଟାମିନ୍ ଓ ଖାଦ୍ୟସାର ଯୁକ୍ତ ଖାଦ୍ୟ ଖାଇବା ଜରୁରି। ଜ୍ୱରରେ ପୀଡ଼ିତଙ୍କୁ ସର୍ବଦା ବାୟୁଚଳାଚଳ କୋଠରିରେ ରଖିବା ଆବଶ୍ୟକ। ଥଣ୍ଡା ବା ଫ୍ରିଜ୍ ପାଣି ପିଇବା ଅନୁଚିତ। ଖାଇବା ପୂର୍ବରୁ ହାତକୁ ସାବୁନରେ ଭଲଭାବେ ସଫା କରିବା, ସନ୍ତୁଳିତ ଖାଦ୍ୟ ଖାଇବା ଅଭ୍ୟାସ ରଖିବା, ଫଳ ଓ ପରିବାକୁ ଖାଇବା ପୂର୍ବରୁ ଭଲ ଭାବେ ଧୋଇବା ଆବଶ୍ୟକ। ଭାଇରାଲ ଜ୍ୱରରେ ପୀଡ଼ିତ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶ ନେଇ ସଠିକ୍ ଔଷଧ ସେବନ କରିବା ଆବଶ୍ୟକ।

## କୋଲେଷ୍ଟ୍ରଲ ପରୀକ୍ଷା ପୂର୍ବର ସତର୍କତା

ଆଜିକାଲି କୋଲେଷ୍ଟ୍ରଲ ବୃଦ୍ଧି ଏକ ବଡ଼ ସମସ୍ୟା। କୋଲେଷ୍ଟ୍ରଲସ୍ତର ବଢ଼ିଲେ, ହୃଦ୍‌ଘାତ, ହୃତପିଣ୍ଡ ଅଚଳ, ଷ୍ଟ୍ରୋକ୍ ଆଦି ହେବାର ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ରକ୍ତରେ କୋଲେଷ୍ଟ୍ରଲସ୍ତର ନିର୍ଦ୍ଦିଷ୍ଟ ମାତ୍ରାରେ ରଖିବାକୁ ସମୟେ ସମୟେ ଯାଞ୍ଚ ଆବଶ୍ୟକ। କୋଲେଷ୍ଟ୍ରଲ ପରୀକ୍ଷା ଦ୍ୱାରା ହୃଦ୍‌ରୋଗର ତୀବ୍ରତା ଓ ସ୍ଥିତିକୁ ଜାଣିବାରେ ସହାୟକ ହୁଏ। କୋଲେଷ୍ଟ୍ରଲ ଟେଷ୍ଟ ପୂର୍ବରୁ କମ୍ ଚର୍ବିଯୁକ୍ତ ଖାଦ୍ୟ ଗ୍ରହଣ ଭଲ। ପାଖାପାଖି ୪୮ ଘଣ୍ଟା ପୂର୍ବରୁ ଡାଏଟ୍‌ରେ ଫ୍ୟାଟ୍ ମାତ୍ରାକୁ ସୀମିତ କରିବା ଆବଶ୍ୟକ। ଟେଷ୍ଟ ପୂର୍ବରୁ ଉପାସ କରିବା ଅଭ୍ୟାସ ଭଲ। ୧୦ରୁ ୧୨ ଘଣ୍ଟା ଉପାସ ରହି ଟେଷ୍ଟ କରିବା ଦ୍ୱାରା ଟ୍ରାଇଗ୍ଲିସେରାଇଡ୍ ଏବଂ ଏଲ୍‌ଡିଏଲ୍ କୋଲେଷ୍ଟ୍ରଲ ସ୍ତର ମାତ୍ରା ସଠିକ୍ ଜଣାପଡ଼େ। ସେହିପରି ଟେଷ୍ଟ ପୂର୍ବରୁ ମଦ୍ୟପାନ କି ନିଶାସେବନ କରିବା ଅନୁଚିତ। ଏହାଦ୍ୱାରା ଟେଷ୍ଟର ସଠିକ୍ ଫଳାଫଳ ମିଳେନାହିଁ। ସେହିପରି ଏହି ପରୀକ୍ଷା ପୂର୍ବରୁ ଅତ୍ୟଧିକ ଶାରୀରିକ ପରିଶ୍ରମ କରିବା ମଧ୍ୟ ଅନୁଚିତ। କୋଲେଷ୍ଟ୍ରଲ ଟେଷ୍ଟ ପୂର୍ବରୁ ଚିନ୍ତାମୁକ୍ତ ନରହିଲେ ଏହା କୋଲେଷ୍ଟ୍ରଲ ସ୍ତରକୁ ପ୍ରଭାବିତ କରିପାରେ। ଫଳାଫଳ ଭୁଲ୍ ଆସିପାରେ। ସେଥିପାଇଁ ଟେଷ୍ଟର ୪୮ ଘଣ୍ଟା ପୂର୍ବରୁ ଖୁସି ଓ ଶାନ୍ତି ରହିବା ନିହାତି ଆବଶ୍ୟକ। ପରୀକ୍ଷାର ସଠିକ୍ ଫଳାଫଳ ଜାଣିବାକୁ ପ୍ରଚୁର ମାତ୍ରାର ପାଣି ପିଇବା ଆବଶ୍ୟକ। ଦୈନିକ ୨ରୁ ୩ ଲିଟର ପାଣି ପିଇବା ଉଚିତ।

## ଉଚ୍ଚ ରକ୍ତଚାପର ନିୟନ୍ତ୍ରଣ

ବ୍ୟସ୍ତବହୁଳ ଜୀବନଶୈଳୀ, ଖାଦ୍ୟପେୟରେ ଅନିୟମିତତା, ମଧୁମେହ ଆଦି ଯୋଗୁଁ ଉଚ୍ଚ ରକ୍ତଚାପ ହୁଏ। ଏହାକୁ ସଠିକ୍ ସମୟରେ ନିୟନ୍ତ୍ରଣ ନକଲେ ହୃଦ୍‌ଘାତ ଏବଂ ମସ୍ତିଷ୍କାଘାତ ଭଳି ଗମ୍ଭୀର ସମସ୍ୟା ଦେଖାଦେଇପାରେ। ଉଚ୍ଚ ରକ୍ତଚାପରେ ବେକରେ ଯନ୍ତ୍ରଣା, ମୁଣ୍ଡ ବୁଲାଇବା, ହୃଦୟର ଅନିୟମିତ ଗତି, ହାତପାଦ ଥରିବା, ବାରମ୍ବାର ପରିସ୍ରା ଲାଗିବା ଆଦି ଲକ୍ଷଣ ଦେଖାଯାଏ। ଉଚ୍ଚ ରକ୍ତ ଚାପ ଥିଲେ ତେଲ ଓ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ, ଆମିଷ ଆଦି ଖାଦ୍ୟ ବଦଳରେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଜରୁରୀ। ଦୈନନ୍ଦିନ ଖାଦ୍ୟରେ କମ୍ ଲୁଣ, ଅଯଥା ଚିନ୍ତା, ଅବସାଦରୁ ଦୂରେଇ ରହିବା, ଶର୍କରାଜାତୀୟ ଖାଦ୍ୟ କମ୍ ଖାଇବା, ଦିନକୁ ଅତିକମ୍‌ରେ ୭ରୁ ୮ ଘଣ୍ଟା ଶୋଇବା ଆବଶ୍ୟକ। ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାକୁ ନିଶା ସେବନଠାରୁ ଦୂରେଇ ରହିବା ଫଳପ୍ରଦ। ଶରୀରର ଓଜନକୁ ସନ୍ତୁଳିତ ରଖିବା ଜରୁରୀ। ଏଥିପାଇଁ ସପ୍ତାହକୁ ୧୫୦ ମିନିଟ୍ ବ୍ୟାୟାମ କରିପାରିବେ।

## ବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ପୁରୁଷ ବନ୍ଧୁ ସହ ମିଶି ସ୍ୱାମୀଙ୍କୁ ମାରିଦେଲା

ଇବଥର୍ମାଲ,୨୫ ।୬(ସମିସ): ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା ସାଗରପାଲି ସାହୁପଡା ଡୁଙ୍ଗୁରିପଡ଼ାରେ ବିଲରୁ ଜଣେ ଯୁବକଙ୍କ ଶବ ଜବତ ଘଟଣା ଉପରୁ ରହସ୍ୟ ଫିଟିଛି । ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଛି । ପୁରୁଷ ବନ୍ଧୁ ସହ ମିଶି ସ୍ତ୍ରୀ ନିଜ ସ୍ୱାମୀକୁ ହତ୍ୟାକରି ବିଲରେ ଫିଙ୍ଗି ଦେଇଥିଲା ବୋଲି ଜଣା ପଡିଛି । ଏହି ଘଟଣାରେ ପୁଲିସ ମୃତକଙ୍କ ସ୍ତ୍ରୀ ଗୀତା ମିର୍ଦ୍ଧା (୪୦) ଓ ତା' ସହଯୋଗୀ ଟିକିନୁ କିଶାନ (୪୪)ଙ୍କୁ ଗିରଫ କରିଛି ।

ମୃତକ ଶକ୍ତିଧର ସାହୁ (୩୮) ମୂଳତଃ ଅନୁଗୁଳ ଜିଲ୍ଲା ଖଣ୍ଡହତା ଗ୍ରାମର ବାସିନ୍ଦା । ସେ ଗୀତାଙ୍କ ସହ ଦୀର୍ଘ ବର୍ଷ ଧରି ରହୁଥିଲେ । ତାଙ୍କର ଦୁଇ ଜଣ କନ୍ୟା ସନ୍ତାନ ରହିଛନ୍ତି ।



ପରିବାରିକ କଳହ, ଶକ୍ତିଧରଙ୍କ ମଦ୍ୟପାନ ଅଭ୍ୟାସ ଓ ପାରସ୍ପରିକ ସମ୍ପର୍କରେ ଅବନତି ଯୋଗୁଁ ଘରେ ପ୍ରାୟତଃ ବିବାଦ ଲାଗି ରହୁଥିଲା । ୨୩ ରାତିରେ ଶକ୍ତିଧର, ଗୀତା ଏବଂ ଟିକିନୁଙ୍କ ମଧ୍ୟରେ ବଚସା ହୋଇଥିଲା । ବିବାଦ ଉଗ୍ର ରୂପ ନେବା ପରେ ଟିକିନୁ ଶକ୍ତିଧରଙ୍କୁ ଧକ୍କା ଦେଇ ତଳେ ପକାଇ ଦେଇଥିଲା । ଏହାପରେ ଗୀତା ଏକ କାଠରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା । ଗୁରୁତର ଆଘାତ ଯୋଗୁଁ ଘଟଣାସ୍ଥଳରେ ହିଁ ଶକ୍ତିଧରଙ୍କ ମୃତ୍ୟୁ ଘଟିଥିଲା । ହତ୍ୟା ପରେ ଅଭିଯୁକ୍ତ ଦୟ ମିଶି ମୃତଦେହକୁ ନିକଟସ୍ଥ ବିଲକୁ ନେଇ ଫିଙ୍ଗି ଦେଇଥିଲେ । ସକାଳେ ଚାଷ ଜମିରେ ଶକ୍ତିଧରଙ୍କ ମୃତଦେହ ପଡ଼ିଥିବା ଖବର ପାଇ ରେଙ୍ଗାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍ର ସହାୟତାରେ ତଦନ୍ତ ଆରମ୍ଭ ହୋଇଥିଲା । ପୁଲିସ ଟେକ୍ନିକାଲ ଇନ୍‌ପୁଟ୍, ସ୍ଥାନୀୟ ସୂଚନା ଓ ଜେରା ଆଧାରରେ ଗୀତା ଓ ଟିକିନୁଙ୍କୁ ଅଟକ ରଖି ପଚରାଉଚରା କରିଥିଲା । ପରେ ଉଭୟେ ଅପରାଧରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା । ସେମାନଙ୍କ ନିକଟରୁ ରକ୍ତଲଗା ପୋଷାକ, ରକ୍ତ ଚିହ୍ନ ଥିବା ଆଙ୍ଗୁଠି, ହତ୍ୟାରେ ବ୍ୟବହୃତ ସନ୍ଦେହ କରାଯାଉଥିବା କାଠ ଖଣ୍ଡ ସହ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ଦୁଇଜଣଙ୍କୁ ଗୁରୁବାର ଲଖନପୁର ଜେଏମଏଫସି ଅଦାଲତରେ ହାଜର କରାଯାଇଥିଲା । ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ରେଙ୍ଗାଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

**ସହଯୋଗୀ ସହ ମହିଳା ଗିରଫ**

# ଜେଲ୍ ଡିଜିଙ୍କ ବିରୋଧରେ ସାଂସଦଙ୍କ ଏତଲା

**■ କଏଦୀ ଫେରାରରେ ଜେଲ ଡିଜିଙ୍କ ଭୂମିକା ସନ୍ଦେହରେ**
**■ ଜେଲ ଅଧିକାରୀଙ୍କୁ ଘଣ୍ଟ ଘୋଡ଼ାକୁ ନେଇ ଉଠାଇଲେ ପ୍ରଶ୍ନ**

ଭୁବନେଶ୍ୱର ୨୫ ।୬ (ସମିସ): ଚୌଦ୍ୱାର ସର୍କଲ ଜେଲ୍ ପାଚେରି ଡେଇଁ ଦୁଇ କଏଦୀ ଫେରାର ଘଟଣା ନୂଆ ମୋଡ଼ ନେଇଛି । ଜେଲର ବରିଷ୍ଠ ଅଧୀକ୍ଷକଙ୍କୁ ନେଇ ୯ ମାସ ହେବ ବିବାଦ ଲାଗିରହିଥିବାବେଳେ ଶାସକ ବିଜେପିର ଜଣେ ସାଂସଦ ସିଧାସଳଖ ଜେଲ୍ ଡିଜିଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଚୌଦ୍ୱାର କଏଦୀ ଫେରାର ଘଟଣାରେ ଜେଲ ଡିଜି ଓ ତାଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ସମ୍ପୃକ୍ତ ଥିବା ସାଂଘାତିକ ଅଭିଯୋଗ ଆଣି ଥାନାରେ ଏତଲା ଦେଇଛନ୍ତି । ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି । ଯେଉଁ ସମୟରେ ବିରୋଧୀ ରାଜ୍ୟର ଆଇନଶୃଙ୍ଖଳା ପ୍ରସଙ୍ଗରେ ସରକାରଙ୍କୁ ଘେରିବା ସହ ଜେଲରେ ଚାଲିଥିବା ଅବ୍ୟବସ୍ଥା ଓ ଅରାଜକତାକୁ ନେଇ ପ୍ରଶ୍ନ ଉଠାଉଛନ୍ତି; ସେହି ସମୟରେ ଶାସକ ଦଳର ସାଂସଦ ସୁଜିତ୍ କୁମାର ଜେଲ ଡିଜି ଓ ଚୌଦ୍ୱାର ଥାନାର ବରିଷ୍ଠ ଅଧୀକ୍ଷକଙ୍କ ବିରୋଧରେ ଆଣିଥିବା ସାଂଘାତିକ ଅଭିଯୋଗ ସରକାରଙ୍କୁ ବି ଅକଳରେ ପକାଇଛି । ଚୌଦ୍ୱାର ଜେଲରୁ କଏଦୀ ଫେରାର ହେବାଠାରୁ ଆରମ୍ଭ କରି ଦସ୍ତଖତ ଜାଲିଆତି ଓ ସରକାରୀ ରେକର୍ଡ ହେରଫେରରେ ଜେଲ୍ ଡିଜି ଓ ବରିଷ୍ଠ ଅଧୀକ୍ଷକ ସଂପୃକ୍ତି ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି ।

ଅଭିଯୋଗ ଅନୁସାରେ ଗତବର୍ଷ ଅକ୍ଟୋବର ମାସ ୨/୩ ତାରିଖ ରାତିରେ ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ମଧୁକାନ୍ତ ରଣା ଓ ରାଜା ସାହାଣୀ ଚୌଦ୍ୱାର ଜେଲ୍ ପାଚେରି ଡେଇଁ ଫେରାର ହୋଇ ଯାଇଥିଲେ । ଏହାକୁ ନେଇ ଜେଲ୍ କର୍ତ୍ତୃପକ୍ଷଙ୍କ ଅଭିଯୋଗ କ୍ରମେ ପକ୍ଷରୁ ଚୌଦ୍ୱାର ଥାନାରେ ମାମଲା ରୁଜୁ ହୋଇଛି । କିନ୍ତୁ ଜେଲ ଡିଜି ଓ ତାଙ୍କ କାର୍ଯ୍ୟାଳୟର କିଛି ବରିଷ୍ଠ ଅଧିକାରୀମାନେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଫେରାର କରାଇବାରେ ସଂପୃକ୍ତ ଅଛନ୍ତି । ଏହାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ । କଏଦୀ ଫେରାର ହେବା ପଛରେ ଦାୟୀ ଅଧିକାରୀଙ୍କୁ ସୁରକ୍ଷା ଦେବାପାଇଁ ଦସ୍ତଖତ ଜାଲିଆତି, ସରକାରୀ କାଗଜପତ୍ର ହେରଫେର, ସରକାରୀ ରେକର୍ଡ ସହିତ ହେରଫେର ଓ ସରକାରୀ ପଦବୀର ଅପବ୍ୟବହାର କରାଯାଇଛି । କଏଦୀ ଫେରାର ନେଇ ପୂର୍ବରୁ ମାମଲା ରୁଜୁ ହୋଇଥିଲା । କିନ୍ତୁ ଘଟଣାରେ ଜେଲ୍ ବିଭାଗର ବରିଷ୍ଠ ଅଧିକାରୀମାନେ ସଂପୃକ୍ତ ଥିବାର ଉଲ୍ଲେଖ ନଥିଲା । ତେଣୁ ବର୍ତ୍ତମାନର ଅଭିଯୋଗ ଆଧାରରେ ଆଉ ଏକ ମାମଲା ରୁଜୁ କରିବାକୁ ସାଂସଦ ସୁଜିତ ଉଲ୍ଲେଖ କରିଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶନାମା, ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଦିଆ ନିଆ ହୋଇଥିବା ତଥ୍ୟ ଓ ଅନ୍ୟାନ୍ୟ ସୂତ୍ର କହୁଛି ଯେ, ଚୌଦ୍ୱାର ଜେଲର ବରିଷ୍ଠ ଅଧୀକ୍ଷକ ଦୁଇ କଏଦୀଙ୍କୁ ଫେରାର ଘଟଣାରେ ସଂପୃକ୍ତ ଅଛନ୍ତି । ଏହା ସହିତ ଅପରାଧିକ ଷଡ଼ଯନ୍ତ୍ର କରି ତଥ୍ୟ ଚାପିବା ସହ ଦସ୍ତଖତ ଜାଲିଆତି କରି ନିରପେକ୍ଷ ତଦନ୍ତରେ ବାଧା ସୃଷ୍ଟି କରିଛନ୍ତି । ସେପଟେ ଜେଲ୍ ଡିଜି ସୁଶାନ୍ତ ନାଥ ବରିଷ୍ଠ ଅଧୀକ୍ଷକ ଶ୍ରୀ ରାଉଳଙ୍କ ପ୍ରଚ୍ଛଦପଟରେ ରହି ତାଙ୍କୁ ବିଭିନ୍ନ ହେରଫେର କରିବାକୁ ସୁଯୋଗ ଦେଇଛନ୍ତି । ତେଣୁ ବରିଷ୍ଠ ଅଧୀକ୍ଷକ ଶ୍ରୀ ରାଉଳ ଓ ଜେଲ୍ ଡିଜି ଶ୍ରୀ ନାଥଙ୍କ ନାମରେ ଆବଶ୍ୟକୀୟ ବିଏନ୍‌ଏସ୍ ଦଫା ଲଗାଇ ମାମଲା ରୁଜୁ କରଯାଉ ବୋଲି ସେ କହିଛନ୍ତି ।

ନିକଟରେ ଉପବାଚସ୍ପତିଙ୍କ ଦସ୍ତଖତ ଜାଲିଆତି କରିଥିବା ଅଭିଯୋଗ ଆସିବା ପରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରିଥିଲା । କେବଳ ଲିଖିତ ଏତଲା ଆଧାରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମଙ୍କୁ ଗିରଫ କରିଥିଲା । ଅନୁରୂପ ଭାବେ ଜେଲରୁ କଏଦୀ ଫେରାର ହେବାଠାରୁ ଆରମ୍ଭ କରି କାଗଜପତ୍ର ହେରଫେର ଓ ଦସ୍ତଖତ ଜାଲିଆତିର ପ୍ରାଥମିକ ପ୍ରମାଣ ରହିଥିବାରୁ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସେ ଦାବି କରିଛନ୍ତି ।

## ପୁଣି ଅଶାନ୍ତ ବାଲେଶ୍ୱର

# ଯୁବ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

**ବାଲେଶ୍ୱର, ୨୫।୬ (ସମିସ):** ପୁଣି ବାଲେଶ୍ୱର ସହର ହୋଇଛି ଅଶାନ୍ତ । ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଟଳି ପଡିଛନ୍ତି ଯୁବ ବ୍ୟବସାୟୀ । ବାଲେଶ୍ୱର ସହର ସହଦେବଖୁଣ୍ଟା ଥାନା ଅଡର ବଜାରରେ ଗୁରୁବାର ଅପରାହ୍ନ ପ୍ରାୟ ୩ଟାରୁ ୩.୩୦ମିନିଟ ମଧ୍ୟରେ ବାଇକରେ ଦୁଇ ଜଣ ଦୁର୍ବୃତ୍ତ ଆସି ବ୍ୟବସାୟୀଙ୍କୁ ଗୁଳିମାଡ଼ କରିଛନ୍ତି । ଗୁଳିମାଡରେ ବ୍ୟବସାୟୀ ଏସକେ ହମିଦଙ୍କ ମୃତ୍ୟୁ ଘଟିଛି । ଦୁର୍ବୃତ୍ତମାନେ ତାଙ୍କ ଉପରକୁ ୮ ରାଉଣ୍ଡ ଗୁଳିମାଡ଼ କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି ।

ମିଳିଥିବା ସୂଚନା ଅନୁସାରେ ଶେଖ ହମିଦ ନିଜ କାରରେ ଅଡର ବଜାରକୁ ଆସୁଥିଲେ । ଏହି ସମୟରେ ଦୁଇ ଜଣ ଅଜଣା ଦୁର୍ବୃତ୍ତ ଏକ ବାଇକରେ ତାଙ୍କୁ ପିଛା କରୁଥିଲେ । ହମିଦ କାରରୁ ଓହ୍ଲାଇବା ମାତ୍ରେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଅତର୍କିତ ଭାବେ ଗୁଳିଚାଳନା କରି ଫେରାର ହୋଇଯାଇଥିଲେ । ଗୁଳିମାଡ଼ ପରେ ହମିଦ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ । ଘଟଣାସ୍ଥଳରେ ଉପସ୍ଥିତ ଲୋକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ମେଡିକାଲ ନେଇଥିଲେ । ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସହଦେବଖୁଣ୍ଟା ପୁଲିସ ଓ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଆକ୍ରମଣକାରୀମାନଙ୍କୁ ଚିହ୍ନଟ କରିବା ପାଇଁ ନିକଟସ୍ଥ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବା ବେଳେ, ଗୁଳିକାଣ୍ଡ ପଛର କାରଣ ନେଇ ମଧ୍ୟ ଖୋଳତାଡ଼ ଚାଲିଛି ।



ପୂର୍ବ ଶତ୍ରୁତା, ବ୍ୟବସାୟିକ ବିବାଦ କିମ୍ବା ଅନ୍ୟ କୌଣସି କାରଣ ରହିଛି କି ନାହିଁ, ସେ ଦିଗରେ ପୁଲିସ ତଦନ୍ତ କରୁଛି ।

ବାଲେଶ୍ୱରରେ ବେଆଇନ ବନ୍ଧୁକ ସବୁ ଗର୍ଜୁ ଥିବା ବେଳେ ସୁପାରୀ କିଲର ପୁଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛନ୍ତି । ଗୁଳିକାଣ୍ଡ ପରେ ବାଲେଶ୍ୱର ପ୍ରବେଶ ପଥରେ ପୁଲିସ ନାକା ଲଗାଇ ଖୋଳତାଡ଼ କରାଯାଉଛି ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର କହିଛନ୍ତି । ଏହି ମାମଲାର ଶୀଘ୍ର ପର୍ଦ୍ଦାଫାସ କରିବା ପାଇଁ ବିଭିନ୍ନ ଥାନାରୁ ୪ଟି ଟିମ୍ ଏବଂ ସ୍ପେଶାଲ ସ୍କ୍ୱାଡ୍ ଗଠନ କରାଯାଇ ତଦନ୍ତ ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ କାହାକୁ ଅଟକ ରଖାଯାଇ ନାହିଁ । ହତ୍ୟାକାଣ୍ଡର ପ୍ରକୃତ ଉଦ୍ଦେଶ୍ୟ (ପୂର୍ବ ଶତ୍ରୁତା ବା ଅନ୍ୟ କିଛି) ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ପୁଲିସ ସବୁ ଦିଗକୁ ନେଇ ଯାଞ୍ଚ କରୁଛି । ମୃତ ବ୍ୟବସାୟୀଙ୍କ ବାଲେଶ୍ୱର ରେମୁଣା ଅଞ୍ଚଳରେ ଫ୍ରିଡମ ଫେଶନ ନାମକ କାର୍ ଅସୋସରିଜ ସୋରୁମ ରହିଛି । ମୃତ ବ୍ୟବସାୟୀଙ୍କ ପରିବାରକୁ ସାନ୍ତ୍ୱନା ଦେବାପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମେଡିକାଲରେ ପହଞ୍ଚିଥିଲେ । ଦିନ ଦ୍ୱିପ୍ରହରେ ଆତଙ୍କବାଦୀ ଭଳି ଗୁଳି ଫୁଟାଇ ହତ୍ୟା କରିବା ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ବୋଲି ସାଂସଦ ଷଡ଼ଙ୍ଗୀ କହିଛନ୍ତି ।

## ପୀତବାସ ହତ୍ୟା ମାମଲା

# କୋର୍ଟରେ ପୁଲିସ ଦାଖଲ କଲା ଚୂଡ଼ାନ୍ତ ଚାର୍ଜସିଟ୍

ବ୍ରହ୍ମପୁର,୨୫।୬(ସମିସ): ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ପୁଲିସ ପକ୍ଷରୁ ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଚୂଡାନ୍ତ ଚାର୍ଜସିଟ ଦାଖଲ କରାଯାଇଛି । ୩୯ ୬ପୃଷ୍ଠା ସମ୍ବଳିତ ପୃଥକ ପୃଥକ ଭାବେ ମୋଟ ୧୮ ଟି କପି ଆଜି ଏସଡିଜେଏମଙ୍କ କୋର୍ଟରେ ଦାଖଲ କରାଯାଇଛି । ହତ୍ୟା ଘଟଣାକୁ ୯ମାସ ବିତିବାକୁ ବସିଥିବା ବେଳେ ଏଥିରେ ମୋଟ ୧୬ଜଣଙ୍କୁ ଗିରଫ କରାଯାଇଛି । ପ୍ରାଥମିକ ଚାର୍ଜସିଟ ଦାଖଲ କରି ମାମଲାର ତଦନ୍ତକୁ ପୁଲିସ ମୁକ୍ତ ରଖିଥିବାରୁ ଚୂଡାନ୍ତ ଚାର୍ଜସିଟ ଦାଖଲ ସମୟରେ ଆଉ କିଛି ନୂତନ ତଥ୍ୟ ସହିତ ଅନ୍ୟ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଘଟଣାରେ ଗିରଫ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା ।

### ଜୁଲାଇ ୪ରେ ଡିସଚାର୍ଜ ଆବେଦନର ଶୁଣାଣି

ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଅଭିଯୁକ୍ତଙ୍କ ପକ୍ଷରୁ ଡିସଚାର୍ଜ ଆବେଦନର ଅନ୍ତିମ ତଥା ଶେଷ ପର୍ଯ୍ୟାୟ ଶୁଣାଣି ପ୍ରଭାବିତ ହୋଇଥିବା ଜଣାପଡିଛି । ପୁଲିସ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ଚୂଡାନ୍ତ ଚାର୍ଜସିଟ ସମ୍ପର୍କରେ ନିଜେ ସ୍ୱତନ୍ତ୍ର ପିପିଙ୍କ ନିକଟରେ ଖବର ନଥିବା ବେଳେ ପ୍ରତିପକ୍ଷ ତଥା ଅଭିଯୁକ୍ତଙ୍କ ଓକିଲଙ୍କ ନିକଟରେ ଚୂଡାନ୍ତ ଚାର୍ଜସିଟର କୌଣସି ନକଲ କପି ନଥିବାରୁ ଆଜି ଶୁଣାଣି ହୋଇପାରି ନାହିଁ । ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୪ତାରିଖରେ କରିବାକୁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି ।। ପରେ ସ୍ୱତନ୍ତ୍ର ପିପି ପୁଲିସ ଦ୍ୱାରା ଦାଖଲ ଚୂଡାନ୍ତ ଚାର୍ଜସିଟ କପି ପାଇଁ ସିଏସଆଇ କାର୍ଯ୍ୟାଳୟରେ ଆବେଦନ କରିଥିବା ଜଣାପଡିଛି । ପ୍ରତିପକ୍ଷ ଓକିଲଙ୍କୁ ମାମଲା ସମ୍ପର୍କିତ ସମସ୍ତ ତଥ୍ୟ ଓ ଦଲିଲ ଯୋଗାଣର ୬୦ଦିନରେ ଡିସଚାର୍ଜ ପିଟିସନ ଦାଖଲ ଓ ତାହାର ଶୁଣାଣି ହୋଇପାରିବା ନେଇ ନିୟମ ଥିବା ପ୍ରତିପକ୍ଷଙ୍କ ଓକିଲ କହିଛନ୍ତି । ତେଣୁ ଏହି ମାମଲାର ଟ୍ରାଏଲ ଆଉ ଦୁଇମାସ ଗଡିବ ବୋଲି କୁହାଯାଉଛି ।

ଆଜି କୋର୍ଟରେ ଡିସଚାର୍ଜ ପିଟିସନ ଉପରେ କୌଣସି ଶୁଣାଣି ହୋଇପାରିନଥିବା ବେଳେ ହତ୍ୟାକାଣ୍ଡରେ ଗିରଫ ହୋଇଥିବା ଅନ୍ୟତମ ପ୍ରମୁଖ ଅଭିଯୁକ୍ତ ଉମା ବିଶୋୟୀଙ୍କ ଚିକିତ୍ସା ପାଇଁ ଗତ ଏପ୍ରିଲ ୨୪ତାରିଖରେ କୋର୍ଟରେ ତାଙ୍କ ପକ୍ଷରୁ ଓକିଲ ସୁମିତ୍ରୋ ଦାସ ପିଟିସନ ଦାଖଲ କରିଥିଲେ । ପିଟିସନର ଶୁଣାଣି କରି କୋର୍ଟ କଡା ସୁରକ୍ଷା ବଳୟ ମଧ୍ୟରେ ଉମା ବିଶୋୟୀଙ୍କୁ ଏମକେସିଜି ମେଡିକାଲରେ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ନିର୍ଦ୍ଦେଶର ଦିର୍ଘ ପ୍ରାୟ ୩ମାସ ପରେ ମଧ୍ୟ ତାହାକୁ ପାଳନ କରାଯାଇନଥିବା ଅଭିଯୋଗ ହୋଇଛି । ଅସୁସ୍ଥ ଉମା ବିଶୋୟୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ପିଟିସନ ଓ କୋର୍ଟଙ୍କ ନିର୍ଦ୍ଦେଶକକୁ ନେଇ ତାଙ୍କ ଓକିଲ ପ୍ରଶ୍ନ ଉଠାଇଥିଲେ । ଏହା ଅବଗତ ହେବାପରେ କୋର୍ଟ ବିରକ୍ତି ପ୍ରକାଶ କରିଥିଲେ । ଏସକର୍ଟ ଅଭାବ ଆଳରେ ପୁଲିସ ଉମାଙ୍କୁ ଚିକିତ୍ସା ପାଇଁ ମେଡିକଲକୁ ନନେବା ଆଦୌ ଯୁକ୍ତିକର ନୁହେଁ ବୋଲି କହିବା ସହ ତୁରନ୍ତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଥିବା ଉମାଙ୍କ ଓକିଲ ସୁମିତ୍ରୋ ଦାସ ସୂଚନା ଦେଇଛନ୍ତି । ସେହିଭଳି ଅନ୍ୟତମ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ଦଳେଇଙ୍କୁ ମଧ୍ୟ ଅନ୍ୟତ୍ର ସ୍ଥାନାନ୍ତର କରି ଅସ୍ତ୍ରୋପଚାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ହୋଇଥିଲେ ହେଁ ତାହାକୁ କାର୍ଯ୍ୟକାରୀ କରାଯାଇନଥିବା ଜଣାପଡିଛି ।

# ତଦନ୍ତ ଆଳରେ ଦରମା ବନ୍ଦ କରାଯାଇପାରିବ ନାହିଁ: ହାଇକୋର୍ଟ

କଟକ,୨୫ ।୬(ସମିସ): ଜଣେ କର୍ମଚାରୀ ନିଲମ୍ବିତ ନ ହୋଇ କାର୍ଯ୍ୟରତ ଥିବା ସମୟରେ ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତକୁ ଆଳ କରି ଦରମା ବନ୍ଦ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ଦେଇଛନ୍ତି । ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ରାଜ୍ୟ ସରକାରଙ୍କ ଆବେଦନ ଦୀର୍ଘ ୨୩୧ ଦିନ ବିଳମ୍ବରେ ହୋଇଥିବା ଏବଂ ବିଳମ୍ବର କୌଣସି ସନ୍ତୋଷଜନକ କାରଣ ନ ଥିବାରୁ ହାଇକୋର୍ଟ ଏହାକୁ ଗ୍ରହଣ କରିନାହାନ୍ତି । ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିବା ସହ ଆଗାମୀ ୮ ସପ୍ତାହ ମଧ୍ୟରେ ଏହି ମାମଲାର ପ୍ରତିପକ୍ଷ ସୁନୀଲ କୁମାର ଭଇଁସାଙ୍କ ବକେୟା ସମସ୍ତ ଦରମା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟ କହିଛନ୍ତି ଯେ ଯଦି ଜଣେ କର୍ମଚାରୀ ନିଜର ଦାୟିତ୍ୱ ସମ୍ପାଦନ କରୁଛନ୍ତି, ତେବେ ତାଙ୍କର ଦରମା ବନ୍ଦ କରିବା ସମ୍ବିଧାନର ଅନୁଚ୍ଛେଦ ୨୩ ଅନୁଯାୟୀ 'ବେଗାରୀ' ବା ବାଧ୍ୟତାମୂଳକ ଶ୍ରମ ସଦୃଶ' । ଏପରିକି ଜେଲରେ ଥିବା କଏଦୀ ବି ଶ୍ରମ ବଦଳରେ ନ୍ୟାଯ୍ୟ ମଜୁରି ପାଇବାକୁ ହକଦାର ହୋଇଥିବା ବେଳେ ପ୍ରତିପକ୍ଷ କର୍ମଚାରୀଙ୍କୁ ଏଥିରୁ ବଞ୍ଚିତ କରାଯାଇପାରିବ ନାହିଁ । ମାମଲାର ବିବରଣୀରୁ ପ୍ରକାଶ ଯେ, ସମ୍ବଲପୁର ମାନେଶ୍ୱରସ୍ଥିତ ମାନ୍ଧାତା ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସୁନୀଲ କୁମାର ଭଇଁସାଙ୍କ ବିରୋଧରେ ଜାଲ୍ ସାର୍ଟିଫିକେଟ୍ ଅଭିଯୋଗରେ ଏକ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା । ଏହି ଆଧାରରେ ରାଜ୍ୟ ସରକାର ନଭେମ୍ବର ୨୦୨୨ରୁ ତାଙ୍କର ଦରମା ବନ୍ଦ କରିଦେଇଥିଲେ । ଏହା ବିରୋଧରେ ସୁନୀଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଯେପର୍ଯ୍ୟନ୍ତ କର୍ମଚାରୀ ଜଣକ ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି ଓ ସେ କାର୍ଯ୍ୟ କରୁଥିବାରୁ ଦରମା ପାଇବାକୁ ହକଦାର ବୋଲି ଜଣିକିଆ ବିଚାରପତି ଗତ ୨୦୨୪ ଏପ୍ରିଲ ୨୪ରେ ରାୟ ଦେଇଥିଲେ । ଏପରିକି ୪ସପ୍ତାହ ଭିତରେ ସମ୍ପୃକ୍ତ କର୍ମଚାରୀଙ୍କ ଗତ ୨୦୨୨ ନଭେମ୍ବରରୁ ଅଟକିଥିବା ଦରମା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ବିରୋଧରେ ରାଜ୍ୟ ସରକାରଙ୍କ ତରଫରୁ ଦୁଇଜଣିଆ ଖଣ୍ଡପୀଠରେ ଏକ ଅପିଲ୍ ଦାୟର କରାଯାଇଥିଲା ।

**ବିଚାରାଧୀନ କଏଦୀ ନ୍ୟାଯ୍ୟ ପ୍ରାପ୍ୟ ପାଇଁ ହକ୍‌ଦାର**

**■ ଚାଷୀଙ୍କ ପ୍ରତି ଡବଲ ଇଞ୍ଜିନର ଚରମ ଉଦାସୀନତା**

# ଫସଲ ବୀମା ପଞ୍ଜୀକରଣ ପାଇଁ ବିଜ୍ଞପ୍ତି ପ୍ରକାଶ ନୋହିଲା

ଭୁବନେଶ୍ୱର,୨୫।୬(ସମିସ): ଏବର୍ଷ ଏଲ୍‌ନିନୋ ପ୍ରଭାବ ହେତୁ ଚାଷ କାମ ବଡ଼ ଧରଣରେ ପ୍ରଭାବିତ ହେବା ଆଶଙ୍କା ରହିଛି । ବିଶେଷକରି ଖରିଫ ଋତୁରେ ବର୍ଷାର ଅନିୟମିତତା ଯୋଗୁଁ ଧାନ ଚାଷ ପ୍ରଭାବିତ ହୋଇପାରେ ବୋଲି ଅନୁମାନ କରାଯାଉଛି । ଏଥିପାଇଁ ଚଳିତ ବର୍ଷ ଚାଷକୁ ନେଇ ରାଜ୍ୟର ଚାଷୀକୁଳ ଭୟ ଆଶଙ୍କାରେ ରହିଛି । ତେବେ ଏ ସବୁ ଭିତରେ ଚାଷୀଙ୍କୁ ଆର୍ôଥକ ସୁରକ୍ଷା ପ୍ରଦାନ କରିବାକୁ ଉତ୍ତରଦାୟିତ୍ୱ ନେଇଥିବା ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି । କାରଣ ଏ ବର୍ଷ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କ ନାମ ପଞ୍ଜୀକରଣ କରିବା ପାଇଁ ସରକାର କୌଣସି ବିଜ୍ଞପ୍ତି ଜାରି କରି ନାହାନ୍ତି । ସାଧାରଣ ଭାବେ ମେ' ଶେଷ କିମ୍ବା ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ପଞ୍ଜୀକରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥାଏ । ଜୁଲାଇ ଶେଷ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହେ । ହେଲେ ଚଳିତ ବର୍ଷ ଜୁନ୍ ମାସ ଶେଷ ହେବାକୁ ବସିଥିଲେ ମଧ୍ୟ ଏହି ବିଜ୍ଞପ୍ତି ପ୍ରକାଶ ନ ପାଇବାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଏହି ଘଟଣାକୁ ନେଇ ରାଜ୍ୟ କଂଗ୍ରେସର ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ସେ କହିଛନ୍ତି, ବିଗତ ୨ ବର୍ଷ ହେଲା ଅନୁକୂଳ ଜଳବାୟୁ ହେତୁ ବୀମା କମ୍ପାନୀମାନେ ସରକାରଙ୍କଠାରୁ ଢେର ଫାଇଦା ଉଠାଇଛନ୍ତି । ଚଳିତ ଖରିଫ୍ ବର୍ଷରେ ଏଲ-ନିନୋ ପ୍ରଭାବରେ ଫସଲ ପ୍ରଭାବିତ ହେବାର ପୂର୍ବାନୁମାନ କରାଯାଇଛି । ତେଣୁ ଚାଷୀଙ୍କ ବୃହତ୍ତର ସ୍ୱାର୍ଥ ରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଖୁବ୍ ଶୀଘ୍ର ଫସଲବୀମା କମ୍ପାନୀଗୁଡ଼ିକ ସ୍ଥିର କରି ଚାଷୀ ନାମ ପଞ୍ଜିକରଣ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାର ଆବଶ୍ୟକତା ରହିଛି । ଏହି ଦିଗରେ ସମବାୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ସରକାର ଚାଷୀଙ୍କ ପ୍ରତି ଏପରି ଅବହେଳା ପ୍ରଦର୍ଶନ କଲେ ଚାଷୀର ଫସଲ ସୁରକ୍ଷିତ ହେବା ଏବଂ ଚାଷୀର ଆୟ ଦ୍ୱିଗୁଣିତ ହେବା ତ ଦୂରର କଥା ବରଂ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ସେ କହିଛନ୍ତି । ସେହିପରି ଗ୍ରାମ ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ଫସଲବୀମା ୟୁନିଟ୍ ଭାବେ ଘୋଷଣା କରିବା ପାଇଁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି ।

ଦଳ ପକ୍ଷରୁ କୁହାଯାଇଛି, କେନ୍ଦ୍ରରେ ବିଜେପି ସରକାର ଆସିବା ପରେ ୨୦୧୬ ଖରିଫ୍‌ଠାରୁ ରାଷ୍ଟ୍ରୀୟ ଉଦ୍ୟୋଗକୁ ଭାଙ୍ଗି ଦେଶର ହାତ ଗଣତି କେତୋଟି ଅଭିଜ୍ଞତା ନ ଥିବା ଘରୋଇ କମ୍ପାନୀମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହାଦ୍ୱାରା ଗତ ୧୨ ବର୍ଷ ମଧ୍ୟରେ ଚାଷୀ ଫସଲବୀମାରେ ଉପକୃତ ହେବା ପରିବର୍ତ୍ତେ ସରକାର ଓ ଘରୋଇ ବୀମା କମ୍ପାନୀ ଏହାର ସମ୍ପୂର୍ଣ୍ଣ ଫାଇଦା ଉଠାଇଛନ୍ତି । ଚାଷୀ ଅତୀତରେ ନିର୍ଦ୍ଧାରିତ ସମୟରେ ବୀମା ପ୍ରିମିୟମ ପୈଠ କରି ମଧ୍ୟ ସେମାନଙ୍କ କ୍ଷତିପୂରଣ ନ ପାଇବା ବହୁ ନଜିର ରହିଛି ।

## ଫେରାର୍ ବିଜେପି ନେତାଙ୍କୁ ଗିରଫ କରିବାରେ ବିଫଳ

# ଜୁଲାଇ ୨୯ରେ ହାଜର କରାଇବା ପାଇଁ ପୁଲିସକୁ ନିର୍ଦ୍ଦେଶ

ବ୍ରହ୍ମପୁର,୨୫।୬(ସମିସ): ନାବାଳିକା ଛାତ୍ରୀଙ୍କୁ ଉଚ୍ଚଶିକ୍ଷାର ପ୍ରଲୋଭନ ଦେଖାଇ ମୃଦୁ ପାନୀୟରେ ନିଶା ଦେଇ ଦୁଷ୍କର୍ମ କରିବା ଅଭିଯୋଗରେ ଗିରଫ ହୋଇଥିଲେ ବିଜେପି ନେତା ତଥା ନକଲି ଡାକ୍ତର ଭବାନୀ ଶଙ୍କର ଦାଶ । ଗିରଫ ହୋଇ ଦୀର୍ଘ ଏକ ବର୍ଷ ଧରି ଜେଲ୍‌ରେ ରହିବା ପରେ ନିଜର ଏକମାତ୍ର ପୁଅର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ

**■ କୋର୍ଟରୁ ନୋଟିସ ପାଇ ଚିନ୍ତାରେ ଉଭୟ ଜାମିନଦାର ଓ ପୁଲିସ**
**■ ଅଭିଯୋଗକାରୀଙ୍କ ସମେତ ପରିବାର ଓ ସାକ୍ଷ୍ୟଙ୍କୁ ଧମକ ମିଳୁଥିବା ଅଭିଯୋଗ**

ଯୋଗ ଦେବା ପାଇଁ ହାଇକୋର୍ଟରୁ ସର୍ତ୍ତମୂଳକ ଅନ୍ତରୀଣ ଜାମିନରେ ଆସି ଫେରାର୍ ହୋଇଯାଇଛନ୍ତି ।

ଦୁଷ୍କର୍ମ ଅଭିଯୋଗର ତଦନ୍ତ କରି ପୁଲିସ ବିଜେପି ନେତା ଡାକ୍ତର ଭବାନୀ ଶଙ୍କର ଦାଶ ଓ ଜନୈକା ଅଙ୍ଗନୱାଡି କର୍ମୀ ଓ କ୍ଲିନିକର ସହାୟିକାଙ୍କ ସମେତ ମୋଟ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଗତ ମେ ୮ତାରିଖରେ ପୁଅର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଥିବା ବେଳେ ଅନ୍ତରୀଣ ଜାମିନ ଆବେଦନକୁ ମଞ୍ଜୁର କରି କୋର୍ଟ ୧୦ଦିନ ପାଇଁ ଅର୍ଥାତ୍ ମେ ୭ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ସର୍ତ୍ତମୂଳକ ଜାମିନ ଦେଇଥିଲେ । କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ



ମେ ୧୮ ତାରିଖରେ ଅଭିଯୁକ୍ତ ଭବାନୀଙ୍କୁ କୋର୍ଟରେ ଆତ୍ମସମର୍ପଣ କରିବାର ଥିଲା । କିନ୍ତୁ ଭବାନୀ ଜେଲ୍‌ରୁ ମୁକୁଳିବା ପରେ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଆଜି ପର୍ଯ୍ୟନ୍ତ ଆତ୍ମସମର୍ପଣ ନକରି ଫେରାର ରହିଛନ୍ତି । ଏହାକୁ ନେଇ କୋର୍ଟ ପକ୍ଷରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି । କେବଳ ଫେରାର ଭବାନୀଙ୍କୁ ନୁହେଁ; ବରଂ ତାଙ୍କୁ ଜାମିନରେ ନେଇଥିବା ଦୁଇ ଜାମିନଦାର ନିରାକାର ସାହୁ ଓ ସନ୍ନ୍ୟାସୀ ମହାନ୍ତିଙ୍କ ସମେତ ବୈଦ୍ୟନାଥପୁର ଥାନା ପୁଲିସକୁ ଜୁନ ୨୫ତାରିଖରେ ଫେରାର ଭବନୀଙ୍କୁ କୋର୍ଟରେ ହାଜର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଆଜି ସନ୍ଧ୍ୟା ସୁଦ୍ଧା ପୁଲିସ ଭବାନୀଙ୍କୁ ଗିରଫ କରିପାରି ନ ଥିବାରୁ ଉଭୟ ଜାମିନଦାର ନିରାଶ ହୋଇଛନ୍ତି ।

ସବୁଠାରୁ ବଡକଥା ଫେରାର ସମୟରେ ଭବାନୀ ଶଙ୍କର ଦାଶ ପୀଡିତା ତଥା ତାଙ୍କର ପରିବାର ବର୍ଗ ଓ ସାକ୍ଷ୍ୟଙ୍କୁ ଧମକଚମକ ଦେଉଥିବା ନେଇ ଅଭିଯୋଗ ହୋଇଛି । ମାମଲା ପ୍ରତ୍ୟାହାର କରିବାକୁ ଭବାନୀ ପୀଡ଼ିତା ତଥା ତାଙ୍କ ପରିବାର ଉପରେ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି । ଫେରାର ଭବାନୀଙ୍କୁ ଗିରଫ କରିବାରେ ବୈଦ୍ୟନାଥପୁର ଥାନା ପୁଲିସ ବିଫଳ ହୋଇଥିବା ବେଳେ ଆସନ୍ତା ଜୁଲାଇ ୨୯ତାରିଖ ସୁଦ୍ଧା ତାଙ୍କୁ କୋର୍ଟରେ ହାଜର କରିବାକୁ କୋର୍ଟ ଉଭୟ ଜାମିନଦାର ଓ ପୁଲିସଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

**■ ରଥଯାତ୍ରା ପୂର୍ବରୁ ପୁରୀରେ ହତ୍ୟା**


# ଗଭୀର ଉଦବେଗ ପ୍ରକାଶ କଲେ ସାଂସଦ ମାନସ

ଭୁବନେଶ୍ୱର,୨୫।୬(ସମିସ): ରଥଯାତ୍ରା ପୂର୍ବରୁ ପୁରୀରେ ଘଟିଥିବା ହତ୍ୟାକାଣ୍ଡ ଘଟଣାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ରାଜ୍ୟସଭା ସାଂସଦ ତଥା ବିଜେଡି ସଂସଦୀୟ ଦଳ ନେତା ମାନସ ରଞ୍ଜନ ମଙ୍ଗରାଜ । ଗୁରୁବାର 'ଏକ୍ସ'ରେ ମାନସ କହିଛନ୍ତି ଯେ ରଥଯାତ୍ରା ପୂର୍ବରୁ ପୁରୀରେ ଘଟିଥିବା ହତ୍ୟାକାଣ୍ଡ ଘଟଣା ଦେଶ ଓ ବିଦେଶରୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସୁରକ୍ଷାକୁ ନେଇ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି । ଏହି ଘଟଣା ପର୍ଯ୍ୟଟକମାନଙ୍କ ମନରେ ଭୟ ଓ ଆତଙ୍କିତ ପରିବେଶ ସୃଷ୍ଟି କରିଛି । କେତେବେଳେ ହତ୍ୟାକାଣ୍ଡ ଘଟୁଛି, ତ ଆଉ କେତେବେଳେ ପର୍ଯ୍ୟଟକମାନଙ୍କୁ ଛୁରି ଦେଖାଇ ଲୁଟ୍ କରାଯଉଛି । ଆଇନ-ଶୃଙ୍ଖଳା ସ୍ଥିତି ନେଇ ବାରମ୍ବାର ବୈଠକ ହେଉଥିଲେ ମଧ୍ୟ ଅପରାଧୀମାନେ ଖୋଲାଖୋଲି ଭାବେ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରୁଛନ୍ତି । ଏହି ପରିସ୍ଥିତିରେ ପୁଲିସ ପ୍ରଶାସନ ଦୃଢ଼ ଓ କଠୋର ପଦକ୍ଷେପ ନେବା ସହିତ ରଥଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ, ଯାହାଫଳରେ ରଥଯାତ୍ରା ଶାନ୍ତିପୂର୍ଣ୍ଣ ଓ ନିର୍ବିଘ୍ନ ଭାବେ ସମ୍ପନ୍ନ ହୋଇପାରିବ ବୋଲି ଶ୍ରୀଯୁକ୍ତ ମଙ୍ଗରାଜ ଆଶା ବ୍ୟକ୍ତ କରିଛନ୍ତି ।

# ଅଭିଯୁକ୍ତକୁ ଗିରଫ ପାଇଁ ଯାଇଥିବା ପୁଲିସକୁ ଆକ୍ରମଣ

ବାଲେଶ୍ୱର/ବାଲିଆପାଳ,୨୫।୬ (ସମିସ) : ଅପରାଧୀକୁ ଗିରଫ କରିବା ପାଇଁ ଯାଇ ପରିବାର ସଦସ୍ୟଙ୍କ ଆକ୍ରମଣର ଶିକାର ହୋଇଛି ବାଲିଆପାଳ ପୁଲିସ । ଆକ୍ରମଣରେ ଆଇଆଇସିଙ୍କ ମୁଣ୍ଡ, ଛାତିରେ ଆଘାତ ଲାଗିଛି । ଖବର ପାଇ ଅଧିକ ପୁଲିସ କର୍ମୀଙ୍କ ସହ ଅଭିଯୁକ୍ତଙ୍କ ଘରେ ଚଢ଼ଉ କରିଥିଲେ ମଧ୍ୟ ପରିବାର ଲୋକ ଫେରାର ହୋଇଯାଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ବାଲିଆପାଳ ଥାନା କଟୁଆପଡା ଗ୍ରାମର ଶିବ କୁମାର ଜେନାଙ୍କ ପୁଅ କିଛି ଦିନ ପୂର୍ବରୁ ସିଂଲା ଥାନା ଅନ୍ତର୍ଗତ ବୋଙ୍ଗ ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀଙ୍କ ଝିଅଙ୍କୁ ଅପହରଣ କରି ନେଇଥିଲେ । ମାତ୍ର ଝିଅ ସାବାଳିକା ହୋଇଥିବାରୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିଲା । ଝିଅର ପରିବାର ଲୋକ ପୁଅ ଘରକୁ ଗତ ୨୧ ତାରିଖ ଦିନ ଯାଇଥିଲେ । ଆପୋସ ବୁଝାମଣା କରି ଝିଅକୁ ଫେରାଇ ଆଣିବା ପାଇଁ କହିଥିଲେ । ତେବେ ଏହି ସମୟରେ ପୁଅର ଭାଇ, ମାଆ ଏବଂ ପରିବାରର ଅନ୍ୟ ସଦସ୍ୟମାନେ ଝିଅ ଘରୁ ଆସିଥିବା ଲୋକମାନଙ୍କୁ ନିସ୍ତୁକ ମାଡ଼ ମାରି ବାଲିଆପାଳ ଥାନାରେ ଜିମା ଦେଇଥିଲେ । ବାଲିଆପାଳ ପୁଲିସ ଏହି ଘଟଣାରେ ପୃଥକ ଭାବରେ ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଥିବା ସମୟରେ ଜଣାପଡିଥିଲା କି ଶିବ ଜେନାଙ୍କ ବଡ ପୁଅ ଉତ୍ତମ କୁମାର ଜେନା ଝିଅ ଘରୁ ଆସିଥିବା ଲୋକମାନଙ୍କୁ କୌଣସି କାରଣ ନଥାଇ ନିର୍ଘୁମ ମାଡ଼ ମାରିଥିଲା । ତେଣୁ ଆଜି ସକାଳେ ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁ ଏକ ଟିମ୍ ନେଇ ଅଭିଯୁକ୍ତକୁ ଗିରଫ



କରିବା ପାଇଁ ତାଙ୍କ କଟୁଆପଡାସ୍ଥିତ ବାସଭବନରେ ପହଞ୍ଚିଥିଲେ । ପୁଲିସକୁ ଦେଖିବା ପରେ ଅଭିଯୁକ୍ତର ପରିବାର ଲୋକ ସଂଘବଦ୍ଧ ଭାବରେ ଥାନା ଅଧିକାରୀ ଶ୍ରୀ ମୁର୍ମୁଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଆଇଆଇସିଙ୍କ ମୁଣ୍ଡ, ଛାତିରେ ଆଘାତ ଲାଗିଛି । ପରେ ଖବର ପାଇ ଅଧିକ ପୁଲିସ କର୍ମୀଙ୍କ ସହ ତାଙ୍କ ବାସଭବନରେ ଚଢ଼ଉ କରିଥିଲେ ମଧ୍ୟ ପରିବାର ଲୋକ ଫେରାର ହୋଇଯାଇଥିଲେ । ଖବର ପାଇ ବସ୍ତା ଏସଡିପିଓ ସମର୍ଥ କୁମାର ବେହେରା ବାଲିଆପାଳ ଥାନାରେ ପହଞ୍ଚିଥିଲେ । ଏ ନେଇ ବାଲିଆପାଳ ଥାନାରେ ଏକ ମାମଲା ରୁଜୁ ହୋଇଛି । ଅପରାହ୍ନରେ ବସ୍ତା ଥାନା ଅଞ୍ଚଳରୁ ଅଭିଯୁକ୍ତ ପରିବାରର ତିନି ଜଣ ମହିଳା ଯଥା ଶିବ ଜେନାଙ୍କ ସ୍ତ୍ରୀ ରିନା ଜେନା, ତାଙ୍କ ଝିଅ ରଚନା ଜେନା ଏବଂ ତାଙ୍କ ବୋହୂ ପଦ୍ମପ୍ରଭା ମହାନ୍ତିଙ୍କୁ ଗିରଫ କରିଛି । ଶିବ ଜେନା, ଗୌତମ ଜେନା ଓ ଉତ୍ତମ ଜେନା ଏବେ ମଧ୍ୟ ଫେରାର ଅଛନ୍ତି ।

# ମା' ଲୋଭୀ ଠାକୁରାଣୀ ମନ୍ଦିର ବିକାଶ ପାଇଁ ୨.୨୬ କୋଟି ମଞ୍ଜୁର



ବଅଁରପାଳ,୨୫।୬(ସମିସ): ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଲୋଭୀ ଠାକୁରାଣୀ କାହିଁ କେଉଁ କାଳରୁ ଗଡ଼ସନ୍ତ୍ରୀ ଗ୍ରାମରେ ଆବିର୍ଭାବ ହୋଇଛନ୍ତି। ମା'ଙ୍କ ପୀଠ ଓ ମନ୍ଦିରର ଉନ୍ନତୀକରଣ ପାଇଁ ସ୍ଥାନୀୟ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନଙ୍କୁ ଅବଗତ କରଯାଇଥିଲା। ଗୁରୁବାର ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଗଡ଼ସନ୍ତ୍ରୀ ଗ୍ରାମକୁ ଆସିଥିଲେ। ମନ୍ଦିର ପରିଦର୍ଶନ କରି ମନ୍ଦିର ଏହାର ଉନ୍ନତୀକରଣ ପାଇଁ ୨ କୋଟି ୨୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସେ କହିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, ସମାଜସେବୀ ସରୋଜ ସାହୁ, ସୁନୀଲ ମାଝି, ଭଜମନ ମହାନ୍ତିଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପାଲଲହଡ଼ା ବ୍ଲକ କଂଗ୍ରେସ କମିଟି ପୁନର୍ଗଠିତ

ପାଲଲହଡ଼ା,୨୫।୬(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଲଲହଡ଼ା ବ୍ଲକ କଂଗ୍ରେସ କମିଟିର ପୁନର୍ଗଠନ କରାଯାଇଛି। ରାଜ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନ ଏହି କମିଟି ଘୋଷଣା କରିଛନ୍ତି। ବ୍ଲକ ସଭାପତି ଭାବେ ସରୋଜ କୁମାର ସାହୁ ଉପସଭାପତି ଭାବେ ପ୍ରତାପ କୁମାର ସାହୁ, ଅଭିମନ୍ୟୁ ନାଏକ, ଅକ୍ଷୟ ସାହୁ, ଗଣେଶ୍ୱର ବିଶ୍ୱାଳ, ନବଘନ କିଷାନ, ଯୁଧିଷ୍ଠିର ଦେହୁରୀ ମନୋନୀତ ହୋଇଛନ୍ତି। ସେହିପରି ପଙ୍କଜ ବେହେରା, ରୋହିତ ସାହୁ, ରାମକୃଷ୍ଣ ବେହେରା, ଶରତ ଗଡ଼ନାୟକ, କୁବେର ସାହୁ, କୃଷ୍ଣ ନାଏକ ସାଧାରଣ ସମ୍ପାଦକ, ପ୍ରଶାନ୍ତ କୁମାର ସାହୁଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ଭକ୍ତବନ୍ଧୁ ପ୍ରଧାନ, ବୁଦ୍ଧଦେବ ସାହୁ, ବବୁଲୁ ପ୍ରଧାନ ୩ ଜୋନ୍‌ର ସଭାପତି ରହିଥିବା ବେଳେ ୧୭ ଜଣ ସମ୍ପାଦକ, ୮ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଓ ୭ ଜଣ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ବ୍ଲକ ସଭାପତି ସରୋଜ ସାହୁ ରାଜ୍ୟ ସଭାପତିଙ୍କୁ କୃତଜ୍ଞତା ଜ୍ଞାପନ କରି ଆଗାମୀ ଦିନରେ ପାଲଲହଡ଼ା ବ୍ଲକରେ ସମସ୍ତ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ଆଶୀର୍ବାଦ ଓ ସହଯୋଗରେ ଦଳକୁ ସୁଦୃଢ଼ ଭାବେ ଗଢ଼ିବାକୁ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି।

# ସାନ ଭାଇକୁ ଅନ୍ଧାରରେ ରଖି ବଡ଼ଭାଇ ହାତଇଲେ ସମ୍ପତ୍ତି

ତାଳଚେର,୨୫।୬(ସମିସ): ତାଳଚେର ଘଣ୍ଟପଡ଼ା ଆରଆଇ ସର୍କଲ ଅଧୀନ ଶର୍ମାଛକ ୧୭ନଂ ୱାର୍ଡ ରାସ୍ତାକଡ଼ରେ ଦର୍ଶନ କୋର (୪୦)ଙ୍କ ସ୍ୱାମୀ ବିଟୁ ସିଂହ (୫୫) ତାଙ୍କ ପରିବାର ସହ ଦୀର୍ଘବର୍ଷରୁ ପୈତୃକ ଜମିରେ ରହି ଆସୁଥିଲେ। ମାତ୍ର ବିଟୁଙ୍କ ବଡ଼ଭାଇ ୨୦୧୩ରେ ଲିଗାଲ ହେୟାର ସାର୍ଟିଫିକେଟରେ ବାପାଙ୍କର ରହିଥିବା ୮ଜଣ ଉତ୍ତରାଧିକାରୀଙ୍କ ନାମକୁ ତଞ୍ଚକତାର ସହ ବାଦ୍ କରି ଉକ୍ତ ମୂଲ୍ୟବାନ ଜମିକୁ ନିଜ ନାମରେ କରିନେଇଥିବା ବିଟୁ ଅଭିଯୋଗ କରିଛନ୍ତି। ୩/୪ ମାସ ପୂର୍ବରୁ ଏହି ଘଟଣା ବିଟୁଙ୍କ ଦୃଷ୍ଟିକୁ ଆସିଥିଲା। ଆଶ୍ଚର୍ଯ୍ୟର



କଥା ହେଉଛି ଜାଲିଆତି କରିଥିବା ବଡ଼ଭାଇ ନିଜ ଭାଇ ଭଉଣୀଙ୍କୁ ମୃତ ଘୋଷଣା କରି ଲିଗାଲ ହେୟାର ସାର୍ଟିଫିକେଟ ବାହାର କରି ଅନ୍ୟ କାହାକୁ ନ ବିକି ନିଜ ନାମରେ ଜମି ପଟା କରିନେଇଛନ୍ତି। ନିୟମ ଅନୁଯାୟୀ ବାପା ଅଜିତ ସିଂହ ମୃତ୍ୟୁ ପରେ ତାଙ୍କ ପୁଅ ଓ ଝିଅ ଜମିର ପ୍ରକୃତ ଅଧିକାରୀ। ଏହି ଜମିର ସୁକଚାନ୍ଦ ସିଂହ, ବଲରାଜ ସିଂହ, ହରେନ୍ଦ୍ରପାଲ ସିଂହ, ଯୋଗେନ୍ଦ୍ର ସିଂହ, ବିଟୁ ସିଂହ, ବଲଜିନ୍ଦର କୋର, ସୁରେନ୍ଦ୍ର କୋର, ବଲବିନ୍ଦର କୋର ମାଲିକ ହୋଇଥିଲେ ମଧ୍ୟ ଯୋଗେନ୍ଦ୍ର ସିଂହ ଭାଇ ଓ ଭଉଣୀଙ୍କୁ ନ ଜଣାଇ ଜମିକୁ ତହସିଲ କାର୍ଯ୍ୟାଳୟରେ କିପରି ପଞ୍ଜିକୃତ କରିଦେଲେ ତାହା ସନ୍ଦେହ ସୃଷ୍ଟି କରିଛି। ତେବେ ଏହି ଘଟଣା ପରେ ତାଳଚେର ଉପଜିଲ୍ଲାପାଳ, ତହସିଲ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏ ସମ୍ପର୍କରେ ଅଭିଯୋଗ ହୋଇଛି। ବଡ଼ଭାଇ ନିଜ ନାମରେ ଜମି କରାଇ ନେବା ପରେ ସେଠାରୁ ସାନଭାଇକୁ ବାହାରି ଯିବାକୁ ବାରମ୍ବାର ଚାପ ପକାଉଥିଲେ। ମାତ୍ର ପୈତୃକ ଜମି ଉପରେ ସବୁ ଭାଇ ଓ ଭଉଣୀଙ୍କ ଅଧିକାର ରହିଛି ବୋଲି ବିଟୁ ପ୍ରକାଶ କରିବାରୁ ଉତ୍ତେଜନାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ବିଟୁ ସିଂହ ତାଳଚେର କୋଲିୟାରୀ ଥାନାରେ ଅଭିଯୋଗ କରିଛନ୍ତି।

# ଟାଟା ଷ୍ଟିଲ୍ ମେରାମଣ୍ଡଳୀ ସମ୍ପ୍ରସାରଣ ପାଇଁ ଜନଶୁଣାଣି

ବଅଁରପାଳ,୨୫।୬(ସମିସ):

ଅନୁଗୋଳ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତତ୍ତ୍ୱାବଧାନରେ ବଅଁରପାଳ ବ୍ଲକ ନୂଆହତା ଗ୍ରାମରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ କାରଖାନାର ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ଜନଶୁଣାଣି ସଫଳତାର ସହ ଅନୁଷ୍ଠିତ ହୋଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜନଶୁଣାଣିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଗୋଳ ଆଞ୍ଚଳିକ ଅଧିକାରୀ ଡ. ରମେଶ କୁମାର ଏକ୍କାଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀ, ସ୍ଥାନୀୟ ଜନସାଧାରଣ, ଜନପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗଦେଇଥିଲେ।



ଟାଟା ଷ୍ଟିଲ୍ ମେରାମଣ୍ଡଳୀର ପ୍ରକଳ୍ପ ଓ ନିର୍ମାଣ ବିଭାଗ ମୁଖ୍ୟ ବିଭାସ ପଟ୍ଟନାୟକ ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପ, ପରିବେଶ ପରିଚାଳନା ବ୍ୟବସ୍ଥା ଏବଂ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। କର୍ପୋରେଟ ସେବା ବିଭାଗ ମୁଖ୍ୟ ଶୁଭ୍ରାଂଶୁ ଶେଖର ପଣ୍ଡା ସ୍ଥାନୀୟ ଲୋକଙ୍କ ମତାମତ ଉପରେ କମ୍ପାନୀର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ମେରାମଣ୍ଡଳୀ ପ୍ଲାଣ୍ଟର ବାର୍ଷିକ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ୫.୬ ମିଲିୟନ ଟନ୍ ଥିବା ବେଳେ ସମ୍ପ୍ରସାରଣ ପରେ ଏହା ୭.୧ ମିଲିୟନ ଟନକୁ ବୃଦ୍ଧି ପାଇବ। ସେହିପରି ପ୍ରସ୍ତୁତ ଇସ୍ପାତ ଉତ୍ପାଦନ କ୍ଷମତା ୮.୩ ମିଲିୟନ ଟନକୁ ବୃଦ୍ଧି ପାଇବ। ଏହି ସମ୍ପ୍ରସାରଣ ଓଡ଼ିଶାକୁ ଏକ ପ୍ରମୁଖ ଇସ୍ପାତ ଉତ୍ପାଦନ କେନ୍ଦ୍ର ଭାବେ ଆହୁରି ସୁଦୃଢ଼ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପ୍ରକଳ୍ପରେ "ଜିରୋ ଏଫ୍ଲୁଏଣ୍ଟ ଡିସଚାର୍ଜ' (ଜେଡ୍‌ଇଡି) ବ୍ୟବସ୍ଥା ଜାରି ରହିବ। ଏହା ଅନୁଯାୟୀ କାରଖାନାରୁ ନିର୍ଗତ ସମସ୍ତ ବର୍ଜ୍ୟଜଳକୁ ପୁନଃ ପ୍ରକ୍ରିୟାକରଣ କରାଯାଇ କାରଖାନା ଭିତରେ ପୁନର୍ବ୍ୟବହାର କରାଯିବ। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଶକ୍ତି ଦକ୍ଷତା ବୃଦ୍ଧି ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିର ବ୍ୟବହାର କରାଯିବ ବୋଲି କମ୍ପାନୀ ସୂଚନା ଦେଇଛି। ସେହିପରି ସର୍କୁଲାର ଇକୋନୋମି ନୀତି ଅନୁସାରେ ୱେଷ୍ଟ ହିଟ୍ ରିକଭରୀ, ସ୍ଲାଗ୍ ପ୍ରୋସେସିଂ, ମେଟାଲ୍ ରିକଭରୀ ଏବଂ ଉପଜାତ ଦ୍ରବ୍ୟର ପୁନଃଚକ୍ରଣ ଭଳି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏହା ଦ୍ୱାରା ଶକ୍ତି ଦକ୍ଷତା ବୃଦ୍ଧି ସହ କାର୍ବନ ନିର୍ଗମନ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏହି ସମ୍ପ୍ରସାରଣ ପ୍ରକଳ୍ପ ମୁଖ୍ୟତଃ ବର୍ତ୍ତମାନର ପ୍ଲାଣ୍ଟ ପରିସର ମଧ୍ୟରେ କାର୍ଯ୍ୟକାରୀ ହେବ। ପ୍ରକଳ୍ପ ପାଇଁ କରାଯାଇଥିବା ପରିବେଶ ପ୍ରଭାବ ଆକଳନରେ ବାୟୁ, ଜଳ, ଶବ୍ଦ ଓ ମୃତ୍ତିକାର ଗୁଣବତ୍ତା ନିୟାମକ ସୀମା ମଧ୍ୟରେ ଥିବା ଜଣାପଡ଼ିଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ନିର୍ମାଣ ଓ ପରିଚାଳନା ପର୍ଯ୍ୟାୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ପାନୀୟ ଜଳ, କ୍ରୀଡ଼ା ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର କାର୍ଯ୍ୟକ୍ରମ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଜନଶୁଣାଣିର ସଫଳ ଆୟୋଜନ ପ୍ରସ୍ତାବିତ ପ୍ରକଳ୍ପର ପରିବେଶ ମଞ୍ଜୁରୀ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେ କରାଯାଉଛି।

# ନିର୍ମାଣାଧୀନ ୧୪୯ ନଂ ଜାତୀୟ ରାଜପଥର ସ୍ଥାୟିତ୍ୱ ଉପରେ ପ୍ରଶ୍ନ

ଅନୁଗୋଳ,୨୫।୬(ସମିସ): ୧୪୯ନଂ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣାରେ ମୃତ୍ୟୁ ନେଇ ଗଭୀର ଉଦବେଗ ପ୍ରକାଶ ପାଇଆସୁଥିଲା। ଦୀର୍ଘବର୍ଷ ଅପେକ୍ଷା ପରେ ସରକାର ଏହାକୁ ୪ଲାଇନ୍ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର କଲେ। ଠିକାଦାର ଆଜକୁ ୬ମାସ ହେବ ତାଳବେଡ଼ାଠାରୁ ପ୍ରଥମେ ଡ୍ରେନ୍ କାର୍ଯ୍ୟ ଆରମ୍ଭ କରି ରାସ୍ତା ଉପରେ ମାଟି ବିଛାଇ ଠାଏ ଠାଏ କଙ୍କ୍ରିଟ ରାସ୍ତା କାର୍ଯ୍ୟ ଆରମ୍ଭ କରିଛନ୍ତି। ମାତ୍ର ନିର୍ମାଣାଧୀନ ଡ୍ରେନଗୁଡ଼ିକରେ ଆବଶ୍ୟକ ପାଣି ଦିଆଯାଉ ନ ଥିବାରୁ ତାହାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେବାସହ ନିର୍ମାଣାଧୀନ କଙ୍କ୍ରିଟ ରାସ୍ତାରେ ମଧ୍ୟ ପାଣିଟୋପାଏ ପକାଯାଉ ନ ଥିବା ଅଭିଯୋଗ ହେଉଛି। ଠିକାଦାର ଦିନ



ସମୟରେ କଙ୍କ୍ରିଟ ରାସ୍ତା ନିର୍ମାଣ କରିବା ପରିବେର୍ତ୍ତ ଅତି ତରବରିଆ ଭାବେ ରାତାରାତି ନିମ୍ନମାନର କାମ କରୁଥିବା ଅଭିଯୋଗ ଉଠିଛି। ଏନଏଚଏଆଇ ପକ୍ଷରୁ ଏହାର ତଦାରଖ ଦାୟିତ୍ୱ ଥିଲେ ମଧ୍ୟ କାର୍ଯ୍ୟ ହେଉଥିବା ସମୟରେ କୌଣସି କର୍ମଚାରୀ ରହୁ ନ ଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ପାଣିପରି ଖର୍ଚ୍ଚ ହେଉଥିଲେ ମଧ୍ୟ ଏଥିପ୍ରତି କାହାର ଖାତିର ନ ଥିବା ପରି ମନେ ହେଉଛି। ଗୁରୁବାର ଠିକାଦାର ରାସ୍ତା ନିର୍ମାଣ କରିବାକୁ ବାଇପାସ୍ ଛକରେ ଏକ ୩ଫୁଟର ଗାତ ଖୋଳିଦେଇଥିବାରୁ ଏକ ବାଇକ ଗାତରେ ଗଳିପଡ଼ିବା ଘଟଣାକୁ ନେଇ ଉଦବେଗ ପ୍ରକାଶ ପାଇଛି। ତେବେ ବାଇକ୍ ଆରୋହୀ ଜଣକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। କର୍ତ୍ତୃପକ୍ଷ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ




ଅନୁଗୋଳ,୨୫।୬(ସମିସ): ଗୁରୁବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମେ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ମେ ମାସରେ ଜିଲ୍ଲାରେ ମୋଟ ୪୪ ଦୁର୍ଘଟଣା ଘଟିଥିବାବେଳେ ୧୮ଜଣଙ୍କ ମୃତ୍ୟୁ ଓ ୨୨ଜଣ ଆହତ ହୋଇଛନ୍ତି। ଏପ୍ରିଲ ମାସର ମୋଟ ଦୁର୍ଘଟଣା ତୁଳନାରେ ମେ ମାସରେ ଦୁର୍ଘଟଣା ହାର ବୃଦ୍ଧି ପାଇଛି। ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁଁ ୧୦୨୪, ଦ୍ରୁତ ଗାଡ଼ି ଚାଳନା ପାଇଁ ୧୨୩୧, ମଦ୍ୟପାନ କରି ଗାଡ଼ି ଚାଳନା ନିମନ୍ତେ ୩୮, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୪୮ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ୪୮୬ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ବୈଠକରେ ଆଇଏଏସ ପ୍ରୋବେସନର ଅଭି ଜୈନ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ୍ କୁମାର, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁ, ତାଳଚେର ମୋଟରଯାନ ନିରୀକ୍ଷକ ତପନ କୁମାର ବେଟୀଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ଜୁଆ ଆଡ୍ଡାରେ ଚଢ଼ଉ; ୧୩ ଗିରଫ

କଣିହାଁ,୨୫।୬(ସମିସ): ଅନୁଗୋଳ ଜିଲ୍ଲା ରେଙ୍ଗାଳି ଡ୍ୟାମ ସାଇଟ ଥାନା ଅନ୍ତର୍ଗତ କଦଳୀପାଳ ଜଙ୍ଗଲରେ ବେଆଇନ ଭାବେ ଚାଲିଥିବା ଜୁଆ ଆଡ୍ଡାରେ ବୁଧବାର ସନ୍ଧ୍ୟାରେ ପୁଲିସ ଚଢ଼ଉ କରି ୧୩ ଜଣଙ୍କୁ ଗିରଫ କରିଥିଲା। ଘଟଣାସ୍ଥଳରୁ ୪୪,୯୧୦ ଟଙ୍କା, ୧୩ଟି ମୋବାଇଲ ଫୋନ, ଜୁଆ ଖେଳରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ସହ ୧୩ଟି ଗାଡ଼ି ଜବତ କରାଯାଇଥିଲା। ଏହି ଘଟଣାରେ ଥାନାରେ ଏକ ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବସନ୍ତ କୁମାର ମହାପାତ୍ର, ସୁମଦ ଚନ୍ଦ୍ର ନାୟକ, ଦୁଃଶାସନ ସାହୁ, କାଶୀନାଥ ବେହେରା, ମାନସ କୁମାର ରାଜହଂସ, କାଳୀଚରଣ ଜିତ, ବିଜୁ ବେହେରା, ବିଜୟ କୁମାର ସାହୁ, ହେମନ୍ତ ଗଡ଼ନାୟକ, ଦୁଶିଆ ନାୟକ, ରାସାନନ୍ଦ ପ୍ରଧାନ, ରଞ୍ଜନ କୁମାର ଗୋଛାୟତ ଓ ଭଗବାନ ନାୟକ। ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଇ ଥାନାରୁ ଜାମିନରେ ଛାଡ଼ି ଦିଆଯାଇଛି। ଏ ନେଇ ତଦନ୍ତ ଜାରି ରହିଥିବା ପୁଲିସ ସୂଚନା ଦେଇଛି।

## ଚଢ଼ଉ ବେଳେ ନଦୀକୁ ଡେଇଁ ଯୁବକଙ୍କ ମୃତ୍ୟୁ

ରେଙ୍ଗାଳି ଡ୍ୟାମ ନିମ୍ନଭାଗ କଦଳୀପାଳ ନିକଟ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖାମାର ଗ୍ରାମର ରାଜେଶ ଗୋଛାୟତ। ସୂଚନା ଅନୁସାରେ, କଦଳୀପାଳ ଅଞ୍ଚଳରେ କେତେକ ବ୍ୟକ୍ତି ଜୁଆ ଖେଳୁଥିବା ବେଳେ ପୁଲିସ ଚଢ଼ଉ କରିଥିଲା। ଏହି ସମୟରେ ରାଜେଶ ଭୟଭୀତ ହୋଇ ନଦୀ ଆଡ଼କୁ ଦୌଡ଼ି ଯାଇ ଗଭୀର ପାଣିକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଙ୍ଗାଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆମ୍ବୁଲାନ୍ସ ଯୋଗେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରେଙ୍ଗାଳି ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଏନଟିପିସି ତାଳଚେର ଥର୍ମାଲ ପକ୍ଷରୁ ସୁରକ୍ଷା ତାଲିମ



ତାଳଚେର,୨୫।୬(ସମିସ): ଏକ ନିରାପଦ ଏକ ସୁସ୍ଥ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଏନଟିପିସି ତାଳଚେର ଥର୍ମାଲ ପାୱାର ପ୍ରଜେକ୍ଟ ୨୦୨୩ ଜୁନ ୨୦୨୬ରେ ଉଚ୍ଚତାରେ କାର୍ଯ୍ୟ ଏବଂ ସୁରକ୍ଷାଭ୍ୟାସ ଉପରେ ଏକ ବ୍ୟାପକ ତାଲିମ ଅଧିବେଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ଉପନିର୍ଦ୍ଦେଶକ ଡ. ରମେଶ ବେହେରା ପରିଚାଳନା କରିଥିଲେ। ଆରମ୍ଭରେ ମହାପ୍ରବନ୍ଧକ ପ୍ରଦୀପ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଡ. ବେହେରାଙ୍କୁ ସମ୍ମାନିତ କରିଥିଲେ। ପିଡି/ଜିଏମ ବିଏଚଟିଏଲ ଟିଟିପିପି ବି ମାଝୀ କାରଖାନାର ସହକାରୀ ନିର୍ଦ୍ଦେଶକ ମାଧବ ଚନ୍ଦ୍ର ମଲ୍ଲିକଙ୍କୁ ସ୍ୱାଗତ କରିଥିଲେ। ଡ. ବେହେରା ଉଚ୍ଚତାରେ କାର୍ଯ୍ୟ କରିବା ସହ ବିଭିନ୍ନ ବିପଦ ଉପରେ ଆଲୋକପାତ କରିଥିଲେ ଏବଂ ପ୍ରକଳ୍ପ ସ୍ଥାନଗୁଡ଼ିକରେ କୋଠର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଏବଂ ପ୍ରତିଷ୍ଠିତ ସର୍ବୋତ୍ତମ ସୁରକ୍ଷା ଅନୁସରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ତାଲିମ କାର୍ଯ୍ୟରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ କର୍ମଚାରୀ, କାର୍ଯ୍ୟନିର୍ବାହୀ ଏବଂ ଠିକା କର୍ମଚାରୀ ଉପସ୍ଥିତ ଥିଲେ। ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରକଳ୍ପ ମୁଖ୍ୟ ବିଜୟଚାନ୍ଦଙ୍କ ନେତୃତ୍ୱ ଏବଂ ମାର୍ଗ ଦର୍ଶନରେ ସମସ୍ତ କର୍ମଚାରୀ ଓ ଠିକାକର୍ମଚାରୀଙ୍କ ପାଇଁ ସୁରକ୍ଷା, ସ୍ୱାସ୍ଥ୍ୟ ଓ କଲ୍ୟାଣ ସର୍ବୋଚ୍ଚ ମାନଦଣ୍ଡ ସୁନିଶ୍ଚିତ କରିବା ସହ ଏନଟିପିସି ତାଳଚେର ଥର୍ମାଲର ମୂଳଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ।

# ଚଣ୍ଡିଖମଣ-ଅଙ୍ଗାରବନ୍ଧ ହାଟ ରାସ୍ତାର ଶିଳାନ୍ୟାସ

● ଖର୍ଚ୍ଚ ହେବ ୩.୬୦ କୋଟି ଟଙ୍କା



ଅନୁଗୋଳ,୨୫।୬(ସମିସ): ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଅଙ୍ଗାରବନ୍ଧ ପଞ୍ଚାୟତ ଚଣ୍ଡିଖମଣଠାରୁ ଅଙ୍ଗାରବନ୍ଧ ହାଟ ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ କରିଛନ୍ତି ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ। ୩.୬୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତାର ଭୂମିପୂଜନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଧାନ ଯୋଗଦେଇ ଉକ୍ତ ରାସ୍ତା ନିର୍ମାଣ ହେଲେ ସ୍ଥାନୀୟ ଲୋକଙ୍କ ଗମନାଗମନର ସୁବିଧା ହେବା ସହ ଗ୍ରାମାଞ୍ଚଳର ସାମୂହିକ ବିକାଶ ହୋଇପାରିବ ବୋଲି କହିଥିଲେ। ଦୀର୍ଘ ବର୍ଷରୁ ଅବହେଳିତ ଅବସ୍ଥାରେ ଥିବା ଏ ରାସ୍ତାକୁ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଥିବାରୁ ବିଧାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ ଧନ୍ୟବାଦ ଜଣାଇଥିଲେ। ବହୁ ଚେଷ୍ଟା କରି ଏହିସବୁ ରାସ୍ତାଗୁଡ଼ିକୁ ମଞ୍ଜୁର କରାଇଥିବାରୁ ବିଧାୟକଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଥିଲେ। ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗାରବନ୍ଧ ସରପଞ୍ଚ ସୁଜାତା ସାହୁ, ସମିତି ସଭ୍ୟା ସୁଜାତା ସ୍ୱାଇଁ, ନାଏବ ସରପଞ୍ଚ ସୁରତି ଶୂଳ, ଚଣ୍ଡିଖମଣ ସଭାପତି କୁଳମଣି ଦାସ, ସମ୍ପାଦକ ସୁନୀଲ ସାହୁ, ଗିରୀଶ ସ୍ୱାଇଁ, ବିରଞ୍ଚି ସାହୁ, ରଞ୍ଜନ ସାହୁ, ହାଡ଼ିବନ୍ଧୁ ସାହୁ, ଅଶୋକ ସ୍ୱାଇଁ, ଜୀବନ ସାହୁ, ଶଙ୍କର ସାହୁ, ଦୀନେଶ ସାହୁ ଓ କୃଷ୍ଣ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସଙ୍କଟରେ କୁମ୍ଭକାରଙ୍କ କୌଳିକ ବୃତ୍ତି

କଣିହାଁ,୨୫।୬(ସମିସ):

ପୁରାତନ କାଳରୁ ମାଟି ସହ ମଣିଷର ସମ୍ପର୍କ ଅତୁଟ ରହିଆସିଛି। ମାଟିରୁ ବିଭିନ୍ନ ଉପକରଣ ତିଆରି କରି ମଣିଷ ନିଜ ଜୀବନକୁ ସହଜ କରିଥିଲା। ଚକର ଆବିଷ୍କାର ପରେ କୁମ୍ଭକାରମାନେ ହାଣ୍ଡି, ମାଠିଆ, ସୁରେଇ, କଳସ, ଦୀପ ଭଳି ଅନେକ ଆବଶ୍ୟକ ସାମଗ୍ରୀ ତିଆରି କରି ସମାଜକୁ ସେବା ଯୋଗାଇ ଆସୁଥିଲେ। ଏହି କାରଣରୁ କୁମ୍ଭକାରଙ୍କୁ ପୃଥିବୀର ପ୍ରଥମ ଇଞ୍ଜିନିୟର ଏବଂ ମାଟିର ଚକକୁ ପ୍ରଥମ ଇଞ୍ଜିନ ବୋଲି କୁହାଯାଏ। କିନ୍ତୁ ସମୟର ପରିବର୍ତ୍ତନ ସହ ଏହି ପାରମ୍ପରିକ କୌଳିକ ବୃତ୍ତି ଆଜି ସଙ୍କଟରେ ପଡ଼ିଛି। କଣିହାଁ ବ୍ଲକ ରେଙ୍ଗାଳି ଥାନା ପୋଡ଼ାଗଡ଼ ଅଞ୍ଚଳର କୁମ୍ଭକାର ପରିବାରଗୁଡ଼ିକ ବର୍ତ୍ତମାନ ଦୁର୍ଦ୍ଦିନ ମଧ୍ୟରେ ଜୀବନ କାଟୁଛନ୍ତି।

ମାଟି ପାତ୍ରର ଚାହିଦା ହ୍ରାସ ପାଇଥିବା ବେଳେ କଞ୍ଚାମାଲ ଓ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇବାରୁ ଏହି ବୃତ୍ତି ଆଉ ଲାଭଦାୟକ ହୋଇ ରହିନାହିଁ। ଫଳରେ ନୂଆ ପିଢ଼ିର ଯୁବକମାନେ ଏହି ବୃତ୍ତି ଛାଡ଼ି ଜୀବିକା ଅନ୍ୱେଷଣରେ ଦାଦନ ଖଟିବାକୁ ବାହାର





ରାଜ୍ୟକୁ ପଳାୟନ କରୁଛନ୍ତି। ମାଟି ସଂଗ୍ରହ, ପ୍ରସ୍ତୁତି, ଚକରେ ଆକୃତି ଦେବା ଓ ଭାଟିରେ ପୋଡ଼ିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ଅତ୍ୟନ୍ତ ପରିଶ୍ରମସାଧ୍ୟ। କରତଗୁଣ୍ଡ, କୋଇଲା, କାଠ, ଝାଟି ଡାଳ ଓ କିରାସିନି ଭଳି ଆବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପାଇଥିବା ବେଳେ ମାଟି ମଧ୍ୟ ପୂର୍ବଭଳି ସହଜରେ ଉପଲବ୍ଧ ହେଉନାହିଁ। ଅନ୍ୟପକ୍ଷରେ ବଜାରରେ ପ୍ଲାଷ୍ଟିକ, ଷ୍ଟିଲ ଓ ପିତ୍ତଳ ସାମଗ୍ରୀର ବ୍ୟବହାର ବଢ଼ିବାରୁ ମାଟି ପାତ୍ରର ଚାହିଦା ଦ୍ରୁତ ହ୍ରାସ ପାଇଛି। ବର୍ଷର ଅଧିକାଂଶ ସମୟ ବିକ୍ରି ନଥିବା ବେଳେ କେବଳ ଗଣେଶ ପୂଜା, ଦୁର୍ଗା ପୂଜା, କାଳୀ ପୂଜା ଓ ଅନ୍ୟାନ୍ୟ ପାର୍ବଣ ସମୟରେ ହାଣ୍ଡି, ମାଠିଆ, ଦୀପ, ଧୂପଦାନି, କୁଣ୍ଡ, ସରା ଓ ଘୋଡ଼ା ଭଳି ସାମଗ୍ରୀର କିଛି ଚାହିଦା ରହିଥାଏ। ତଥାପି ଏହି ଆୟ ପରିବାର ଚଳାଇବା ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ଫଳରେ ଅନେକ କୁମ୍ଭକାର ପରିବାର ଆର୍ଥିକ ସଙ୍କଟରେ ପଡ଼ି ପିଲାଙ୍କ ଶିକ୍ଷା, ବାସଗୃହ ନିର୍ମାଣ ଓ ଦୈନନ୍ଦିନ ଜୀବନ ନିର୍ବାହରେ ହୀନସ୍ତା ଭୋଗୁଛନ୍ତି। କୁମ୍ଭକାରମାନଙ୍କ କହିବା ଅନୁସାରେ, ଦେଶର ଅନେକ ରାଜ୍ୟରେ ମାଟି କଳା ବୋର୍ଡ ଗଠନ କରାଯାଇ ଶିଳ୍ପୀମାନଙ୍କୁ ପ୍ରଶିକ୍ଷଣ, ଆର୍ଥିକ ସହାୟତା ଓ ବଜାର ସୁବିଧା ଯୋଗାଇ ଦିଆଯାଉଛି। କିନ୍ତୁ ଓଡ଼ିଶାରେ ଏଭଳି ସୁବିଧା ନଥିବାରୁ ମାଟି ଶିଳ୍ପ ଧୀରେ ଧୀରେ ବିଲୁପ୍ତି ଆଡ଼କୁ ଗତି କରୁଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିଳ୍ପୀମାନେ ରାଜ୍ୟ ସରକାରଙ୍କୁ ଏହି ପାରମ୍ପରିକ କଳା ଓ କାରିଗର ପରିବାରମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ, ଆର୍ଥିକ ସହାୟତା, କଞ୍ଚାମାଲ ଯୋଗାଣ, ପ୍ରଶିକ୍ଷଣ ଓ ବିପଣନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସମୟୋପଯୋଗୀ ପଦକ୍ଷେପ ଗ୍ରହଣ ନ କରାଗଲେ ରାଜ୍ୟର ଏହି ପ୍ରାଚୀନ ମାଟି ଶିଳ୍ପ ଇତିହାସର ପୃଷ୍ଠାରେ ସୀମିତ ହୋଇ ରହିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ନିଜର କୂଳ ବେଉସା ବୁଡ଼ିବା

## ସରକାରୀ ସହାୟତା ଅପେକ୍ଷାରେ ପୋଡ଼ାଗଡ଼ର ଶିଳ୍ପୀ ପରିବାର

ଦୁଃଖ ସହ ଆଧୁନିକ ଯୋଗରେ ଷ୍ଟିଲ ସିଲିଭର ବାସନ କୁସନର ଚାହିଦା ବଢ଼ିବା ଯୋଗୁଁ ମାଟି ପତ୍ର ଆଗ୍ରହ କମୁଛି। ପିଲାଙ୍କ ଭବିଷ୍ୟତ ଓ ପରିବାର ପ୍ରତିପୋଷଣ ପାଇଁ ସରକାରଙ୍କ ସହାୟତା ମିଳିଲେ ବୃତ୍ତିକୁ ଜୀବିତ ରଖିବା ପାଇଁ କୁମ୍ଭକାର ସମାଜର ଜିଲ୍ଲା ସଭାପତି ନବଘନ ବେହେରା, ଅଙ୍ଗଦ ବେହେରା, କୁମ୍ଭକାର ପ୍ରତିମା ମୁଦୁଲି, ଯାତ୍ରାକର ମୁଦୁଲି, କୁନି ବେହେରା, ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ମତ ପ୍ରକାଶ କରିଛନ୍ତି।

● ଘୂର୍ଣ୍ଣିଝଡ଼ରେ ବ୍ୟାପକ କ୍ଷତି

# ଗଛ ଉପୁଡ଼ିଲା, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା; ରାସ୍ତା ଅବରୋଧ



ରାଜକନିକା, ୨୫।୬(ସମିସ): ଆଜି ଅପରାହ୍ନରେ ଘୂର୍ଣ୍ଣିଝଡ଼ରେ ରାଜକନିକାର ପୂର୍ବ କନିକା ଅଞ୍ଚଳରେ ଗଛ ଉପୁଡି, ବିଜୁଳି ଖୁଣ୍ଟ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ଆଜି ଅପରାହ୍ନ ୨ଟା ୪ ମିନିଟ ସମୟରେ ହଠାତ ପୂର୍ବ ଦିଗରୁ କଳାହାଣ୍ଡିଆ ମେଘ ଆକାଶରେ ଦେଖାଯିବା ସହ ନହୁଲିଆ ବାଦରଜା ରାସ୍ତାର ନନ୍ଦିମାହାରା ଗାଁ ନିକଟରେ ୧୨୦ରୁ ଅଧିକ ବେଗରେ ପବନ ବହିବା ଆରମ୍ଭ ହୋଇ ରାସ୍ତା କଡ଼ ଗଛ, ବିଜୁଳି ଖୁଣ୍ଟ ଭାଙ୍ଗି ଛାରଖାର କରିଦେଇଛି। ରାସ୍ତା ଉପରେ ଗଛ ଓ ଖୁଣ୍ଟ ପଡ଼ି ରହିବାରୁ ଯାନବାହନ ଅଟକି ରହିଥିଲା। ସ୍ଥାନୀୟ ଲୋକ ରାସ୍ତା ସଫା ପାଇଁ ଅଗ୍ନିଶମ ବାହିନୀକୁ ଫୋନ କଲେ ମଧ୍ୟ କେହି ଫୋନ ନ ଉଠାଇବାରୁ ଗ୍ରାମର ଯୁବକ ରାସ୍ତାରେ ପଡ଼ିଥିବା ଗଛ କାଟି ରାସ୍ତା ଅବରୋଧ ହଟାଇଛନ୍ତି। ସେହିପରି ନନ୍ଦିମାହାରା ଗ୍ରାମର ଠାକୁରାଣୀଙ୍କ ନିକଟରେ ଥିବା ଯଜ୍ଞ ଘର ମଧ୍ୟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଗାଁ ଭିତରେ ମଧ୍ୟ ଗଛ ଭାଙ୍ଗିଯାଇଛି। ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏପରି କ୍ଷୟକ୍ଷତି ହୋଇଥିଲେ ବି ପ୍ରଶାସନର ଏଥିପ୍ରତି ଦୃଷ୍ଟି ନ ରହିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର

ଡେରାବିଶ/ପଞ୍ଚୁପାଣ୍ଡବ, ୨୫।୬(ସମିସ): ଡେରାବିଶ ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକ ନିକଟସ୍ଥ ଏକ ତେଲ ଟାଙ୍କି ନିକଟରେ ଗୁରୁବାର ଅପରାହ୍ନରେ ଟ୍ରକ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଶିଶୁପୁତ୍ର ସମେତ ଜଣେ ମହିଳା ଗୁରୁତର ଆହାତ ହୋଇଛନ୍ତି। ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଞ୍ଚଳର ରାଜୁ ବେହେରା (୨୪) କେନ୍ଦ୍ରାପଡ଼ାରୁ ଘରକୁ ଏକ ସ୍କୁଟିରେ ତାଙ୍କର ଜଣେ ସମ୍ପର୍କୀୟ ମହିଳା ଓ ଏକ ଶିଶୁପୁତ୍ରକୁ ଧରି ଫେରୁଥିବା ବେଳେ ପଛପଟୁ ତାଙ୍କୁ ଏକ ଟ୍ରକ ଧକ୍କା ଦେଇଥିଲେ। ଏଥିରେ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ ଶିଶୁପୁତ୍ର ଓ ମହିଳାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ରାଜୁଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। କେନ୍ଦ୍ରାପଡ଼ାରେ ରାଜୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଡେରାବିଶ ପୁଲିସ ପହଞ୍ଚି ଟ୍ରକ ଓ ସ୍କୁଟିକୁ ଜବତ କରିଛି।

## ବଜ୍ରପାତରେ ୩ ଗୁରୁତର

ରାଜକନିକା, ୨୫।୬(ସମିସ): ଆଜି ଅପରାହ୍ନରେ ବଜ୍ରପାତରେ ତିନିଜଣ ଗୁରୁତର ହୋଇଛନ୍ତି। ରାଜକନିକା ବ୍ଲକ ପାରିନୂଆପଡ଼ା ପଞ୍ଚାୟତ ହାବଳଗଣ୍ଡ ଗ୍ରାମର ବଚନ ମଲିକ ଓ ତାଙ୍କ ପରିବାର ଆଜି ମଧ୍ୟାହ୍ନରେ ପବନ ସାଙ୍ଗକୁ ବର୍ଷା ହେବାରୁ ସେମାନେ ବିଲରୁ ଘରକୁ ପଳାଇ ଆସୁଥିଲେ। ଏ ସମୟରେ ବଜ୍ରପାତ ହେବାରୁ ବଚନ ମଲିକ, ତାଙ୍କ ପତ୍ନୀ ଓ ବଡ଼ଭାଉଜ ଚେତା ହରାଇ ପଡ଼ିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ଚିକିତ୍ସା ଜାରି ରହିଛି।

## ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟଣାରେ ଜଣେ ଅଟକ

ଗରଦପୁର, ୨୫।୬(ସମିସ): ଗରଦପୁର ବ୍ଲକର ଉଦାଳ ଅଞ୍ଚଳରେ କେନ୍ଦୁଝର ଜିଲ୍ଲାର ଆଦିବାସୀ ଯୁବକ ରତ୍ନାକର ନାୟକ(୪୯)ଙ୍କ ମୃତ୍ୟୁ ଘଟଣାର ତଦନ୍ତକୁ ଜୋରଦାର କରିଛି ପାଟକୁରା ପୁଲିସ। ପୁଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। କେନ୍ଦୁଝର ଜିଲ୍ଲା ଘଟଗାଁ ଅଞ୍ଚଳର ବାସିନ୍ଦା ରତ୍ନାକର ନାୟକ ଗତ ଚାରିମାସ ଧରି ଉଦାଳ ଅଞ୍ଚଳରେ ରହି କାମ କରୁଥିଲେ। ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିବାବେଳେ ପ୍ରାଥମିକ ଭାବେ ବିଷାକ୍ତ ପଦାର୍ଥ ସେବନ କରିଥିବା କୁହାଯାଉଥିଲା। ମୃତକଙ୍କ ଭାଇ କୁଳମଣି ନାୟକ ପାଟକୁରା ଥାନାରେ ଅଭିଯୋଗ କରିବା ପରେ ଘଟଣା ନୂଆ ମୋଡ଼ ନେଇଛି। ପୁଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ କରୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରିଛି। ପରେ ତାଙ୍କୁ ଦଣ୍ଡ ପ୍ରକ୍ରିୟା ସଂହିତା (ସିଆରପିସି) ଧାରା ୪୧ ଅନୁଯାୟୀ ଥାନାରୁ ଜାମିନରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ କରିବା ପାଇଁ ପୁଲିସ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ରିପୋର୍ଟ ଆସିବା ପରେ ଯଦି କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି କିମ୍ବା ଅପରାଧିକ ଦିଗ ସାମ୍ନାକୁ ଆସେ, ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କହିଛି।

## ବନବିହାରୀଜୀଉ ହାଇସ୍କୁଲରେ ଖୋଲିବ +୨ ବିଜ୍ଞାନ

ରାଜନଗର, ୨୫।୬(ସମିସ): ଗୁପ୍ତି ପଞ୍ଚାୟତର ଗୋପାଳପୁରଠାରେ ଥିବା ବନବିହାରୀଜୀଉ ସରକାରୀ ହାଇସ୍କୁଲରେ +୨ ବିଜ୍ଞାନ ଶ୍ରେଣୀ ଖୋଲିବ। ଦିଲ୍ଲୀରେ ପ୍ରୋଜେକ୍ଟ ଆପ୍ରୁଭାଲ ବୋର୍ଡ ବୈଠକରେ ଏ ନେଇ ମଞ୍ଜୁରି ମିଳିଥିବା ଜଣାପଡ଼ିଛି। ଓଡ଼ିଶା ସରକାରଙ୍କ ଓସେପାକୁ ଏ ନେଇ ଚିଠି ଆସିବା ପରେ ଗୁପ୍ତି ଓ ସାତଭାୟା ପଞ୍ଚାୟତରେ ଖୁସିର ଲହରି ଖେଳିଯାଇଛି। ଗୁପ୍ତି ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଦୂରତା ୨୪ କିଲୋମିଟର ହୋଇଥିବାବେଳେ ସାତଭାୟା ପଞ୍ଚାୟତର ଦୂରତା ୨୬ କିଲୋମିଟର। ମାଟ୍ରିକ ପରେ ଦୂରତା ଦୃଷ୍ଟିରୁ ଏହି ଦୁଇ ପଞ୍ଚାୟତର ଅଧିକାଂଶ ଛାତ୍ରଛାତ୍ରୀ ପଢ଼ାରେ ଡୋରୀ ବାନ୍ଧିଥା'ନ୍ତି। ଗୁପ୍ତି ପଞ୍ଚାୟତର ଗୋପାଳପୁରଠାରେ ଥିବା ବନବିହାରୀଜୀଉ ହାଇସ୍କୁଲରେ +୨ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ବିଦ୍ୟାଳୟ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଚିଠି କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଓ ଡିପିସିଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ କେଉଁ କାରଣ ପାଇଁ ଏହି ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଖୋଲିବା ଜରୁରୀ ତାହା ଦର୍ଶାଯାଇଥିଲା। ଦିଲ୍ଲୀରେ ବସିଥିବା ପ୍ରୋଜେକ୍ଟ ଆପ୍ରୁଭାଲ ବୋର୍ଡ ବୈଠକରେ ବନବିହାରୀଜୀଉ ସରକାରୀ ହାଇସ୍କୁଲରେ +୨ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ମଞ୍ଜୁର ମିଳିଥିବା ଜଣାପଡ଼ିଛି। ଓଡ଼ିଶା ସରକାରଙ୍କ ଓସେପାକୁ ଏନେଇ ଚିଠି ଆସିବା ଏନେଇ ପକ୍ରିୟା ଆରମ୍ଭ ହୋଇଛି। ବନବିହାରୀଜୀଉ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୩୪୩ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ନବମ ଶ୍ରେଣୀରେ ୧୯୦ ଜଣ ଓ ଦଶମ ଶ୍ରେଣୀରେ ୨୦୯ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି।

ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା

# 'ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶା ଗଠନ ପାଇଁ ସମନ୍ୱିତ ପ୍ରୟାସ ଜରୁରୀ'

କେନ୍ଦ୍ରାପଡ଼ା, ୨୫।୬(ସମିସ)



ଶିଶୁ ଶ୍ରମିକ ନିରାକରଣ ଓ ଶିଶୁ ଅଧିକାର ସୁରକ୍ଷା କ୍ଷେତ୍ରରେ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସ ଅତ୍ୟନ୍ତ ଜରୁରୀ ବୋଲି ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳାରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆନୁକୂଲ୍ୟ ଓ ଜିଲ୍ଲା ଶ୍ରମ ବିଭାଗ ସହଯୋଗରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ ୧୯୮୬ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳାରେ ଏହି ମତ ପ୍ରକାଶ ପାଇଛି।

ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶା ଗଠନକୁ ସମସ୍ତଙ୍କ ସଂକଳ୍ପ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଶିଶୁମାନେ ଦେଶର ଭବିଷ୍ୟତ ହୋଇଥିବାରୁ ସେମାନଙ୍କୁ ଶିକ୍ଷିତ ଓ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ ଓ ମନସ୍ୱିତା ଖୁଣ୍ଟିଆ ଯୋଗଦେଇ ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ ହୋଟେଲ, ଦୋକାନ, ଇଟାଭାଟି ଓ ଅନ୍ୟାନ୍ୟ କାର୍ଯ୍ୟସ୍ଥଳରେ ନିୟୋଜିତ ନ କରିବା, ସ୍କୁଲ ଛାଡୁଥିବା ପିଲାଙ୍କୁ ପୁନଃ ଶିକ୍ଷା ସହିତ ଯୋଡ଼ିବା, ୧୪ ବର୍ଷରୁ ଅଧିକ ବୟସର କିଶୋରଙ୍କୁ ବୈଷୟିକ ଓ ଧନ୍ଦାମୂଳକ ତାଲିମ ପ୍ରଦାନ କରିବା ଦିଗରେ ସମନ୍ୱିତ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂ, ସିଡବ୍ଲୁସି ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି ଓ ଆଇୟୁସିଏଡବ୍ଲୁ ଡିଏସପି ବବିତା ଦଳେଇ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ କହିଥିଲେ ଯେ, ଦାରିଦ୍ର୍ୟ,

**ଶିଶୁ ଶ୍ରମ ନିରାକରଣ ଅଭିଯାନ**

ଆର୍ଥିକ ଦୁର୍ବଳତା ଓ ଶିକ୍ଷାର ଅଭାବ ଯୋଗୁଁ ଅନେକ ଶିଶୁ ଶିକ୍ଷାଞ୍ଚଳ, ହୋଟେଲ, ଦୋକାନ ଓ କାରଖାନାରେ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରୁ ମଧ୍ୟ ବାହାର ରାଜ୍ୟକୁ ଶିଶୁ ଚାଲାଣ ଘଟଣା ଦେଖିବାକୁ ମିଳୁଛି। ଏହାକୁ ରୋକିବା ପାଇଁ ଅଙ୍ଗନବାଡ଼ି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ସ୍ୱେଚ୍ଛାସେବୀ ସଂଗଠନ ଓ ସରକାରୀ ବିଭାଗମାନଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ସେମାନେ ମତ ଦେଇଥିଲେ। ଶିଶୁ ଶ୍ରମିକ ଚିହ୍ନଟ ଓ ଉଦ୍ଧାର କ୍ଷେତ୍ରରେ ସାଧାରଣ ଲୋକଙ୍କ ସହଯୋଗ କାମନା କରାଯାଇଥିଲା। ଏଥିପାଇଁ ଚାଇଲ୍ଡ ହେଲ୍ପଲାଇନ ୧୦୯୮, ପୁଲିସ ହେଲ୍ପଲାଇନ ୧୧୨ ଓ ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୪୪୯୪ରେ ସୂଚନା ପ୍ରଦାନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟକେତନ ସାହୁଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି କର୍ମଶାଳାରେ ସିଡବ୍ଲୁସି ସଦସ୍ୟ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଜିଲ୍ଲା ଶ୍ରମ ବିଭାଗର ଅଧିକାରୀ, ସିଡିପିଓ, ବିଭିନ୍ନ ଥାନାର ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

ଆଳି, ୨୫।୬(ସମିସ): ଆଳି ଥାନା ପରିସର ମଧ୍ୟରେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଧନେଶ୍ୱର ରାଉତଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଆଳି ଥାନା ଭାରପ୍ରାପ୍ତ ଅଧିକାରୀ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ, ସମ୍ମାନିତ ଅତିଥି ଭାବେ ଏସଆଇ ଲୀଳାବତୀ ସାମଲ, ଏସଆଓ ମାନସ ସାହୁ ଯୋଗ ଦେଇଥିଲେ। ଅତିଥିମାନେ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରିଥିଲେ। ପରେ ବରିଷ୍ଠ ନାଗରିକ ପରିଚୟ ପତ୍ରର ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବସ୍ ଭଡ଼ାରେ ବରିଷ୍ଠ ନାଗରିକ ଟିକେଟ୍ ମୂଲ୍ୟରେ ୨୫ ପ୍ରତିଶତ ରିହାତି ପାଇଥା'ନ୍ତି। ସରକାରୀ ହସ୍ପିଟାଲ ମାଧ୍ୟମରେ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ଓ ଅଗ୍ରାଧିକାର ମିଳିଥାଏ। ଆୟକର ରିଟର୍ଣ୍ଣ ଦାଖଲ ସମୟରେ ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ରିହାତି, ଅଧିକ ଆୟ ସୀମା ପର୍ଯ୍ୟନ୍ତ ଟ୍ୟାକ୍ସ ଛାଡ଼ ମିଳିଥାଏ। ଆଳି ଥାନା ଅଧୀନରେ ୬୨ ଜଣ ଆବେଦନ କରିଥିବାବେଳେ ଆଜି ବଣ୍ଟନ ସମାରୋହରେ ୫୨ ଜଣ ବରିଷ୍ଠ ନାଗରିକଙ୍କୁ ଏହି ପତ୍ର ବଣ୍ଟନ କରାଯାଇଛି। ଆଳି ବରିଷ୍ଠ ନାଗରିକ ସଂଘର ମଧୁସୂଦନ ଦାସ, ଜଗଦୀଶ ଧଳ, ଦାଶରଥି ପ୍ରଧାନ, ଗୋବିନ୍ଦ ନନ୍ଦ, କରୁଣାକର ସାମଲ, ସହଦେବ ସିଂହ, ମାୟାଧର ରାଉତ, ଦଶରଥ ମଲିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ସନ୍ତୋଷ ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନ ସଚେତନତା କାର୍ଯ୍ୟକ୍ରମ




ରାଜନଗର, ୨୫।୬(ସମିସ): ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ମିଶନ ଶକ୍ତି ଭବନରେ ମୁକୁଳ ମାଧବ ଫାଉଣ୍ଡେସନ୍ ଓ ଫିନୋଲେକ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ଆକ୍ସନଏଡ୍ ଆସୋସିଏସନର ଯୁବକ ଓ ମହିଳାଙ୍କ ପାଇଁ ଏକ ଆଇନଗତ ସଚେତନତା ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ୩୫ରୁ ଅଧିକ ସମ୍ପ୍ରଦାୟର ମହିଳା ଓ ଯୁବକ ଅଂଶଗ୍ରହଣ କରିଥିଲେ। ଏହି ତାଲିମର ଲକ୍ଷ୍ୟ ଥିଲା ଆଇନଗତ ଅଧିକାର, ସୁରକ୍ଷା ବ୍ୟବସ୍ଥା ଓ ଉପଲବ୍ଧ ସହାୟତା ସେବାର ପ୍ରବେଶ, ବିଶେଷକରି ମହିଳା ଓ ଯୁବକଙ୍କ ପାଇଁ ସଚେତନତାକୁ ସୁଦୃଢ଼ କରିବା। ଆଡଭୋକେଟ୍ ଦେବଦତ୍ତ ସେଠୀ ଆଇନଗତ ବ୍ୟବସ୍ଥା, ବିବାହ ଆଇନ, ଘରୋଇ ହିଂସା ଆଇନ, ଯୌନ ଅପରାଧରୁ ଶିଶୁ ସୁରକ୍ଷା ଆଇନ, ପରିବାର ଅଦାଲତର ଭୂମିକା ଓ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ସାଇବର ନିରାପତ୍ତା ଓ ସାଇବର ସେଲର କାର୍ଯ୍ୟକାରିତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମ ପ୍ରକଳ୍ପ ସଂଯୋଜିକା ସଙ୍ଗୀତା ବଳଙ୍କ ଦ୍ୱାରା ଉଦ୍ଦେଶ୍ୟମୂଳକ ଆଲୋଚନା ସହିତ ଆରମ୍ଭ ହୋଇଥିଲା। ସମ୍ପ୍ରଦାୟକୁ ସଶକ୍ତ କରିବା ଓ ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବାରେ ଆଇନଗତ ସାକ୍ଷରତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଆକ୍ସନଏଡ୍ ଦଳର ସଦସ୍ୟ ସବିତା ରାଉତ ଓ ସଞ୍ଜୁକ୍ତା ସ୍ୱାଇଁ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ



ମାର୍ଶାଘାଇ, ୨୫।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ପାଳନ ଅବସରରେ ମାର୍ଶାଘାଇ ବ୍ଲକସ୍ତରୀୟ ସରକାରୀ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ତୃପ୍ତି ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ଆଗାମୀ ଦିନରେ ମାର୍ଶାଘାଇ ଶିଳ୍ପ ବିକାଶ ମୁଖଶାଳା ହେବାକୁ ଯାଉଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ରଶ୍ମିରଞ୍ଜନ ରାଉତରାୟ, ବରିଷ୍ଠ ବିଜେପି ନେତା ସରୋଜ ସାହୁ, ବିକ୍ରମ କେଶରୀ ରାଉତରାୟ, ନିଗମ ପ୍ରସାଦ ରଥ, ପୂର୍ବତନ ସରପଞ୍ଚ ରାଜୀବ ପୃଷ୍ଟି, ସିଡିପିଓ ଶୈଳବାଳା ଚାଷୀ, ବ୍ଲକ କୃଷି ଅଧିକାରୀ ପ୍ରମୋଦିନୀ ପ୍ରଧାନ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ଅବସରରେ ନିର୍ମାଣ ଶ୍ରମିକ କାର୍ଡ ୫ ଜଣ, ମଧୁବାବୁ ପେନସନ ଭତ୍ତା ହିତାଧିକାରୀ ୨୦ ଜଣ, ମୁଖ୍ୟମନ୍ତ୍ରୀ ଗୃହନିର୍ମାଣ କାର୍ଯ୍ୟାଦେଶ ୪ ଜଣ, ଅଙ୍ଗନବାଡ଼ି କର୍ମୀ ୧୦ ଜଣଙ୍କୁ ମୋବାଇଲ୍ ମୁଖ୍ୟଅତିଥି ଶ୍ରୀ ନାୟକ ବଣ୍ଟନ କରିଥିଲେ। ବିଶିଷ୍ଟ ଉଦ୍ୟୋଗପତି ରନେନ୍ଦ୍ର ସ୍ୱାଇଁ ଓ ଦୁଇଜଣ କୁମ୍ଭକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏବିଡିଓ ଇତିଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପଟ୍ଟାମୁଣ୍ଡାଇ କଲେଜରେ ଯୋଗ ଶିବିର

ପଟ୍ଟାମୁଣ୍ଡାଇ, ୨୫।୬(ସମିସ): ପଟ୍ଟାମୁଣ୍ଡାଇ କଲେଜ ଏନଏସଏସ, ଏନସିସି ଓ ୟୁଥ ରେଡକ୍ରସ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି। କଲେଜ ଅଧ୍ୟକ୍ଷ କ୍ୟାପଟେନ ମନୋଜ




ପରିଡ଼ାଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଓ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ୟୁଥ ରେଡକ୍ରସ କାଉନସେଲର ଅଧ୍ୟାପକ ସରୋଜକାନ୍ତ ନାୟକ, ଏନସିସି ଅଫିସର ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ. ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ସୁଭାଶିଷ ମିଶ୍ର, ଏନଏସଏସ ଅଫିସର ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ, ଅଧ୍ୟାପକ ଚିନ୍ମୟ ସାମଲ ପ୍ରମୁଖ ଯୋଗଦେଇ ଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୋଗ ଶିକ୍ଷକ କ୍ଷୀରୋଦ ମଲ୍ଲିକ ଛାତ୍ରଛାତ୍ରୀଙ୍କୁ ଯୋଗ ଶିକ୍ଷା ଦେଇଥିଲେ।

## ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉତ୍ସବ ପାଳିତ

ପଟ୍ଟାମୁଣ୍ଡାଇ, ୨୫।୬(ସମିସ): ରାଜ୍ୟର ବିଜେପିର ସରକାରର ୨ ବର୍ଷ ପୂରଣ ହୋଇଛି। ସାରା ରାଜ୍ୟରେ ପୂର୍ତ୍ତି ଉତ୍ସବ ପାଳନ କରାଯାଉଛି। ଏହି କ୍ରମରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ୩ଟି ସ୍ଥାନରେ ପୂର୍ତ୍ତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ ପକ୍ଷରୁ ମୁଖ୍ୟ ଉତ୍ସବ ପୌର ପରିଷଦ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ଉତ୍ସବ ଉଦଘାଟନ କରି ରାଜ୍ୟ ସରକାର ୨ ବର୍ଷରେ ଗ୍ରହଣ କରିଥିବା ବିଭିନ୍ନ



ପଦକ୍ଷେପ, ନୂତନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ନିର୍ବାହୀ ରଞ୍ଜନ ଦାଶ, ସହକାରୀ ଯନ୍ତ୍ରୀ ସୁଶୀଲ ବେହେରା, ଜନସ୍ୱାସ୍ଥ୍ୟ ସହକାରୀ ଯନ୍ତ୍ରୀ ସୁଦାମ ସାହୁ, ସିଡିପିଓ ଲକ୍ଷ୍ମୀମଣି ସିଂ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ, ୨ନଂ କାଉନସିଲର ସନ୍ତୋଷ ଦାସ, ୨୦ନଂ କାଉନସିଲର ରୀନାରାଣୀ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ପରିମଳ ବିଶାରଦ ପ୍ରଭଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମ ସମ୍ପର୍କ ସୂଚନା ଦେଇଥିଲେ। ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ, ସହକାରୀ ଯନ୍ତ୍ରୀ ବିନାୟକ ମିଶ୍ର ଓ ପ୍ରସନ୍ନ ରାଉତ ପ୍ରମୁଖ ଉପସ୍ଥିତ ଥିବାବେଳେ ସିପି ମନୋରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

## ତିଖିରି ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ମହାକାଳପଡ଼ା, ୨୫।୬(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରୀ ପଞ୍ଚାୟତରେ ଦୀର୍ଘଦିନ ଧରି ବହୁ ଉନ୍ନୟନମୂଳକ କାମ ଅଟକି ରହିଥିବାବେଳେ ଏହାକୁ ନେଇ ଏକ ରୁଦ୍ଧଦ୍ୱାର ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ଓ ଡେପୁଟି କଲେକ୍ଟରଙ୍କ ନେତୃତ୍ୱରେ ଏକ ପାଞ୍ଚଜଣିଆ ଟିମ୍ ମହାକାଳପଡ଼ା ବ୍ଲକରେ ପହଞ୍ଚି ତିଖିରୀ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ସ୍ଥିତିର ସମୀକ୍ଷା କରିଥିଲେ। ପ୍ରାୟ ଏକଘଣ୍ଟା ଧରି ଚାଲିଥିବା ବୈଠକରେ ସରପଞ୍ଚ ଚାମେଲୀ ଓଝା ପଞ୍ଚାୟତରେ ଅଧାପଡ଼ି ରହିଥିବା ରାସ୍ତା, ପାନୀୟଜଳ, ଗୃହ ନିର୍ମାଣ ଓ ଅନ୍ୟାନ୍ୟ ସରକାରୀ ଯୋଜନା ସମ୍ବନ୍ଧୀୟ କାର୍ଯ୍ୟରେ ଥିବା ଅନିୟମିତତା ଓ ବିଳମ୍ବ ସମ୍ପର୍କରେ ଅଧିକାରୀଙ୍କୁ ଅବଗତ କରାଇଥିଲେ। ପ୍ରଶାସନିକ ଟିମ୍ ବିଭିନ୍ନ ଫାଇଲ ଯାଞ୍ଚ କରିବା ସହ କାମ ଅଟକି ରହିବାର କାରଣ ନେଇ ତଦନ୍ତ କରିଥିଲେ। ବୈଠକ ପରେ ମଧ୍ୟ ତିଖିରୀ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ କେବେ ଗତି ପାଇବ ଓ ଅଟକିଥିବା ପ୍ରକଳ୍ପର ଭାଗ୍ୟ କ'ଣ ହେବ, ତାହାକୁ ନେଇ ଲୋକଙ୍କ ମନରେ ସନ୍ଦେହ ରହିଛି। କିଛିଦିନ ପୂର୍ବରୁ ଏହି ପ୍ରକଳ୍ପଗୁଡ଼ିକୁ ନେଇ ବ୍ଲକ ବିଡିଓ ଓ ସରପଞ୍ଚ ଚାମେଲୀ ଓଝାଙ୍କ ମଧ୍ୟରେ ଘଟିଥିବା ବିବାଦ ଓ ଉତ୍ତେଜନା ଜିଲ୍ଲା ବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସମୟରେ ପ୍ରଶାସନ ପକ୍ଷରୁ ଏଭଳି ତଦନ୍ତମୂଳକ ବୈଠକ ଆୟୋଜନ ହେବା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ବୈଠକରେ ବିଡିଓ ରବିନାରାୟଣ ଆଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ମୁକ୍ତିକାନ୍ତ ସାହୁ ଓ ତିଖିରୀ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବେଶ କୁମାର ଉପସ୍ଥିତ ଥିଲେ। ଦୀର୍ଘଦିନ ଧରି ଅଟକି ରହିଥିବା ଉନ୍ନୟନ କାର୍ଯ୍ୟ ଓ ଅଭିଯୋଗର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ଦାବି କରିଛନ୍ତି ତିଖିରୀ ଗ୍ରାମବାସୀ। ବର୍ତ୍ତମାନ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

## ପଟ୍ଟାମୁଣ୍ଡାଇରେ ଆଧ୍ୟାତ୍ମିକ ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ, ୨୫।୬(ସମିସ): ଆଧ୍ୟାତ୍ମିକ ଭାବନା କେବଳ ବ୍ୟକ୍ତିକୁ ମାନସିକ ଶାନ୍ତି ପ୍ରଦାନ କରେନାହିଁ ଅଧିକନ୍ତୁ ବିଶ୍ୱରେ ମାନବିକତାର ପ୍ରତିଷ୍ଠାରେ ସହାୟକ ହୋଇଥାଏ। ପ୍ରକୃତ ଆଧ୍ୟାତ୍ମିକତା ବ୍ୟକ୍ତିକୁ ବହୁ ସଂକୀର୍ଣ୍ଣତାରୁ ମୁକ୍ତ କରେ। ବରିଷ୍ଠ ନାଗରିକ ମଞ୍ଚ ପଟ୍ଟାମୁଣ୍ଡାଇ ଚିତ୍ତବିନୋଦନ କକ୍ଷରେ ଅନୁଷ୍ଠିତ ଆଧ୍ୟାତ୍ମିକ ଆଲୋଚନାଚକ୍ରରେ ଯୋଗଦେଇ ଆଲୋଚକ



ମତ ଦେଇଛନ୍ତି। ମଞ୍ଚର ସାଂସ୍କୃତିକ ସମ୍ପାଦକ କଥାକାର ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ବିଶ୍ୱ ନିୟନ୍ତା ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବୃନ୍ଦାବନରୁ ଆସିଥିବା ରାମ ଚରିତ ପ୍ରବକ୍ତା ଅନୁପମ କୃଷ୍ଣ ଦାସ ସାରଗର୍ଭକ ଆଧ୍ୟାତ୍ମିକ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ସଭାପତି କଣ୍ଡୁରି ଚରଣ ସ୍ୱାଇଁ, ପ୍ର. କୈଳାସ ପାତ୍ର, ପାବନି ରାଉତ, ବିଜୟ ରାଉତ, ଶିକ୍ଷାବିତ ପ୍ରମୋଦ ନାୟକ, ନାଟ୍ୟକାର ଗୋଲକ ମହାରଣା, ପଣ୍ଡିତ ତ୍ରୈଲୋକ୍ୟ ମିଶ୍ର, ବଂଶୀଧର ନାୟକ, ତୀର୍ଥାନନ୍ଦ ଭଦ୍ର, ଇଂ ତପନ ପାତ୍ର, ପ୍ରସନ୍ନ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

ଦୃଷ୍ଟିବାଧିତଙ୍କ ନାମରେ ଋଣ ଉଠାଣ ଅଭିଯୋଗ

# ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଦମ୍ପତି

କେନ୍ଦ୍ରାପଡ଼ା, ୨୫।୬(ସମିସ)



ଦୃଷ୍ଟିବାଧିତ ଦମ୍ପତିଙ୍କ ସରଳତା ଓ ଅସହାୟତାର ସୁଯୋଗ ନେଇ ଲକ୍ଷାଧିକ ଟଙ୍କାର ଋଣ ଉଠାଣ ହୋଇଥିବା ଅଭିଯୋଗ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚିଛି। ମାର୍ଶାଘାଇ ଥାନା ଅନ୍ତର୍ଗତ ପଳାସପୁର ଗ୍ରାମର ଦୃଷ୍ଟିବାଧିତ ଦମ୍ପତି ସୋନୁ ମଲ୍ଲିକ ଓ ରୀନା ମଲ୍ଲିକ ନ୍ୟାୟ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ସ୍ଥାନୀୟ ୨୫ ନମ୍ବର ଜୋନ୍‌ର ମଣ୍ଡଳ ସଭାପତି ରଶ୍ମିରଞ୍ଜନ ରାଉତଙ୍କ ନାମରେ ଏକ ଜନସେବା କେନ୍ଦ୍ର ରହିଛି। ସୋନୁ ମଲ୍ଲିକ ନିୟମିତ ଭାବେ ଉକ୍ତ କେନ୍ଦ୍ରରୁ ନିଜ ଭତ୍ତା ଟଙ୍କା ଉଠାଉଥିବାରୁ ତାଙ୍କ ଟିପଚିହ୍ନ, ଆଧାର କାର୍ଡ ଓ ଅନ୍ୟାନ୍ୟ ଦସ୍ତାବିଜ ସେଠାରେ ଉପଲବ୍ଧ ଥିଲା। ଏହାର ସୁଯୋଗ ନେଇ ତାଙ୍କ ନାମରେ ଏକ ଫାଇନାନ୍ସ କମ୍ପାନୀରୁ ଋଣ ଉଠାଯାଇଥିବା ଅଭିଯୋଗ କରିଛନ୍ତି ଦମ୍ପତି। ସୋନୁ ମଲ୍ଲିକଙ୍କ କହିବା ଅନୁଯାୟୀ, ଋଣ ସମ୍ପର୍କରେ ସେମାନେ କିଛି ଜାଣି ନ ଥିଲେ। ପରେ ସମ୍ପୃକ୍ତ ଫାଇନାନ୍ସ କମ୍ପାନୀ ପକ୍ଷରୁ ଋଣ ପରିଶୋଧ ପାଇଁ କୁହାଯିବା ପରେ ସେମାନେ ଘଟଣା ବିଷୟରେ ଅବଗତ ହୋଇଥିଲେ। ଏହାପରେ ସେମାନେ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଦମ୍ପତି ଅଭିଯୋଗ କରିଛନ୍ତି। ସେମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ଘଟଣା ସମ୍ପର୍କରେ ସ୍ୱର ଉଠାଇବା ପରେ ସେମାନଙ୍କୁ ଧମକ ଦିଆଯାଉଛି। ଏପରିକି ଜୀବନ ପ୍ରତି ବିପଦ ଥିବା ନେଇ ମଧ୍ୟ ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏ ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ନିକଟରେ ନିରପେକ୍ଷ ତଦନ୍ତ, ଋଣ ଠକେଇର ପ୍ରକୃତ ସତ୍ୟ ଉଦ୍‌ଘାଟନ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି ଦୃଷ୍ଟିବାଧିତ ଦମ୍ପତି। ଘଟଣାକୁ ନେଇ ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଥିବାବେଳେ ପ୍ରଶାସନ କି ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ପ୍ରଶାସନର ଅବହେଳା, ବାସନ୍ତୀଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା



କେନ୍ଦ୍ରାପଡ଼ା, ୨୫।୬(ସମିସ): ଜୀବନର ସାୟାହ୍ନରେ ଜଣେ ଅସହାୟ ବୃଦ୍ଧା ଭତ୍ତାରୁ ବଞ୍ଚିତ ଅଛନ୍ତି। ରୋଗରେ ପୀଡ଼ିତା କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁରର ୭୮ ବର୍ଷୀୟା ବାସନ୍ତୀ ପାଣି ଚାରିବର୍ଷ ଧରି ବାର୍ଦ୍ଧକ୍ୟ ଭତ୍ତା ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶ ହୋଇପଡ଼ିଛନ୍ତି। ୨୦୨୨ ଅକ୍ଟୋବର ୧୦ ତାରିଖରେ ବାସନ୍ତୀ ପାଣି ଶେଷଥର ପାଇଁ ଭତ୍ତା ପାଇଥିଲେ। ତା'ପରଠାରୁ ଆଜି ପର୍ଯ୍ୟନ୍ତ ତାଙ୍କ ଖାତାକୁ ଆଉ ଭତ୍ତା ଟଙ୍କା ଆସିନାହିଁ। ଭତ୍ତା ପୁନଃ ଚାଲୁ କରିବା ପାଇଁ ସେ ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀଙ୍କ ନିକଟକୁ ଯାଇଥିଲେ ମଧ୍ୟ ପ୍ରତ୍ୟେକ ଥର କେବଳ ଆଶ୍ୱାସନା ମିଳିଛି। ଆଜି ହେବ, କାଲି ହେବ କହି କହି ଚାରିବର୍ଷ ବିତିଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ। ବୟସର ଭାରରେ ନଇଁ ପଡ଼ିଥିବା ଏହି ବୃଦ୍ଧା ବର୍ତ୍ତମାନ ରୋଗାକ୍ରାନ୍ତ ଅବସ୍ଥାରେ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି। ନିୟମିତ ଔଷଧ କିଣିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଥିବାବେଳେ ବାର୍ଦ୍ଧକ୍ୟ ଭତ୍ତା ତାଙ୍କର ଏକମାତ୍ର ଭରସା ବୋଲି ସେ କହିଛନ୍ତି। ସେହି ସାମାନ୍ୟ ସହାୟତାରୁ ମଧ୍ୟ ସେ ଦୀର୍ଘ ଚାରି ବର୍ଷ ଧରି ବଞ୍ଚିତ ରହିଛନ୍ତି। ବାସନ୍ତୀ ପାଣିଙ୍କ ଏହି ଦୁଃଖଭରା କାହାଣୀ କେବଳ ଜଣେ ବୃଦ୍ଧାଙ୍କ ବ୍ୟକ୍ତିଗତ ସମସ୍ୟା ନୁହେଁ, ବରଂ ସାମାଜିକ ସୁରକ୍ଷା ଯୋଜନାର କାର୍ଯ୍ୟକାରିତା ଓ ପ୍ରଶାସନିକ ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜୀବନର ଶେଷ ପର୍ଯ୍ୟାୟରେ ଜଣେ ଅସହାୟ ବୃଦ୍ଧା ଯଦି ତାଙ୍କ ହକ୍‌ର ସରକାରୀ ସହାୟତା ପାଇପାରୁନାହାନ୍ତି, ତେବେ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ବାସ୍ତବ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଆଜି ବି ବାସନ୍ତୀ ପାଣିଙ୍କ ଆଖିରେ ରହିଛି ଗୋଟିଏ ଆଶା। ତାଙ୍କ କହିବା କଥା, ଯଦି ଭତ୍ତା ଟଙ୍କା ମିଳିଥା'ନ୍ତା, ଔଷଧ ଖାଇଥା'ନ୍ତି, ଆଉ କିଛିଦିନ ବଞ୍ଚିଥା'ନ୍ତି। ଏବେ ଦେଖିବାକୁ ବାକି ରହିଲା, ଜଣେ ୭୮ ବର୍ଷୀୟା ବୃଦ୍ଧାଙ୍କ ଏହି ଆର୍ତ୍ତନାଦ ପ୍ରଶାସନର କାନରେ ପହଞ୍ଚୁଛି କି ନାହିଁ।

ସକାଳ
THE SAKALA

# ସମ୍ପାଦକୀୟ



କୃତ୍ରିମ ବୁଦ୍ଧିମତ୍ତାର ସମ୍ପୂର୍ଣ୍ଣ ବିକାଶ ଘଟିଲେ ମଣିଷ-ମଣିଷ ମଧ୍ୟରେ ପ୍ରତିଯୋଗିତାର ଅନ୍ତ ହେବ।

-ଷ୍ଟିଫେନ୍ ହକିଙ୍ଗ

## ପାସପୋର୍ଟ ବିବାଦ

ବିଦେଶ ଯାତ୍ରା ପାଇଁ ପାସ୍‌ପୋର୍ଟ ବିଶ୍ୱସ୍ତରରେ ଏକ ବୈଧ ପରିଚୟ ପତ୍ର ଭାବେ ଗୃହୀତ ହେଉଥିବା ବେଳେ ଏହା କୌଣସି ଦେଶର ନାଗରିକତ୍ୱର ପ୍ରମାଣପତ୍ର ଭାବେ ପରୋକ୍ଷ ସ୍ୱୀକୃତ। ଅନେକ ସ୍ଥାନରେ ଆଧାର କାର୍ଡ, ପାନ୍ କାର୍ଡ, ଭୋଟର କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଆଦି ସହିତ ପାସ୍‌ପୋର୍ଟ ମଧ୍ୟ ବୈଧ ପ୍ରମାଣପତ୍ର ଭାବେ ଜାତୀୟସ୍ତରରେ ପ୍ରଚଳିତ। କିନ୍ତୁ 'ପାସପୋର୍ଟ କେବଳ ଏକ ଦେଶାଟନ ବା ବିଦେଶଭ୍ରମଣର ଅନୁମତିପତ୍ର, ନାଗରିକତ୍ୱର ବୈଧ ପ୍ରମାଣପତ୍ର ନୁହେଁ' ବୋଲି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯିବା ପରେ ବିବାଦ ସୃଷ୍ଟି ହୋଇଛି। ବିରୋଧୀ ଦଳ ସମେତ ଅନେକ ବୁଦ୍ଧିଜୀବୀ ଏଥିରେ ଆପତ୍ତି ଉଠାଇଛନ୍ତି।

ସାଧାରଣତଃ ଜଣେ ବ୍ୟକ୍ତିର ସବିଶେଷ ପରିଚୟ, ପୁଙ୍ଖାନୁପୁଙ୍ଖ ବିବରଣୀ, ଠିକଣା, ଚରିତ୍ର, ଶାରୀରିକ ଗଠନ(ବାୟୋମାଟ୍ରିକ) ଆଦି ପୁଲିସ୍ ପ୍ରଶାସନ ଦ୍ୱାରା ଯାଞ୍ଚ କରାଯାଇ ସବୁଜ ସଙ୍କେତ ଦିଆଯିବା ପରେ ଭାରତ ସରକାର ପାସ୍‌ପୋର୍ଟ ଜାରି କରୁଛନ୍ତି। ଏପରିକି ସମ୍ପ୍ରତି ଭାରତର ମୁଖ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ବିତର୍କିତ ଓ ବିବାଦୀୟ ଏସ୍‌ଆଇଆର ପ୍ରକ୍ରିୟାରେ ବୈଧ ନାଗରିକତ୍ୱର ପ୍ରମାଣ ପାଇଁ ଯେଉଁ ୧୧ଟି ପ୍ରମାଣପତ୍ରର ଆବଶ୍ୟକତା ଦର୍ଶାଯାଇଛି ସେଥିମଧ୍ୟରେ ପାସ୍‌ପୋର୍ଟ ମଧ୍ୟ ରହିଛି। ତେଣୁ ପାସ୍‌ପୋର୍ଟ ଭାରତୀୟତାକୁ ସୂଚିତ କରୁନାହିଁ ବୋଲି କହିବା ପରେ ବିବାଦ ଉଠିବା ସ୍ୱାଭାବିକ। ବୈଦେଶିକ ମନ୍ତ୍ରଣାଳୟର ମନ୍ତବ୍ୟ ପରେ ସରକାରୀ ୱେବ୍‌ସାଇଟଗୁଡ଼ିକରେ ଲେଖାଥିବା ବୈଧ ପ୍ରମାଣପତ୍ର ତାଲିକାରୁ ପାସ୍‌ପୋର୍ଟ ହଟାଇ ଦିଆଯାଉ ବୋଲି ଦାବି ହୋଇଛି। ଏପରିକି ଅଣଭାରତୀୟମାନଙ୍କୁ ଭାରତ ସରକାର ପାସ୍‌ପୋର୍ଟ ଦେଉଛନ୍ତି କି ବୋଲି ମଧ୍ୟ ପ୍ରଶ୍ନ ଉଠିଛି।

ଏହି ପରିପ୍ରେକ୍ଷୀରେ ଭାରତୀୟ ପାସ୍‌ପୋର୍ଟ ଆଇନ ୧୯୬୭ର ଧାରା ୨୦ ଏବଂ ୨୦୧୩ରେ ବମ୍ବେ ହାଇକୋର୍ଟଙ୍କ ଏକ ରାୟକୁ ଉଦ୍ଧୃତ କରି ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି ଯେ ପାସ୍‌ପୋର୍ଟ ଅଣଭାରତୀୟଙ୍କୁ ମଧ୍ୟ ଦିଆଯିବାର ପ୍ରାବଧାନ ଥିବାରୁ ପାସ୍‌ପୋର୍ଟକୁ ବୈଧ ନାଗରିକତ୍ୱର ବୈଧ ପ୍ରମାଣପତ୍ର ଭାବରେ ଗ୍ରହଣ କରାଯାଇପାରିବ ନାହିଁ। ବିଶେଷଜ୍ଞମାନେ ମଧ୍ୟ ସରକାରଙ୍କୁ ପରୋକ୍ଷ ସମର୍ଥନ କରିଛନ୍ତି। ବହିର୍ବ୍ୟାପାର ବିଶେଷଜ୍ଞଙ୍କ ମତାନୁଯାୟୀ ପାସ୍‌ପୋର୍ଟ ଓ ନାଗରିକତ୍ୱ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ପ୍ରସଙ୍ଗ। ପାସପୋର୍ଟ କେବଳ ଜଣେ ପର୍ଯ୍ୟଟକ ବା ଯାତ୍ରୀଙ୍କ ସୁରକ୍ଷା ଓ ଚିହ୍ନଟର ଅନୁମତିପତ୍ର, ଯାହା ଯେକୌଣସି ଦେଶ ଦ୍ୱାରା ଜାରି କରାଯାଇପାରିବ। ଏହା ସରକାରୀ ଦସ୍ତାବେଜ୍ ବା ସରକାରୀ ସମ୍ପତ୍ତି ହୋଇଥିବାରୁ ସରକାର ଚାହିଁଲେ ତାହାକୁ ପ୍ରତ୍ୟାହାର କରିପାରିବେ। କିନ୍ତୁ ନାଗରିକତ୍ୱ ସରକାରୀ ସମ୍ପତ୍ତି ନୁହେଁ; ଏହା ସମ୍ବିଧାନ ପ୍ରଦତ୍ତ ପରିଚୟ ଓ ମୌଳିକ ଅଧିକାର ସନ୍ନିହିତ। ସରକାର କୌଣସି ନାଗରିକଙ୍କ ନାଗରିକତ୍ୱ ପ୍ରତ୍ୟାହାର କରିପାରିବେ ନାହିଁ; ଅନ୍ୟଥା ଜଣେ ନିଜ ଆଡୁ ନାଗରିକତ୍ୱ ଫେରାଇ ଦେଇପାରିବେ।

ଏହାର ବିରୋଧାଭାସରେ ମତ ପ୍ରକାଶ ପାଇଛି ଯେ ଯଦି ଏହା କେବଳ ଦେଶାଟନର ଏକ ଅନୁମତିପତ୍ର ତେବେ ପାସ୍‌ପୋର୍ଟ ପ୍ରଦାନ ଓ ନବୀକରଣ ବେଳେ ଆଧାର ଓ ପାନ୍ କାହିଁକି ଜରୁରୀ? ପାସ୍‌ପୋର୍ଟ ଆଇନର ଧାରା ୬(୨) କହୁଛି ଯେ ଯଦି ଆବେଦନକାରୀ ଭାରତୀୟ ନାଗରିକ ନୁହନ୍ତି ତେବେ ତାଙ୍କ ପାସପୋର୍ଟ ଆବେଦନକୁ ଖାରଜ କରିଦିଆଯିବ। ଅର୍ଥାତ୍ କେବଳ ନାଗରିକଙ୍କୁ ହିଁ ପାସ୍‌ପୋର୍ଟ ମିଳିବ। ତେଣୁ ପାସ୍‌ପୋର୍ଟ ଜାରି କରିବା ବେଳେ ଜନ୍ମ ତାରିଖ ଓ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି। ସେହିପରି ୧୯୮୭ ଜୁଲାଇ ୧ ତାରିଖ ପରେ ଭାରତରେ ଜନ୍ମିତ ବ୍ୟକ୍ତିଙ୍କୁ ପାସ୍‌ପୋର୍ଟ ଆବେଦନ ବେଳେ କେବଳ ଜନ୍ମ ପ୍ରମାଣପତ୍ରରେ କାମ ଚଳିବ ନାହିଁ। ତାଙ୍କୁ ପ୍ରମାଣ କରିବାକୁ ପଡ଼ିବ ଯେ ଜନ୍ମ ବେଳେ ପିତାମାତାଙ୍କ ମଧ୍ୟରୁ ଅନ୍ୟୂନ ଜଣେ ଭାରତୀୟ ନାଗରିକ ହୋଇଥିବେ। ୨୦୦୪, ଡିସେମ୍ବର ୩ ତାରିଖ ପରେ ଜନ୍ମିତ ବ୍ୟକ୍ତି ପାସ୍‌ପୋର୍ଟ ଆବେଦନ କରିବା ବେଳେ ତାଙ୍କ ପିତାମାତା ଉଭୟ ଭାରତୀୟ ନାଗରିକ ବୋଲି ପ୍ରମାଣିତ କରିବାକୁ ପଡ଼ିବ। ତେଣୁ ପାସ୍‌ପୋର୍ଟ ସ୍ୱତଃ ଭାରତୀୟତାର ପ୍ରମାଣପତ୍ର ହୋଇଯାଉଛି।

ନିକଟରେ ଏସ୍‌ଆଇଆର ମାମଲାର ଶୁଣାଣି ବେଳେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ କେବଳ ଆଧାର କାର୍ଡକୁ ଭାରତୀୟ ନାଗରିକତ୍ୱର ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ସେହିପରି ପାନ୍ କାର୍ଡ ମଧ୍ୟ ନାଗରିକତ୍ୱର ପ୍ରମାଣ ଦେଉନାହିଁ। ନିର୍ବାଚନ ଆୟୋଗ ଭୋଟର ପରିଚୟ ପତ୍ରକୁ ନାଗରିକତ୍ୱର ବୈଧ ପ୍ରମାଣପତ୍ର ରୂପେ ମାନିବାକୁ ନାରାଜ୍। ଏବେ ସରକାର କହିଲେଣି ପାସ୍‌ପୋର୍ଟ ମଧ୍ୟ ନାଗରିକତ୍ୱର ପ୍ରମାଣପତ୍ର ନୁହେଁ। ତେବେ ଜଣେ ଭାରତୀୟର ନାଗରିକତ୍ୱର ପ୍ରମାଣ କ'ଣ, ତାହା ସରକାର ସ୍ପଷ୍ଟ କରିବା ଦରକାର। ବୋଧହୁଏ କୌଣସି ରାଜ୍ୟରେ ଏସ୍‌ଆଇଆର ଜରିଆରେ ଅଣଏନ୍‌ଡିଏ ଭୋଟରଙ୍କୁ ହଟାଇବା ପାଇଁ ସରକାରଙ୍କ ଏହା ଏକ ନୂଆ ଚାଲ୍ ହୋଇପାରେ ବୋଲି ବିରୋଧୀମାନେ ଯେଉଁ ମତ ଦେଉଛନ୍ତି ତାହାକୁ ସହସା ଅସ୍ୱୀକାର କରିହେଉନାହିଁ।

ମୂଳ କଥା ହେଲା ଆଇନଗୁଡ଼ିକ ଏଭଳି ଗୋଳମାଳିଆ ହୋଇ ରହିଛି ଯେ ଗୋଟିଏ ଅନ୍ୟଟିକୁ ବିବାଦୀୟ କରିଦେଉଛି। ଏହା ଅନ୍ଧମାନଙ୍କର ହାତୀଦର୍ଶନ ଭଳି। ଯିଏ ଗୋଡ଼କୁ ଛୁଇଁଲା ସେ କହିଲା ହାତୀ ଏକ ଖମ୍ବ ଭଳି; ଯିଏ ଲାଞ୍ଜକୁ ଛୁଇଁଲା ସେ କହିଲା ହାତୀ ଏକ ଦଉଡ଼ି ଭଳି; ଯିଏ କାନକୁ ଛୁଇଁଲା ସେ କହିଲା ହାତୀ ଏକ କୁଲା ଭଳି, ଯିଏ ଶୁଣ୍ଢକୁ ଛୁଇଁଲା ସେ କହିଲା ହାତୀ ଏକ ଓହଳ ଭଳି। ତେଣୁ ଆମ ଆଇନଗୁଡ଼ିକୁ ଯିଏ ଯେଉଁଭଳି ତର୍ଜମା କଲା ସେଭଳି ମନ୍ତବ୍ୟ ଦେଲା। ସମୟ ବଦଳୁଛି। ଆଇନର ଭାଷାକୁ ସମୟ ଅନୁଯାୟୀ ସରଳୀକରଣ କରାଯିବା ଆବଶ୍ୟକ, ଯାହା ଏକ ସାଧାରଣ ନାଗରିକ ବୁଝିପାରିବ ଏବଂ ଆଇନର ଶବ୍ଦବିନ୍ୟାସର ତର୍ଜମା ମଧ୍ୟ ଜଟିଳତା ଓ ବିବାଦ ସୃଷ୍ଟି କରିବ ନାହିଁ। ●

## ସମୃଦ୍ଧ ମାତୃଭାଷା ଓ ସୁରକ୍ଷିତ ମାତୃଭୂମି

**ପ୍ରହଲାଦ କୁମାର ସିଂହ**

ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ସରକାର ଯୋଗାଉଥିବା ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଘେନି ବିଭିନ୍ନ ମହଲରେ ଆଲୋଚନା ଓ ସମାଲୋଚନା ଚାଲିଥିବା ବେଳେ କେହି କେହି ଏହାକୁ 'ସାମାନ୍ୟ ତ୍ରୁଟି' ବୋଲି ପାଲଟା ଯୁକ୍ତି ବାଢ଼ୁଛନ୍ତି। ଏମିତିକି ତ୍ରୁଟିପୂର୍ଣ୍ଣ ପୁସ୍ତକଗୁଡ଼ିକରେ ଏବର୍ଷ ପିଲାଏ ପାଠ ପଢ଼ିବେ ଏବଂ ଶିକ୍ଷକମାନେ ପିଲାଙ୍କ ବହି ସଂଶୋଧନ ବିଭାଗୀୟ କର୍ତ୍ତୃପକ୍ଷ ଯୋଗାଉଥିବା ଶୁଦ୍ଧିପତ୍ର ଆଧାରରେ କରିବେ ବୋଲି ବରିଷ୍ଠ ଅଧିକାରୀମାନେ ସୂଚନା ଦେଉଥିବା ବେଳେ ଯୋଗାଯାଉଥିବା ଶୁଦ୍ଧିପତ୍ରରେ ବି ଅନେକ ଅଶୁଦ୍ଧି ଥିବା ଘେନି ପୁନର୍ବାର ଅଭିଯୋଗ ଉଠିଛି। ପିଲାଙ୍କ ପାଠ୍ୟପୁସ୍ତକ, ପରୀକ୍ଷାର ପ୍ରଶ୍ନପତ୍ର ଏମିତିକି କେତେକ ସ୍ଥଳରେ ନିଯୁକ୍ତି ଲାଗି ହେଉଥିବା ପ୍ରବେଶିକା ପରୀକ୍ଷା ପ୍ରଶ୍ନପତ୍ରରେ ବି ତ୍ରୁଟି ରହୁଛି ଏବଂ ଏହା ଧରାପଡ଼ିବା ପରେ କର୍ତ୍ତୃପକ୍ଷ କ୍ଷତିଭରଣା ପାଇଁ ପିଲାମାନଙ୍କୁ 'ଗ୍ରେସ୍ ମାର୍କ' ଦେବାର ଅନେକ ଦୃଷ୍ଟାନ୍ତ ମଧ୍ୟ ରହିଛି। ତେବେ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଜୀବନର ମୂଳଦୁଆ ପକାଯାଉଥିବା ବେଳେ ଏଥିରେ ରହୁଥିବା ତ୍ରୁଟି ସେମାନଙ୍କ ଭବିଷ୍ୟତ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରିପାରେ।

ମାତୃଭାଷା ହେଉଛି ସମାଜ, ସଂସ୍କୃତି, ଅସ୍ମିତା ଓ ରାଷ୍ଟ୍ରର ସୁରକ୍ଷା କବଚ। ଯାହାର ମାତୃଭାଷା ଯେତେ ଦୁର୍ବଳ ଓ ବିପଦସଂକୁଳ ତାହାର ସଂସ୍କୃତି, ସାହିତ୍ୟ ଓ ସାମାଜିକ ବ୍ୟବସ୍ଥା ସେତେ ବିପଜ୍ଜନକ। ତେଣୁ ମାତୃଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ଆବହମାନକାଳରୁ ନିରନ୍ତର ପ୍ରୟାସ ଜାରି ରହିଛି। ମଣିଷ ଭୁଲ କରିବା କିଛି ନୂଆକଥା ନୁହେଁ। କିଛି କାମ କଲେ କିଛି ଭୁଲ ରହିପାରେ। ଏହି ଭୁଲକୁ ସଂଶୋଧନ କରି ଆଗକୁ ମାଡ଼ିଚାଲିବା ହେଉଛି ପ୍ରଗତିର ଲକ୍ଷଣ। କିନ୍ତୁ ଯେଉଁମାନେ ତ୍ରୁଟି ବିଚ୍ୟୁତିକୁ ଜାଣି ସୁଦ୍ଧା ଏହାକୁ ସାଙ୍ଗରେ ଧରି ଚାଲନ୍ତି ସେମାନଙ୍କ ଯାତ୍ରାପଥ ବିପଦସଂକୁଳ ହୋଇପଡ଼େ। ଏହି ପ୍ରସଙ୍ଗରେ ଗାନ୍ଧିଜୀ ମନେ ପଡ଼ନ୍ତି।

ମାତୃଭାଷା ଓ ପୁସ୍ତକର ତ୍ରୁଟି-ବିଚ୍ୟୁତି ସଂକ୍ରାନ୍ତରେ ଗାନ୍ଧିଜୀଙ୍କ ଆଭିମୁଖ୍ୟ ଅତି ସ୍ପଷ୍ଟ ଥିଲା। ତାଙ୍କ ରଚନାତ୍ମକ କାମରେ ମାତୃଭାଷାରେ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଉଥିଲା। ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ମୌଳିକ ଶିକ୍ଷା ଓ ନୟୀ ତାଲିମ୍ ବ୍ୟବସ୍ଥାରେ ମାତୃଭାଷାର ସ୍ଥାନ ଉଚ୍ଚରେ ରହିଥିଲା। ତାଙ୍କ ପ୍ରଥମ ଓଡ଼ିଶା ଗସ୍ତ ବେଳେ ୧୯୨୧ରେ ସେ ମାତୃଭାଷାରେ ଶିକ୍ଷା ସଂକ୍ରାନ୍ତରେ ଯେଉଁ ବକ୍ତବ୍ୟ ଦେଇଥିଲେ ତାହା ସଦା ପ୍ରାସଙ୍ଗିକ।

ଲୋକମାନ୍ୟ ବାଲ ଗଙ୍ଗାଧର ତିଳକଙ୍କୁ ଗାନ୍ଧିଜୀ ବେଶ୍ ସମ୍ମାନ କରୁଥିଲେ। ତିଳକ ମାଣ୍ଡାଲେ ଜେଲ୍‌ରେ ବନ୍ଦୀ ଥିବା ବେଳେ ମରାଠୀ ଭାଷାରେ 'ଗୀତା ରହସ୍ୟ' ଲେଖିଥିଲେ। ଏହା ବେଶ୍ ଉଚ୍ଚକୋଟୀର। ଏହାର ଗୁଜୁରାଟୀ ଅନୁବାଦ ଛପେଇ କାମ ଶେଷ ପରେ ଗାନ୍ଧିଜୀଙ୍କୁ ମୁଖବନ୍ଧ ଲେଖିବା ପାଇଁ କୁହାଗଲା। ମୁଦ୍ରିତ ଫର୍ଦ୍ଦଗୁଡ଼ିକରେ ଅନେକ ଭାଷା ଓ ବ୍ୟାକରଣଗତ ତ୍ରୁଟି ଥିବାରୁ ଗାନ୍ଧିଜୀ ଭାଷା ବିଶେଷଜ୍ଞମାନଙ୍କ ଦ୍ୱାରା ତାହାର ସଂଶୋଧନ କରାଇ ନିର୍ଭୁଲ ଗୁଜୁରାଟୀ ଅନୁବାଦ ଛପାଇଲେ ଏବଂ ତ୍ରୁଟିପୂର୍ଣ୍ଣ ଛାପା ଫର୍ଦ୍ଦଗୁଡ଼ିକୁ ଜାଳିଦେଲେ। ଗାନ୍ଧିଜୀଙ୍କ ମତ ଥିଲା ଭାଷାରେ ତ୍ରୁଟିବିଚ୍ୟୁତି ନଜରକୁ ଆସିବା ମାତ୍ରେ ତାହାର ତୁରନ୍ତ ସଂଶୋଧନ କରାଯିବା ଆବଶ୍ୟକ। ନ ହେଲେ ଭାଷା ବିକୃତ ହୋଇଯିବ ଏବଂ ତାହାର କୁପ୍ରଭାବ ସଂସ୍କୃତି, ସମାଜ ଓ ଜାତି ଉପରେ ପଡ଼ିବ। ବହୁ ଅର୍ଥବ୍ୟୟରେ ଛପା କାମ ସରିଥିବାରୁ ପ୍ରଥମ ସଂସ୍କରଣଟି ପ୍ରକାଶ କରିଦେବା ପାଇଁ କେହି କେହି ମତ ଦେଇଥିଲେ। କିନ୍ତୁ ଗାନ୍ଧିଜୀ ଏହାର ବିରୋଧ କରିଥିଲେ। ଏମିତିକି ତ୍ରୁଟିପୂର୍ଣ୍ଣ ଛପା ଫର୍ଦ୍ଦଗୁଡ଼ିକୁ ଠୁଙ୍ଗା ପାଇଁ ବିକ୍ରି କଲେ ତାହା ମଧ୍ୟ ଭାଷାକୁ ବିକଳାଙ୍ଗ କରିବ ବୋଲି ଯୁକ୍ତି ବାଢ଼ି ସେ ଏଗୁଡ଼ିକ ଜଳାଇଦେବାର ବ୍ୟବସ୍ଥା କରିଥିଲେ।

ଗାନ୍ଧିଜୀ 'ଗୁଜରାଟ ରାଜକୀୟ ପରିଷଦ' ସଂସ୍ଥାର ଅଧ୍ୟକ୍ଷ ଥିବା ବେଳେ ସେଠାରେ ଗୃହୀତ ପ୍ରସ୍ତାବ ବଡ଼ଲାଟଙ୍କ ନିକଟକୁ ଇଂରାଜୀରେ ପଠାଇବାକୁ ଚିଠା ତିଆରି ହୋଇଥିଲା। ତେବେ ଗାନ୍ଧିଜୀଙ୍କ ନଜରକୁ ଏହା ଆସିବା ପରେ ସେ ବଡ଼ଲାଟଙ୍କ ଉଦ୍ଦେଶ୍ୟରେ ଥିବା ସ୍ତବବନ୍ଦନାତକ କାଟିଦେବା ସହିତ ଗୁଜୁରାଟୀ ଭାଷାର ପ୍ରୟୋଗ କରିଥିଲେ। ବଡ଼ଲାଟ ଇଂରେଜ ହୋଇଥିବାରୁ ସେ ଗୁଜୁରାଟୀ କିଭଳି ବୁଝିବେ ବୋଲି କେତେକ ପ୍ରଶ୍ନ ଉଠାଇଥିଲେ। ଏହାର ଉତ୍ତରରେ ଗାନ୍ଧିଜୀ କହିଥିଲେ ଇଂରେଜମାନେ ବେପାର କରିବାକୁ ଆମ ଦେଶକୁ ଆସି ଏଠାରେ ଶାସନ କରୁଛନ୍ତି। ତେଣୁ ଆମ ଭାଷା ବୁଝିବା ଓ ଶିଖିବା ସେମାନଙ୍କ ଦାୟିତ୍ୱ। ଶେଷରେ ଗାନ୍ଧିଜୀଙ୍କ କଥା ରହିଲା ଏବଂ ଗୁଜୁରାଟୀରେ ପଠାଯାଇଥିବା ପତ୍ରର ଉତ୍ତର ମଧ୍ୟ ବଡ଼ଲାଟଙ୍କଠାରୁ ଆସିଲା।

ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ ସଂଗ୍ରାମର ବିଜିତ ସେନାପତି ଗାନ୍ଧିଜୀ ଭାରତ ଫେରିଲେ ୧୯୧୫ ଜାନୁଆରୀ ୯ ତାରିଖରେ। ବମ୍ବେରେ ଏହି ଅବସରରେ ଗୋଟିଏ ଗୁଜୁରାଟୀ ଅଭ୍ୟର୍ଥନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏ ସଭାରେ ଜଣେ ଗୁଜୁରାଟୀ ହିସାବରେ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ସମେତ ଅନେକ ଉପସ୍ଥିତ ଥିଲେ। ଜିନ୍ନା ଓ ଅନେକ ଗାନ୍ଧିଜୀଙ୍କୁ ସ୍ୱାଗତ ଜଣାଇ ଇଂରାଜୀରେ ବକ୍ତୃତା ଦେଇଥିଲେ। ତାଙ୍କ ଆତ୍ମକଥା 'ସତ୍ୟର ପ୍ରୟୋଗ'ରେ ଗାନ୍ଧିଜୀ ଠାଏ ଲେଖିଛନ୍ତି, 'ମୋ ପାଳି ପଡ଼ିବାରେ ମୁଁ ଜବାବ୍ ଗୁଜୁରାଟୀରେ ଦେଲି। ଗୁଜୁରାଟୀ ଓ ହିନ୍ଦୁସ୍ତାନୀ ପ୍ରତି ମୋର ପକ୍ଷପାତିତାକୁ ସ୍ୱଳ୍ପ କଥାରେ ବୁଝାଇଦେଲି ଏବଂ ଗୁଜୁରାଟୀଙ୍କ ସଭାରେ ଇଂରାଜୀ ଭାଷାର ବ୍ୟବହାର ବିରୋଧରେ ମୋର ପ୍ରତିବାଦ ନମ୍ର ଭାବେ ଜଣାଇଦେଲି...; ମାତ୍ର ମୁଁ ଯେ ସାହସ ସହକାରେ ଗୁଜୁରାଟିରେ ଉତ୍ତର ଦେଲି, ତା'କୁ କେହି ଭୁଲ୍ ବୁଝି ନ ଥିଲେ। ସମସ୍ତେ ମୋ ପ୍ରତିବାଦକୁ ସହି ଯାଇଥିଲେ। ଏହା ଦେଖି ମୁଁ ଖୁସି ହେଲି ଏବଂ ନୂଆ ଦିଶୁଥିବା ମୋର ଅନ୍ୟ ବିଚାରଗୁଡ଼ିକୁ ଦେଶର ଜନତାଙ୍କ ଆଗରେ ଉପସ୍ଥାପିତ କରିବାରେ କଷ୍ଟ ହେବ ନାହିଁ, ଏହି ସଭାର ଅନୁଭବରୁ ମୁଁ ଉକ୍ତ ସିଦ୍ଧାନ୍ତରେ ପହଞ୍ଚିଲି।'

ବମ୍ବେରେ ସେତେବେଳେ ଗାନ୍ଧିଜୀଙ୍କର ପ୍ରଥମ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ସାମ୍ବାଦିକମାନଙ୍କ ସହ ପରିଚୟ ପ୍ରଦାନ ପରେ ଜଣେ ସାମ୍ବାଦିକ ଗାନ୍ଧିଜୀଙ୍କୁ ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନ ଇଂରାଜୀରେ ପଚାରିଥିଲେ। ଗାନ୍ଧିଜୀ ଏହି ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ଓଲଟା ପ୍ରଶ୍ନ କରିଥିଲେ ଯେ ସାମ୍ବାଦିକ ଜଣକ ଗୁଜୁରାଟୀ ଓ ସେ ନିଜେ ଗୁଜୁରାଟୀ ହୋଇଥିବା ବେଳେ ଦୁଇ ଗୁଜୁରାଟୀଙ୍କ ମଧ୍ୟରେ କଥାବାର୍ତ୍ତା ପାଇଁ ଲଣ୍ଡନ ଦେଇ ଆସିବାର କ'ଣ ଆବଶ୍ୟକତା ଅଛି। ଆଶଙ୍କା କରାଯାଉଥିଲା ଯେ ଗାନ୍ଧିଜୀଙ୍କ ଏଭଳି ପ୍ରଶ୍ନକୁ ସାମ୍ବାଦିକମାନେ ଭୁଲ୍ ବୁଝି ହୁଏତ ନକାରାତ୍ମକ ସମ୍ବାଦ ପରିବେଷଣ କରିବେ। କିନ୍ତୁ ପରଦିନ ପ୍ରାୟ ସମସ୍ତ ଅଗ୍ରଣୀ କାଗଜର ପ୍ରଥମପୃଷ୍ଠାରେ ସକାରାତ୍ମକ ଭାବେ ସାମ୍ବାଦିକମାନେ ଏହି ଭାଷା ପ୍ରସଙ୍ଗକୁ ସ୍ଥାନିତ କରିଥିଲେ।

ଗାନ୍ଧିଜୀ ଭାରତ ଫେରିବା ପରେ ପ୍ରଥମେ ଅହମ୍ମଦାବାଦ ନିକଟବର୍ତ୍ତୀ କୋଚ୍ଚରବଠାରେ ସତ୍ୟାଗ୍ରହ ଆଶ୍ରମ ଏକ ଭଡ଼ାଘରେ ଆରମ୍ଭ କରିଥିଲେ ଏବଂ ପରେ ତାହା ସାବରମତୀରେ ସ୍ଥାୟୀ ଭାବେ ପ୍ରତିଷ୍ଠା ହେଲା। ଲବଣ ସତ୍ୟାଗ୍ରହ ପରେ ଗାନ୍ଧିଜୀ ଏହି ଆଶ୍ରମକୁ ହରିଜନ ସେବକ ସଂଘକୁ ଦାନ କରିଦେଲେ ଏବଂ ତାହାପରଠାରୁ ଆଉ କେବେ ସାବରମତୀକୁ ଫେରିନାହାନ୍ତି। ଏହି ଆଶ୍ରମ ପ୍ରତିଷ୍ଠା ସମ୍ପର୍କରେ ଗାନ୍ଧିଜୀ ତାଙ୍କ ଆତ୍ମକଥାରେ ଲେଖିଛନ୍ତି, 'ସନ ୧୯୧୫ ମେ ୨୫ ତାରିଖରେ ସତ୍ୟାଗ୍ରହ ଆଶ୍ରମ ସ୍ଥାପିତ ହେଲା। ଶ୍ରଦ୍ଧାନନ୍ଦଜୀ ଚାହୁଁଥିଲେ ମୁଁ ହରଦ୍ୱାରରେ ରହେ। କଲିକତାର କେତେକ ବନ୍ଧୁ ବୈଦ୍ୟନାଥଧାମର ପ୍ରସ୍ତାବ ରଖିଥିଲେ..., ଆଗରୁ ଅହମ୍ମଦାବାଦ ପାଇଁ ମୋର ଗୋଟାଏ ମୋହ ଥିଲା। ମୁଁ ଗୁଜୁରାଟୀ ଥିବାରୁ ଗୁଜୁରାଟୀ ଭାଷା ଜରିଆରେ ଦେଶର ସବୁଠାରୁ ବେଶୀ ସେବା କରିପାରିବି ବୋଲି ମୋର ବିଶ୍ୱାସ ଥିଲା... ଅହମ୍ମଦାବାଦରେ ଆଶ୍ରମ ସ୍ଥାପନ କରିବାର ତେଣୁ ଶେଷ ସିଦ୍ଧାନ୍ତ କଲି।'

ଭାଷା ଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଯେଉଁ ଉଦ୍ୟମ ଚାଲିଥିଲା ତା'କୁ ଗାନ୍ଧିଜୀ ଖୋଲା ସମର୍ଥନ ଦେଇ ଜାତୀୟସ୍ତରରେ ଓଡ଼ିଆଙ୍କ ଦାବି ଉଠାଇବା ସହିତ ପଡ଼ୋଶୀ ରାଜ୍ୟର ନେତାମାନଙ୍କୁ ବି ପ୍ରଭାବିତ କରିଥିଲେ। ଓଡ଼ିଶାକୁ ରାଜନୈତିକ ପରିଚିତି ଦେବା ପାଇଁ ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରାୟ ୧୫ ବର୍ଷ ପୂର୍ବରୁ ଗୋପବନ୍ଧୁଙ୍କ ନେତୃତ୍ୱରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଢ଼ିଥିଲେ। ତାଙ୍କ ସମ୍ପାଦିତ 'ୟଙ୍ଗ୍ ଇଣ୍ଡିଆ', 'ନବଜୀବନ' ଆଦି ପତ୍ରିକାରେ ଧାରାବାହିକ ଭାବେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କଥା ବାରମ୍ବାର ଲେଖୁଥିଲେ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ମଧ୍ୟ ବହୁ କ୍ଷେତ୍ରରେ ନିଜର ତ୍ରୁଟି ସୁଧାରିବା ସହିତ ସମାଲୋଚନାକୁ ସ୍ୱାଗତ କରୁଥିଲେ। ଏ ସଂକ୍ରାନ୍ତରେ ସାପ୍ତାହିକ ସମାଜର ୯/୨/୧୯୨୬ ସଂସ୍କରଣରେ ଦାସେ ଆପଣେ ଲେଖିଥିଲେ, 'କେହି ମୋର ଦୋଷ ଦେଖାଇଲେ ମୁଁ ମନେ କରେ ହୁଏତ ଯଥାର୍ଥରେ ମୋର ସେ ଦୋଷ ଅଛି, ନହେଲେ ବା ସେ ଭୁଲ ବୁଝିଛନ୍ତି, ସୁତରାଂ ମୋର ପ୍ରଥମେ ନିଜ ଭିତରକୁ ଚାହିଁବା ଉଚିତ୍। ଭଲ ରୂପେ ଆତ୍ମପରୀକ୍ଷା କରି ନିଜ ଦୋଷ ଦେଖିଲେ ତାହା ସଂଶୋଧନ କରିବା ଉଚିତ୍। ନିଜର ସେପରି ଦୋଷ ନଦେଖିଲେ ସେ ଭୁଲ ବୁଝିଛନ୍ତି ବୋଲି ବୁଝିବାକୁ ହେବ। ଭୁଲ ପୁଣି ଦୁଇପ୍ରକାର ହୋଇପାରେ। ସରଳ ଭାବରେ ଏହି ଯଥାର୍ଥ ବିଷୟ ନଜାଣି ଭୁଲ କରିପାରନ୍ତି। ଏ ଭୁଲ ବେଶି ଦିନ ରହେ ନାହିଁ। ତାଙ୍କର ସତ୍ୟ, ସରଳତା ଅକ୍ଷୁଣ୍ଣ ଥିଲେ ପରବର୍ତ୍ତୀ ଘଟଣାରେ ଏ ଭ୍ରମ ଆପେଆପେ ତୁଟିଯାଏ।'

ଏ ପରିପ୍ରେକ୍ଷୀରେ ବ୍ୟକ୍ତିଗତ, ସାମାଜିକ ଓ ରାଷ୍ଟ୍ରୀୟ ଜୀବନରେ ତ୍ରୁଟି ସ୍ୱୀକାର କରି ତାହାର ସଂଶୋଧନ କରାଯିବା ଆବଶ୍ୟକ। ନହେଲେ ଭୁଲ ବାଟରେ ଯାଇ ଠିକଣା ସ୍ଥାନରେ ପହଞ୍ଚିବା କିପରି? ●

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ଆମ ସମାଜର ନିରବ ନାୟକ

**ସୌଜନ୍ୟ କୁମାର ପରିଡ଼ା**

ସକାଳ ହେବା ପୂର୍ବରୁ କେହି ରାସ୍ତା ଝାଡୁ ଦେଉଛନ୍ତି, କେହି ଖବରକାଗଜ ବାଣ୍ଟୁଛନ୍ତି, କେହି କ୍ଷେତରେ ହଳ ଧରୁଛନ୍ତି, କେହି ଇଟା, ବାଲି ଓ ସିମେଣ୍ଟ ବୋହି ଘର ଗଢ଼ୁଛନ୍ତି। ଆଉ କେହି ଖରା, ବର୍ଷା ଓ ଶୀତକୁ ଅବହେଳା କରି ଆମ ଘରଦ୍ୱାରକୁ ଖାଦ୍ୟ, ଔଷଧ କିମ୍ବା ଆବଶ୍ୟକ ସାମଗ୍ରୀ ପହଞ୍ଚାଉଛନ୍ତି। ଆମେ ସେମାନଙ୍କୁ ସାଧାରଣତଃ 'ମଜଦୂର', 'ଶ୍ରମିକ', 'ଡେଲିଭରି ବୟ' କିମ୍ବା 'କାମକରୁଥିବା ଲୋକ' ବୋଲି ଡାକୁ। କିନ୍ତୁ ଆମେ କେବେ ଭାବିଛୁ କି, ଏହି ଲୋକମାନଙ୍କ ବିନା ଆମର ଦୈନନ୍ଦିନ ଜୀବନ କେତେ ଅସହାୟ ହୋଇଯିବ?

ସମାଜରେ ପ୍ରାୟତଃ ଗୋଟିଏ କଥା ଶୁଣିବାକୁ ମିଳେ, 'ମଜବୁର ଅଛି ବୋଲି ମଜଦୂର।' କଥାଟି ଶୁଣିବାକୁ ସହଜ ହେଲେ ମଧ୍ୟ ଏହା ଅଧା ସତ୍ୟ। ଅନେକ ଲୋକ ପରିସ୍ଥିତିର ଚାପରେ କଠିନ ପରିଶ୍ରମ କରନ୍ତି, କିନ୍ତୁ ସମସ୍ତ ଶ୍ରମିକଙ୍କ ପରିଚୟକୁ କେବଳ 'ମଜବୁରୀ'ରେ ସୀମିତ କରିଦେବା ତାଙ୍କର ପରିଶ୍ରମ, ସଂଘର୍ଷ ଓ ଆତ୍ମସମ୍ମାନକୁ ଛୋଟ କରିଦେବା ସହ ସମାନ। ସେମାନଙ୍କ ହାତରେ ଥାଏ ଝାଳ, କିନ୍ତୁ ସେହି ହାତ ହିଁ ଆମ ଭବିଷ୍ୟତ ଗଢ଼େ। ସେମାନଙ୍କ ମୁହଁରେ ଥାଏ କ୍ଳାନ୍ତି, କିନ୍ତୁ ସେହି କ୍ଳାନ୍ତି ହିଁ ଆମ ସୁଖର ଭିତ୍ତି। ସେମାନେ ନିରବ, କିନ୍ତୁ ସେମାନଙ୍କ ପରିଶ୍ରମର ସ୍ୱରରେ ହିଁ ଚାଲୁଛି ସାରା ଦୁନିଆ। କାରଣ ଦୁନିଆର ସବୁଠୁ ସୁନ୍ଦର ଇମାରତ, ସବୁଠୁ ଚଉଡ଼ା ରାସ୍ତା ଓ ସବୁଠୁ ବଡ଼ ସଫଳତାର ମୂଳରେ ଥାଏ ଜଣେ ଶ୍ରମିକର ନିରବ ଝାଳ ବୁନ୍ଦା। ମଜଦୁରଙ୍କ ହାତ ମାଟିରେ ଲାଗିଥାଏ, କିନ୍ତୁ ସେହି ହାତ ହିଁ ଆକାଶଛୁଆଁ ସ୍ୱପ୍ନ ଗଢ଼ିଥାଏ। ସେମାନେ ଖବରର ଶିରୋନାମା ହୁଅନ୍ତି ନାହିଁ, କିନ୍ତୁ ସେମାନଙ୍କ ବିନା କୌଣସି ଶିରୋନାମା ସୃଷ୍ଟି ହୁଏ ନାହିଁ।

ବାସ୍ତବରେ 'ମଜଦୂର' କୌଣସି ପରିଚୟ ନୁହେଁ, ଏକ ଗୌରବ। କାରଣ ଯିଏ ନିଜ ପରିଶ୍ରମରେ ଜୀବନ ଚଳାଏ, ଯିଏ ନିଜ ହାତର ଶକ୍ତିରେ ପରିବାରର ସ୍ୱପ୍ନକୁ ବଞ୍ଚାଇ ରଖେ, ସେ କେବେବି ଦୟାର ପାତ୍ର ନୁହେଁ, ବରଂ ସମ୍ମାନର ଅଧିକାରୀ। ଆଜି ଆମେ ଯେଉଁ ଘରେ ରହୁଛୁ, ଯେଉଁ ରାସ୍ତାରେ ଚାଲୁଛୁ, ଯେଉଁ ବିଦ୍ୟାଳୟରେ ପଢ଼ୁଛୁ, ଯେଉଁ ହସ୍ପିଟାଲରେ ଚିକିତ୍ସା ପାଉଛୁ ଏବଂ ଯେଉଁ କାର୍ଯ୍ୟାଳୟରେ କାମ କରୁଛୁ, ସେସବୁର ପଛରେ ଅସଂଖ୍ୟ ଶ୍ରମିକଙ୍କ ଝାଳ ଓ ପରିଶ୍ରମ ଲୁଚି ରହିଛି। ଆମେ କେବଳ ତିଆରି ହୋଇଥିବା ସୁବିଧାକୁ ଦେଖୁଛୁ। ତୀବ୍ର ଖରାରେ ରାସ୍ତାର ପିଚୁ ତରଳି ଯାଉଥିଲେ ମଧ୍ୟ, ପ୍ରବଳ ବର୍ଷାରେ ପୋଷାକ ଭିଜିଯାଉଥିଲେ ମଧ୍ୟ, ରାତିର ଅନ୍ଧକାରରେ ବିପଦକୁ ମୁହାଁ ହୋଇ ଡେଲିଭରି ବୟମାନେ ଆମ ଦୁଆରେ ପହଞ୍ଚିଯାଆନ୍ତି। ଆମେ ମୋବାଇଲରେ ଗୋଟିଏ ବଟନ ଦବାଉଛୁ, କିନ୍ତୁ ସେହି ଗୋଟିଏ କ୍ଲିକ୍ ପଛରେ କାହାର ଦୌଡ଼, କାହାର ପରିଶ୍ରମ ଓ କାହାର ସମୟ ଜଡ଼ିତ ରହିଛି, ତାହା ଅନେକ ସମୟରେ ଭୁଲିଯାଉଛୁ।

ଯେତେବେଳେ ଆମେ ଆରାମରେ ଶୋଇ ରହୁଥାଉ, ସେତେବେଳେ କେହି ଜଣେ ଜାଗି ରହି ନିଜ କର୍ତ୍ତବ୍ୟ ପୂରଣ କରୁଥାଏ। ଯେତେବେଳେ ଆମେ ପରିବାର ସହ ସମୟ କାଟୁଥାଉ, ସେତେବେଳେ କେହି ଜଣେ ନିଜ ପରିବାରଠାରୁ ଦୂରେ ରହି ଆମ ସୁବିଧା ସୁନିଶ୍ଚିତ କରୁଥାଏ। ଆମ ହସ ପଛରେ ଅନେକ ଅଜଣା ମୁହଁର ତ୍ୟାଗ ଲୁଚି ରହିଛି। ସେମାନଙ୍କର ମଧ୍ୟ ପରିବାର ଅଛି, ସ୍ୱପ୍ନ ଅଛି, ଦାୟିତ୍ୱ ଅଛି। ସେମାନେ ମଧ୍ୟ ଚାହାନ୍ତି ପରିବାର ସହ କିଛି ସମୟ କାଟିବାକୁ, ସନ୍ତାନର ହସ ଦେଖିବାକୁ, ନିଜ ପାଇଁ କିଛି ସମୟ ବଞ୍ଚାଇ ରଖିବାକୁ। କିନ୍ତୁ ଜୀବନର ଦାୟିତ୍ୱ ଓ କର୍ତ୍ତବ୍ୟ ସେମାନଙ୍କୁ ନିରନ୍ତର ଚାଲିବାକୁ ବାଧ୍ୟ କରେ। ସେମାନଙ୍କ ଜୀବନ କୌଣସି ଚଳଚ୍ଚିତ୍ରର ନାୟକଙ୍କ ପରି ଆଲୋଚିତ ହୁଏନାହିଁ, କିନ୍ତୁ ବାସ୍ତବ ଜୀବନର ନାୟକ ସେମାନେ।

ଆମ ସମାଜର ଏକ ବିଡ଼ମ୍ବନା ହେଉଛି, ଯେଉଁ କାମ ଯେତେ ଅଧିକ ଆବଶ୍ୟକ, ସେହି କାମ କରୁଥିବା ଲୋକଙ୍କୁ ସେତେ କମ୍ ସମ୍ମାନ ମିଳେ। ଆମେ ବଡ଼ ବଡ଼ ପଦବୀ ଓ ଚାକିରିକୁ ସମ୍ମାନ ଦେଉ; କିନ୍ତୁ ସେହି ଶ୍ରମିକଙ୍କୁ ଭୁଲିଯାଉ ଯିଏ ନିଜ ହାତରେ ସେହି କାର୍ଯ୍ୟାଳୟର ଭିତ୍ତି ତିଆରି କରିଥିଲେ। ଆମେ ରେଷ୍ଟୁରାଣ୍ଟରେ ଖାଦ୍ୟ ଖାଇ ଖୁସି ହେଉ, କିନ୍ତୁ ଖାଦ୍ୟ ପହଞ୍ଚାଇଥିବା ଯୁବକଙ୍କୁ ହସି 'ଧନ୍ୟବାଦ' କହିବାକୁ ଭୁଲିଯାଉ। ସମ୍ମାନ କେବଳ ଟଙ୍କା କିମ୍ବା ପଦବୀରୁ ଆସେ ନାହିଁ। ସମ୍ମାନ ଆସେ ମଣିଷର ପରିଶ୍ରମ ଓ କର୍ତ୍ତବ୍ୟନିଷ୍ଠାରୁ। ଜଣେ ଶ୍ରମିକ, ଜଣେ ପରିଚ୍ଛନ୍ନତା କର୍ମଚାରୀ, ଜଣେ ଡେଲିଭରି କର୍ମଚାରୀ, ଜଣେ ଚାଷୀ କିମ୍ବା ଜଣେ ଦିନମଜୁରିଆ ଯେପରି ସମ୍ମାନର ଅଧିକାରୀ, ସେପରି ଜଣେ ଅଧିକାରୀ, ଶିକ୍ଷକ କିମ୍ବା ବ୍ୟବସାୟୀ ମଧ୍ୟ।

ଆଜିର ଦ୍ରୁତଗାମୀ ଯୁଗରେ ଆମେ ସଫଳତାକୁ ମାପୁଛୁ ବେତନ, ଗାଡ଼ି, ଘର ଓ ସାମାଜିକ ପ୍ରତିଷ୍ଠାରେ। କିନ୍ତୁ ଜଣେ ଶ୍ରମିକଙ୍କ ଝାଳର ମୂଲ୍ୟକୁ ମାପିବା ପାଇଁ କୌଣସି ଯନ୍ତ୍ର ନାହିଁ। ସେ ଦିନସାରା ଖଟି ପରିବାର ପାଇଁ ଦୁଇ ମୁଠା ଖାଦ୍ୟ ଯୋଗାଡ଼ କରେ। ତା'ର ସ୍ୱପ୍ନ ବହୁତ ବଡ଼ ନ ହୋଇପାରେ; କିନ୍ତୁ ସେହି ସ୍ୱପ୍ନର ଭିତ୍ତି ତା'ର ସତ ପରିଶ୍ରମ ଉପରେ ଗଢ଼ା। ଇତିହାସ ସାଧାରଣତଃ ରାଜା, ନେତା ଓ ମହାନ ବ୍ୟକ୍ତିଙ୍କ ନାମ ମନେ ରଖେ; କିନ୍ତୁ ସଭ୍ୟତାର ପ୍ରକୃତ ଭିତ୍ତି ଗଢ଼ିଥିବା ଅସଂଖ୍ୟ ଶ୍ରମିକଙ୍କ ନାମ ଅନେକ ସମୟରେ ଅଜଣା ହୋଇ ରହିଯାଏ। ତଥାପି ସେମାନଙ୍କ ପରିଶ୍ରମ ବିନା ଉନ୍ନତିର କୌଣସି କାହାଣୀ ସମ୍ପୂର୍ଣ୍ଣ ହୋଇପାରେ ନାହିଁ।

ଆସନ୍ତୁ ଆମେ ଆମର ଦୃଷ୍ଟିଭଙ୍ଗୀ ବଦଳାଇବା। 'ମଜବୁର ଅଛି ବୋଲି ମଜଦୂର' କହିବା ପରିବର୍ତ୍ତେ କହିବା, 'ମଜଦୂର ଅଛି ବୋଲି ଦୁନିଆ ଚାଲୁଛି' ବୋଲି କହିବା। ସମସ୍ତ କାର୍ଯ୍ୟରତ ପୁରୁଷ, ମହିଳା, ଶ୍ରମିକ, ଚାଷୀ, ପରିଚ୍ଛନ୍ନତା କର୍ମଚାରୀ, ଡ୍ରାଇଭର, ସୁରକ୍ଷାକର୍ମୀ ଓ ଡେଲିଭରି କର୍ମଚାରୀମାନଙ୍କୁ ଏହି ଲେଖା ଶ୍ରଦ୍ଧାଭରା ସମର୍ପଣ। ●

ବାରୁଅ(କେନ୍ଦ୍ରାପଡ଼ା), ମୋ: ୮୨୪୯ ୯୪୩୨୪୭

## ବୋହୂ ରୂପରେ ପୂଜା ପା'ନ୍ତି ପିତା ଶୁଖୁଆ

**ଓଜସ୍ୱିନୀ**

ଆଦିମାନବର ପ୍ରକୃତି ପୂଜନରୁ ସୃଷ୍ଟି ହୋଇଥିବା ଅଧ୍ୟାତ୍ମ ଧାରା ସମୟକ୍ରମେ ସଭ୍ୟ ସମାଜରେ ବିଭିନ୍ନ ପ୍ରକାର ଓଷା ବା ବ୍ରତର ରୂପ ଧାରଣ କରିଛି। ଏହି ମହାର୍ଘ ପରମ୍ପରାରେ ମୃତଜୀବର ଅଂଶବିଶେଷ ଶଙ୍ଖ, କଉଡ଼ି, ମୃଗଛାଲ, ଚାମର ଆଦି ବସ୍ତୁ ଦିବ୍ୟ ଓ ପବିତ୍ରତାର ପ୍ରତୀକ ହୋଇଥିବା ବେଳେ ମୃତଜୀବ ଭାବେ ଶୁଖୁଆ ମଧ୍ୟ ପୂଜନୀୟ। ଓଡ଼ିଶାରେ ଏହାକୁ ନେଇ 'କାଞ୍ଜିଅଁଳା ଓଷା' ନାମକ ଏକ ବିଶେଷ ପର୍ବ ମଧ୍ୟ ପାଳନ କରାଯାଉଛି। ବିଶ୍ୱାସ ରହିଛି ଯେ, ଏହି ଓଷାକୁ ନିଷ୍ଠାର ସହ ପାଳନ କରାଗଲେ ନିଃସନ୍ତାନ ନାରୀମାନଙ୍କର ଉତ୍ତମ ସନ୍ତାନପ୍ରାପ୍ତି ହେବା ସହିତ ଶିଶୁଙ୍କର ମଙ୍ଗଳସାଧନ ହୋଇଥାଏ।

ଓଡ଼ିଶାର କେତେକ ସ୍ଥାନରେ ମାର୍ଗଶୀର ମାସ କୃଷ୍ଣ ନବମୀ ଦିନ କାଞ୍ଜିଅଁଳା ଓଷା ପାଳନ କରାଯାଏ। ଏହି ପର୍ବ ଷଠୀଦେବୀଙ୍କୁ ସମର୍ପିତ। ପୌରାଣିକ ମତାନୁସାରେ ଷଠୀଦେବୀ ଜନ୍ମ ସମୟରେ ସନ୍ତାନସନ୍ତତିଙ୍କ ଭାଗ୍ୟ ନିର୍ଦ୍ଧାରଣ କରନ୍ତି ଏବଂ ଶିଶୁର ମଙ୍ଗଳବିଧାନ କରି ପ୍ରତ୍ୟେକ କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିଥା'ନ୍ତି। ମାର୍ଗଶୀର ମାସ କୃଷ୍ଣପକ୍ଷର ନବମୀ ଦିନ ବିବାହିତାମାନେ ଦିନସାରା ଉପବାସ ରହିବା ପରେ ସନ୍ଧ୍ୟା ସମୟରେ ଅଗଣାରେ ଥିବା ତୁଳସୀ ଚଉରା ମୂଳରେ ଗୋଟିଏ ଛୋଟ ଚାରିକୋଣିଆ

**ବିଚିତ୍ର ବିଶ୍ୱାସ**

ଗାତ ଖୋଳି ତହିଁରେ ପାଣି ଭରି ପୋଖରୀରୁ ଛୋଟ ଛୋଟ ମାଛ ଆଣି ସେଥିରେ ଛାଡ଼ିଥା'ନ୍ତି। ଏହି ଗାତ ଚାରିପଟେ ବାଲୁଙ୍ଗା ଧାନ ଏବଂ ପୋଖରୀ ମଝିରେ ସାରୁ ଗଛଟିଏ ପୋତି ତା'ରି ମୂଳରେ ପିଢ଼ାଟିଏ ରଖାଯାଏ। ସାତଟି ପିତା ଶୁଖୁଆ ଆଣି ସେଗୁଡ଼ିକୁ ହଳଦୀ ପାଣିରେ ଧୋଇ ହଳଦିଆ କନାରେ ଗୁଡ଼ାଇ ବୋହୂ ପରି ବେଶ କରି କଜ୍ଜ୍ୱଳ, ସିନ୍ଦୂର ଲଗାଇ ପିଢ଼ା ଉପରେ ରଖାଯାଏ। ପ୍ରତିଟି ଶୁଖୁଆ ପାଖରେ ଗୋଟିଏ ଲେଖାଏଁ ପୋଇ ଖାଡ଼ି ରଖିଯାଏ। ଭୋଗ ନିମନ୍ତେ ଘରେ ଭାତ, ଡାଲି ଓ କାଞ୍ଜି ସହିତ ସାରୁ, ମୂଳା, ପିତା ଶୁଖୁଆ ପକାଇ ତରକାରୀ ଓ ଦୁଇଟି ଚକୁଳି ପିଠା ପ୍ରସ୍ତୁତ କରାଯାଏ। ଶିଶୁମାନଙ୍କର ମଙ୍ଗଳକାମନା ସହ ଉତ୍ତମ ସନ୍ତାନ ପ୍ରାପ୍ତି ପାଇଁ କାମନା କରି ଭୋଗ ଅର୍ପଣ କରାଯାଏ। ପୂଜା ସରିବା ପରେ ଉକ୍ତ ଭୋଗକୁ ମା'ମାନେ ଯେଉଁ ପିଲାଙ୍କ ପାଇଁ ମାନସିକ କରିଥିବେ, ସେମାନଙ୍କୁ ଖୁଆଇଦିଅନ୍ତି। ଅବଶିଷ୍ଟ ଭୋଗ ନଦୀରେ ଭସାଇ ଦିଆଯାଏ କିମ୍ବା ପୋତି ଦିଆଯାଏ। ଏହାପରେ ଶୁଖୁଆ ବୋହୂଙ୍କ ପାଖରେ ରଖା ଯାଇଥିବା ସାତଖଣ୍ଡି ପୋଇକୁ ମଧ୍ୟ ଜଳରେ ବିସର୍ଜନ କରାଯାଏ। କାରଣ ସେଗୁଡ଼ିକୁ ଅନ୍ୟ କାହାକୁ ଦେବା ପାଇଁ ବାରଣ ରହିଥାଏ।

ଶୁଖୁଆ ପୂଜନ ସମ୍ପର୍କିତ ଏହି ଓଷା ପାଳନ ପଛରେ ଗୋଟିଏ ଲୋକକଥା ମଧ୍ୟ ଅଛି। - ଜଣେ ସାଧବଙ୍କର ଚାରିପୁଅ ଓ ଚାରିବୋହୂ ଥିଲେ। ସାନବୋହୂ ପ୍ରଥମେ ଗର୍ଭବତୀ ହେଲା। ଗର୍ଭଧାରଣର ଚାରିମାସ ପରେ ବୋହୂକୁ କଖାରୁ ଖାଇବାକୁ ଇଚ୍ଛା ହେଲା। ତେଣୁ ସେ ପଡ଼ିଶାଘର ବାଡ଼ିରୁ କଖାରୁଟିଏ ଚୋରି କରି ଆଣି ଆମ୍ବିଳ କରି ଖାଇଦେଲା। ତା' ପର ଦିନ ପଡ଼ିଶାଘର ଲୋକ ବଗିଚାରେ କଖାରୁ ନ ଥିବା ଦେଖି କହିଲେ ଯେ, 'ଯିଏ ଆମ ବାଡ଼ିରୁ କଖାରୁ ଚୋରିକରି ନେଇଛି, ତା'ର ଛୁଆ ଜନ୍ମହେବା ମାତ୍ରେ ଷଠୀଦେବୀ ଚୋରିକରି ନେଇଯା'ନ୍ତୁ।' କିଛିଦିନ ପରେ ସାନବୋହୂର ପୁଅଟିଏ ହେଲା। ଗର୍ଭକଷ୍ଟ ସହି ନ ପାରି ସେ ଅଚେତ ହୋଇ ଶୋଇଥିବା ବେଳେ ଷଠୀ ଠାକୁରାଣୀ ଜନ୍ମଶିଶୁଟିକୁ ଚୋରାଇ ନେଇଗଲେ। ଏହିକ୍ରମରେ ସାଧବାଣୀର ପରକୁ ପର ପାଞ୍ଚପୁଅକୁ ଷଠୀଦେବୀ ଚୋରିକରି ନେଇଗଲେ। ବୋହୂ ଷଷ୍ଠ ଥର ଗର୍ଭବତୀ ହେଲା ଏବଂ ପ୍ରସବ ସମୟ ପାଖେଇ ଆସିବାରୁ ଶାଶୂ ସାଧବାଣୀ ରାଗିଯାଇ କହିଲେ - 'ତୁ ପାଞ୍ଚଟି ପିଲା ଖାଇସାରିଲୁଣି। ଆଉ ତୋର ଏହି ଘରେ ସ୍ଥାନ ନାହିଁ।' ବୋହୂକୁ ଘରୁ ବାହାର କରିଦେବା ସମୟରେ ଗୋଟିଏ ସୂତାକଣ୍ଢା ଦେଇ କହିଲେ, 'ଯେଉଁଠି ଏହିସୂତା ସରିବ, ସେହିଠାରେ ଶିଶୁକୁ ଜନ୍ମ ଦେବୁ।' ସାନବୋହୂ ସୂତାକୁ ଧରି ଚାଲିଗଲା। ସୂତାକଣ୍ଢାର ଅଗ୍ରଭାଗ ଗୋଟିଏ ନିର୍ଜନ ବନସ୍ତ ଭିତରେ ସରିଲା। ସେଠାରେ ଜନ୍ମିତ ଛୁଆଟି ଗୋଟିଏ କାଠକଣ୍ଢେଇ ହୋଇଗଲା। ଏହାଦେଖି ସାଧବାଣୀ ବିକଳ ହୋଇ ମା' ଷଠୀଦେବୀଙ୍କୁ ସ୍ମରଣ କରି କାନ୍ଦିଲା। ଷଠୀଦେବୀ ତା'ର ବ୍ୟାକୁଳତାକୁ ସହି ନ ପାରି ସେଠାରେ ଆବିର୍ଭୂତା ହେଲେ ଏବଂ ତା'ର ପାଞ୍ଚପୁଅକୁ ଫେରାଇ ଦେଇ କହିଲେ - 'ଆଉ କେବେ କାହାର ଜିନିଷ ଚୋରି କରିବୁ ନାହିଁ ଏବଂ ମାର୍ଗଶିର ମାସ ଅଷ୍ଟମୀ ପରଦିନ କାଞ୍ଜିଅଁଳା ଓଷା ଓ ଉପବାସ କରିବୁ। ତୋର ପୁତ୍ରମାନଙ୍କର ମଙ୍ଗଳ ହେବ।' ସାଧବାଣୀ ଓଷାର ବିଧିବିଧାନର ଜ୍ଞାନ ଦେବୀଙ୍କଠାରୁ ପ୍ରାପ୍ତ କରିଥିଲେ।' ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ । ମନ ଖୁସି ରହିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ । ବ୍ୟବସାୟରୁ ଲାଭ ମିଳିବ । ପାରିବାରିକ ମତଭେଦ ଦୂର ହେବ ।

**ବୃଷ:** ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ । କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପରିବାର ପାଇଁ ସମୟ ବାହାର କରିବେ ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ । ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ । ଶୁଭ ସମ୍ବାଦ ମିଳିବ । ନିବେଶ କରିବା ପାଇଁ ଉପଯୁକ୍ତ ସମୟ ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି ।

**ସିଂହ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ । କିଛି କ୍ଷେତ୍ରରେ ଅସଫଳ ରହିବେ । ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।

**ତୁଳା:** ମନ ପ୍ରସନ୍ନ ରହିବ । ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବସାୟରୁ ଲାଭ ମିଳିବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ । ଧାର୍ମିକ ଯାତ୍ରା କରିପାରନ୍ତି ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ । କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ । ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ । ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ । ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ । ଘର ପାଇଁ ନୂଆ ଜିନିଷ କିଣିବେ ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ । ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ । ଦିନଟିରେ ଖୁସି ରହିବେ । ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ନୂଆ ଗାଡ଼ି କିଣିବେ ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ । ଗୀତ, ନାଚରେ ସମୟ ଅତିବାହିତ କରିବେ । ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ । ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ଅସହାୟଙ୍କୁ ସାହାଯ୍ୟ କରିବେ ।

## ଡିଜିଟାଲ ଆରେଷ୍ଟ: ଓଡ଼ିଶା ସମେତ ୧୬ ରାଜ୍ୟରେ ସିବିଆଇ ଚଢ଼ଉ

ଭୁବନେଶ୍ୱର, ୨୫।୬ (ସମିସ): ଡିଜିଟାଲ ଆରେଷ୍ଟ କରୁଥିବା ଗ୍ୟାଙ୍ଗ୍ ଉପରେ ସିବିଆଇର ବଡ଼ କାର୍ଯ୍ୟାନୁଷ୍ଠାନ । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) "ଡିଜିଟାଲ ଗିରଫ" ଠକେଇ ନେଟୱର୍କ ବିରୋଧରେ ଦେଶବ୍ୟାପୀ ବଡ଼ଧରଣର ଅଭିଯାନ ଆରମ୍ଭ କରିଛି । ଓଡ଼ିଶା ସମେତ ୧୬ଟି ରାଜ୍ୟରେ ୮୦ରୁ ଅଧିକ ସ୍ଥାନରେ ଚଢ଼ଉ କରାଯାଇଛି । ଅପରେସନ ଚକ୍ର-୬ ଅଧୀନରେ ସିବିଆଇ ୬୦ଟି ସ୍ୱତନ୍ତ୍ର ଟିମ୍ ନିୟୋଜିତ କରି ସାଇବର ଠକେଇରେ ସମ୍ପୃକ୍ତ ସନ୍ଦିଗ୍ଧ ଅପରାଧୀ ନେଟୱର୍କ ଉପରେ ଚଢ଼ଉ କରିଛି । ପଞ୍ଜାବ, ଗୁଜରାଟ, ଦିଲ୍ଲୀ, ମହାରାଷ୍ଟ୍ର, ହରିୟାଣା, ତାମିଲନାଡୁ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଆସାମ, ପଶ୍ଚିମବଙ୍ଗ, ମଣିପୁର, କର୍ଣ୍ଣାଟକ ଏବଂ ଓଡ଼ିଶାରେ ଚଢ଼ଉ ହୋଇଥିଲା । ରିପୋର୍ଟ ଅନୁସାରେ, "ଡିଜିଟାଲ ଗିରଫ" ଠକେଇ ସହ ଜଡ଼ିତ ୨୦୦ରୁ ଅଧିକ ମାମଲା ପରେ ସଂଗଠିତ ଅପରାଧୀ ନେଟୱର୍କକୁ ଧ୍ୱଂସ କରିବା ଉଦ୍ଦେଶ୍ୟରେ ସିବିଆଇ ଏହି ଚଢ଼ଉ କରିଥିଲା । ଚେନ୍ନାଇ ଓ କୋଲକାତାରୁ ଦୁଇ ଜଣ ଅଭିଯୁକ୍ତଙ୍କୁ ସିବିଆଇ ଗିରଫ କରିଥିଲା । ଏମାନେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରାୟ ୨କୋଟି ଟଙ୍କାର ମିନି ଲଣ୍ଡରିଂ କରିଥିଲେ ।


### DOCUMENT LOST

I, **Lalita Panda,** W/o-Ramlal Panda, aged about 60 years, resident of Vill/PO-Karangamal, PS: Boden, Dist: Nuapada, PIN: 766118, Odisha, do hereby declare that the Original Record Of Rights (R.O.R/Patta) Pertaining to Khata No- 213/174 of Mouza: Karangamal, PS: Boden, was lost / misplaced during my transit from my residence to the Tahasil Office, Boden. If found, please return it to the above address and contact Mr. Aswini Kumar Debta, Mobile: 9437158519.

### ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. CAOCRSPBBS-31-2026

**କାର୍ଯ୍ୟର ନାମ :** (1) ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅନ୍ତର୍ଗତ କେରେଜଙ୍ଗା–ଅନୁଗୁଳ ଷ୍ଟେସନ ମଧ୍ୟରେ କିଲୋମିଟର 154/13-15 ଠାରେ ଅବସ୍ଥିତ ଲେଭେଲ କ୍ରସିଂ ନଂ. ST-100 ପରିବର୍ତ୍ତେ ରେଳ ଅଂଶ ପାଇଁ 1×24.0 ମିଟର କମ୍ପୋଜିଟ୍ ଗାର୍ଡର + 1×60.0 ମିଟର କ୍ୟାମେଲ୍ ବ୍ୟାକ୍ ଗାର୍ଡର (Camel Back Girder) + 3×24.0 ମିଟର କମ୍ପୋଜିଟ୍ ଗାର୍ଡର + 1×42.0 ମିଟର କମ୍ପୋଜିଟ୍ ଗାର୍ଡର କ୍ଲିୟର ସ୍ପାନ ବିଶିଷ୍ଟ ସଡ଼କ ଉପରି ସେତୁ (Road Over Bridge-ROB) ନିର୍ମାଣ ଏବଂ ଆପ୍ରୋଚ୍ ଅଂଶରେ ଅନୁଗୁଳ ପାର୍ଶ୍ୱରେ 6×25.040 ମିଟର RCC ଟି-ବିମ୍ ଗାର୍ଡର ତଥା ସମ୍ବଲପୁର– ତାଳଚେର ରେଳ ଶାଖା ଲାଇନର ହିଙ୍ଗୁଳା ମନ୍ଦିର ପାର୍ଶ୍ୱରେ 5×25.040 ମିଟର RCC ଟି-ବିମ୍ ଗାର୍ଡର ନିର୍ମାଣ କାର୍ଯ୍ୟ ।
(ii) ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅନ୍ତର୍ଗତ ନିର୍ଗୁଣ୍ଡି-ତାଳଚେର ଶାଖା ଲାଇନର ଅନୁଗୁଳ-ତାଳଚେର ଷ୍ଟେସନ ମଧ୍ୟରେ କି.ମି. 159/09-11 ଠାରେ ଅବସ୍ଥିତ ଲେଭେଲ୍ କ୍ରସିଂ ନଂ. ST-105 ପରିବର୍ତ୍ତେ ରେଳ ଅଂଶ ପାଇଁ 1×60.0 ମିଟର କ୍ୟାମେଲ୍ ବ୍ୟାକ୍ ପ୍ରକାର ଟ୍ରସ୍ ଗାର୍ଡର ବିଶିଷ୍ଟ ସଡ଼କ ଉପର ସେତୁ (ROB) ନିର୍ମାଣ; ତତ୍ସହ ଆପ୍ରୋଚ୍ ଅଂଶରେ ଅନୁଗୁଳ ପାର୍ଶ୍ୱରେ 5×24.600 ମିଟର RCC 'ଟି' ବିମ୍ ଗାର୍ଡର ଏବଂ ନୂଆପଡ଼ା ପାର୍ଶ୍ୱରେ 13×24.600 ମିଟର RCC 'ଟି' ବିମ୍ ଗାର୍ଡର ସହିତ ଆପ୍ରୋଚ୍ ସଂରଚନା ନିର୍ମାଣ କାର୍ଯ୍ୟ ।

**ବିଜ୍ଞାପିତ ମୂଲ୍ୟ :** ₹ 1,40,91,09,341.14, **EMD :** ₹ 2,81,82,200/-, ଶେଷ ହେବା ଅବଧି: 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.23.06.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.07.07.2026ରିଖ 1200 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / RSP / ଭୁବନେଶ୍ୱର
PR-92/CJ/26-27

### ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-LHS-NORTH-KUR-572, ତା.19.06.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଲେଭେଲ କ୍ରସିଙ୍ଗ ନଂ. 14 (ଗୋଆଲଡ଼ିହ-କେନ୍ଦୁଝରଗଡ଼), ଲେଭେଲ କ୍ରସିଙ୍ଗ ନଂ. 8 (ଗୋଆଲଡ଼ିହ-ପର୍ଜନପୁର), ଲେଭେଲ କ୍ରସିଙ୍ଗ ନଂ. 23 (ହରିଚନ୍ଦନପୁର-ନୀଳକଣ୍ଠେଶ୍ୱର) ଏବଂ ଲେଭେଲ କ୍ରସିଙ୍ଗ ନଂ. CP-1 (କଟକ-କନ୍ଦରପୁର) ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗର ନିର୍ମାଣ, ବାଘୁଆପାଳ-ସୁକିନ୍ଦା ରୋଡ଼ ମଧ୍ୟରେ ଅନଧିକାର ପ୍ରବେଶ ସ୍ଥାନଗୁଡ଼ିକରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗର ବ୍ୟବସ୍ଥା, ଢେଙ୍କାନାଳ ୟାର୍ଡ ସ୍ଥିତ R1 ଠାରୁ R4 ପର୍ଯ୍ୟନ୍ତ ଅଂଶରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗର ନିର୍ମାଣ, ପ୍ରାଥମିକ ଲକ୍ଷ୍ୟ କାର୍ଯ୍ୟର ସମ୍ପାଦନ, ଅତ୍ୟଧିକ ପୁରୁଣା ବ୍ୟାଟେରୀ ଉର୍ଜର, ଚୋକ୍ ଏବଂ ଅନ୍ୟାନ୍ୟ ଟ୍ରାକ୍ ସର୍କିଟ ଉପକରଣର ପୁନଃସ୍ଥାପନ ଏବଂ 02 ଗୋଟି SIEMENS ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ ସଂସ୍ଥାପନରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ ପରିବର୍ତ୍ତନ ।

**ଟେଣ୍ଡର ମୂଲ୍ୟ :** ₹2,93,19,662.24, **EMD :** ₹5,86,400/-

ବିଡ୍ ଆରମ୍ଭ ହେବା ତାରିଖ : ତା.29.06.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.07.2026ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-261/R/26-27

### ଦଲିଲ ହଜିଛି

ମୁଁ, ସଂଗୀତା ଜେନା, ସ୍ୱାମୀ - ଅର୍ଜୁନ ଚରଣ ଜେନା, ଗ୍ରାମ- ଅଲ୍ଲୀଗାଁ, ପୋ- କେନ୍ଦୁଖୁଣ୍ଟା ଜିଲ୍ଲା- କେନ୍ଦୁଝର ଗତ ତା- ୦୨/୦୬/୨୦୨୬ ରିଖରେ ମୁଁ ଅଲ୍ଲୀଗାଁ ରୁ ଘସିପୁରା ଯିବା ରାସ୍ତାରେ ମୋରୋ ଲିଙ୍କ ଦଲିଲ ଯାହାର ନମ୍ବର- ୧୫୦୫ ତା- ୧୮/୧୨/୨୦୦୯ ରିଖରେ ହୋଇଥିଲା ତାହା କେଉଁଠି ହଜିଯାଇଛି । ଯଦି କେହି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ ଏହାକୁ VERITAS FINASH LTD, PANIKOILI ଶାଖାରେ ହସ୍ତାନ୍ତର କରିବାକୁ ଅନୁରୋଧ, ମୁଁ ଏହି ଦଲିଲ କୁ କୌଣସି ବ୍ୟକ୍ତି କିମ୍ବା ଆର୍ଥିକ ଅନୁଷ୍ଠାନରେ ବନ୍ଧକ ରଖିନାହିଁ ଯୋଗାଯୋଗ-୯୫୫୬୨୭୭୯୮୭

### ସୂଚନା

ଏତଦ୍ୱାରା ଜଣାଇ ଦିଆଯାଉଛି କି **ଅଂଶିକା ଆପେକ୍ସ ସର୍ଭିସେସ୍ ପ୍ରା. ଲିଃ.,** ଗ୍ରାମ: ଦୁଖୁଗୁଡ଼ା, ଥା.: ପାପଡ଼ାହାଣ୍ଡି, ତହସିଲ: ତେନ୍ତୁଲିଖୁଣ୍ଟି, ଜି.: ନବରଙ୍ଗପୁରଠାରେ CBWTF ପାଇଁ (EC25B3301OR 5855778N Dt.11.9.25) ପରିବେଶ ମଞ୍ଜୁରୀ ପାଇଅଛି ।

### AFFIDAVIT

By virtue of an affidavit sworn before the Executive Magistrate, Khordha, dtd 24.06.2026, I, Amatur Rahim, D/o Sayad Fazlul Raheman, At- Sardar Sahi, P.O. Keranga, P.S./Dist.- Khordha hereby declare that my name and date of birth has been wrongly recorded as year 1944 and Amtur Rahim in Aadhar card, my correct name is Amatur Rahim and date of birth is 12.09.1945. Henceforth, my correct name & DOB shall be read as **Amatur Rahim & 12.09.1945** for all purposes.

**Amatur Rahim**

### NOTICE

By virtue of an affidavit no - 1006 sworn before Executive Magistrate Sundargarh dated- 23.06.2026, I, Lalaprasad Sahoo, S/o. Laxmidhar Sahoo, aged 24 years, residing At- Manjuripada, po- Pingua ,Block- Gondia , Dist- Dhenkanal, Pin- 759016 Odisha declare that , I have changed my name from "Lalaprasad Sahoo" to "Prasad Sahoo".Henceforth I Shall be known as **"Prasad Sahoo"** for all future purposes.

**(PRASAD SAHOO)**

### PUBLIC NOTICE

This is to inform all concerned that Indian Institute of Management and Science (IIMS) proposes to change its name to "Ashaa Kirann Institute of Management and Research" (AKIMR) with effect from the Academic Session 2026–27.Any person having any objection, concern, or query regarding the proposed name change may submit the same within 30 (Thirty) days from the date of publication of this notice through e-mail.

**Contact Details:**
**Indian Institute of Management and Science (IIMS)**
**E-mail: iimsodisha@gmail.com**
**Regional Director of Education (RDE), Government of Odisha**
**E-mail: rdebbsr@rediffmail.com**

### AFFIDAVIT

I, Farha Fatima, D/o- Kasam Memon, resident of Shantinagar, Padampur, Rajborasamber, Dist.- Bargarh, do hereby declare that declare that from now onwards I shall be known as Farha Memon vide an affidavit no.3355/2026 sworn before Executive Magistrate, Sambalpur on Dt.24.06.2026. Both **Farha Fatima and Farha Memon** is one and same person.

### AFFIDAVIT

By virtue of an Affidavit sworn Before the Executive Magistrate, Bhubaneswar, I Monarama Mishra , D/o.: Late Gopal Chandra Panda & W/o.: Late Radhamohan Mishra, Resident of At: Bazar Pada, Junagarh, P.O.: Junagarh, P.S.: Junagarh, Dist.: Kalahandi, Odisha, PIN-766014, declare by this Affidavit Dated 22.06.2026 that now onwards I shall be known as **Manorama Mishra** for all future purposes.

### AFFIDAVIT

By virtue of an affidavit sworn before Executive Magistrate, Jajpur Road, Jajpur No. 3689 on dated 12/06/2026, I **MOHAMMAD AJHAR MASUD**, S/o Mohammed Masud resident of At- Barada, PO/PS- Korai, Dist- Jajpur, Odisha, PIN- 755022, declare that I have changed my name from **MOHAMMED AZHAR MASUD (Old Name)** to **MOHAMMAD AJHAR MASUD (New Name)**. Henceforth, I shall be known as **MOHAMMAD AJHAR MASUD** for all purposes.

### AFFIDAVIT

By an Affidavit I SASMITA KAR, W/o. KESHAB CHANDRA KAR, Village Gabsahi Housing Colony, Bhadrak Dist. Bhadrak, Odisha – 756100, declare that my old name of Minor son was SASMITA DEEBYANSHU KAR. But now I have changed his surname to **DIVYANSHU SASMITA KAR.** This Affidavit is for Aadhar Card correction.

### AFFIDAVIT

By Virtue of an affidavit sworn before in the Court of Executive Magistrate and Tahasildar, Basta,Balasore, dtd-23/06/2026 by Affidavit Sl No: - 2790. I, Bharati Maharana C/o- Susanta Maharana of permanent Resident Vill -Dudhahansa,Po- Nalabahar, Ps- Basta, Dist- Balasore, Odisha 756028. Declared that. I, have changed the name of my Minor Son from SAIKRISHNA MAHARANA to CHINMAY MAHARANA. Henceforth, He shall be known as **CHINMAY MAHARANA** for all future purposes.

**Bharati Maharana**

### AFFIDAVIT

I, Mohammad Imadadullah, aged about 37 years, S/o- Haji Mohammad Israil, resident of Urdu High School, Plantsite, PO: Rourkela-1, PS: Plantsite, Dist: Sundargarh, PIN- 769001, Odisha declared by this affidavit No. A/47, dtd- 24/06/2026 that now onwards I shall be known as **MOHAMMAD IMDADULLAH** for all future purposes.

### AFFIDAVIT

By virtue of an affidavit dtd- 26/06/2026 sworn before The Notary Public, Bhubaneswar. I, **Dipanjali Pradhan,** D/o- Jagannath Pradhan, resident of AT: Koila Ada, PO: Kharipada, PS: Puri Sadar, Dist: Puri, State: Odisha, PIN: 752002 declare that I have changed my name from **Anjali Pradhan** (old name) to **Dipanjali Pradhan.** Henceforth, I shall be known as **Dipanjali Pradhan** (new name) for all purposes.

**Dipanjali Pradhan**

### AFFIDAVIT

By Virtue of an affidavit (SL NO-318 ,dtd-24.06.2026 )sworn before The Executive Magistrate, Bisoi, Mayurbhanj. I, Dhasharatha Murmu ,S/O- Late Dulal Murmu , permanent resident of village- Rugudidihi, PO- Majhigaon, PS- Bisoi, DIST - Mayurbhanj. That , My son's good name is RAJARAMDULA MURMU which is reflected in his Birth certificate vide Regd. No.- 60/2014.That in Aadhar card No - 792910017610 my son's name has been wrongly entered as RAJARAMDURGA MURMU instead of RAJARAMDULA MURMU.That ,Both the name RAJARAMDULA MURMU and RAJARAMDURGA MURMU is one and same person belongs to my son's name . Henceforth,he shall be known as RAJARAMDULA MURMU for all purpose .

**S/D - DHASHARATHA MURMU**

### AFFIDAVIT

I Jaspal Singh Bhogal, resident of New Street, 1st Lane, Po/Ps- Jeypore, Dist- Koraput, declare by this affidavit No. 2055, Dtd.-24.06.2026 that now onwards I shall be known as **Jaspal Singh Bhogal** for all future purposes.

### AFFIDAVIT

By virtue of affidavit sworn before the Executive Magistrate, Bhubaneswar, I, Mrs. Prajna Paramita Mishra aged about 45 years, W/o- Apurba Ranjan Upadhyay, residing At- Plot No-170, Raghunathpur, Po-Raghunathpur, Ps-Nandankanan, Dist-Khordha, Odisha, 754005, bearing Aadhar No-907376495917, declare that, my actual name is Prajna Paramita Mishra. That, my name wrongly mentioned as Pragyan Paramita Upadhyay in my daughter's Matriculation Certificate bearing Serial No. -SSE/ 2023/0168826, Regn. No. B123/15430/0011 issued by the CBSE (Central Board Of Secondary Education), Delhi on date-12/05/2023. The correct spelling of my name has been reflected in my Aadhar Card No.907376495917) and Pan Card No. AZCPM0164A namely Prajna Paramita Mishra. Henceforth, I declare that PRAJNA PARAMITA MISHRA and PRAGYAN PARAMITA UPADHYAY is one and same person i.e me.

### AFFIDAVIT

By virtue of an affidavit before the Executive Magistrate, Boudh, dtd.24.06.2026, I, Prasanta Kumar Karna, Vill/P.O.- Sampoch, Dist. Boudh - 762024 hereby declare that due to inadvertent error my name and my father's name have been recorded in my Aadhaar Card as PRASHANT KARNA and BASANT KARNA instead of my correct names PRASANTA KUMAR KARNA and BASANTA KUMAR KARNA. Henceforth, my correct name shall be read as PRASANTA KUMAR KARNA & my father's name as BASANTA KUMAR KARNA for all purposes.

**Prasanta Kumar Karna**

### ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ

ନଂ.W/623/5/1/NIT — **ଇ-ଟେଣ୍ଡର ବିଜ୍ଞପ୍ତି** — ତାରିଖ: ୨୩.୦୬.୨୦୨୬

**ବିଭିନ୍ନ ପ୍ରକାରର ଇଞ୍ଜିନିୟରିଂ କାର୍ଯ୍ୟ**

ରତଲାମ ଡିଭିଜନର ଡିଭିଜନାଲ ରେଳ ପ୍ରବନ୍ଧକ (ୱର୍କସ୍) ପକ୍ଷରୁ ପ୍ରତିଷ୍ଠିତ ଠିକାଦାରମାନଙ୍କ ଠାରୁ ନିମ୍ନଲିଖିତ ଇଞ୍ଜିନିୟରିଂ କାର୍ଯ୍ୟଗୁଡ଼ିକ ପାଇଁ ଅନଲାଇନ୍ ମାଧ୍ୟମରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଟେଣ୍ଡର ନଂ. RTM-2026-27-52: ରତଲାମ ଡିଭିଜନର ବିଭିନ୍ନ ଡାଇନାମିକ୍ ସୁବିଧା ପାଇଁ ସାଣ୍ଡ ଟ୍ୟାକଲ୍ ଗାଇଡିଂ ଓ ୱାର୍ନିଂ ବ୍ଲକ୍ ଯୋଗାଣ କାର୍ଯ୍ୟ । ଆନୁମାନିକ ମୂଲ୍ୟ ଟ.8,01,80,897.46, ଅମାନତ ଜମା ଟ.16,03,600.00, କାର୍ଯ୍ୟ ସମାପ୍ତି ସମୟ 15 ମାସ ଏବଂ ଟେଣ୍ଡର ଖୋଲିବା ତାରିଖ 28.07.2026 । ଟେଣ୍ଡର ନଂ. RTM-2026-27-53: ଉଜ୍ଜୟିନୀରୁ ସନ୍ତ ହିରଦାରାମ ନଗର ସେକ୍ସନ ମଧ୍ୟରେ ବିଭିନ୍ନ ସିଭିଲ୍ ସଂରଚନାର ମରାମତି ଓ ଉନ୍ନତି କାର୍ଯ୍ୟ । ଆନୁମାନିକ ମୂଲ୍ୟ ଟ. 2,98,96,663.90, ଅମାନତ ଜମା ଟ. 5,97,900.00, କାର୍ଯ୍ୟ ସମାପ୍ତି ସମୟ 10 ମାସ ଏବଂ ଟେଣ୍ଡର ଖୋଲିବା ତାରିଖ 16.07.2026 । ଟେଣ୍ଡର ନଂ. RTM-2026-27-54: ଆକୋଡିଆ ଷ୍ଟେସନର ପ୍ଲାଟଫର୍ମ ନଂ-1 ର ଉଚ୍ଚତା ବୃଦ୍ଧି କାର୍ଯ୍ୟ । ଆନୁମାନିକ ମୂଲ୍ୟ ଟ.1,94,40,389.40, ଅମାନତ ଜମା ଟ.3,88,800.00, କାର୍ଯ୍ୟ ସମାପ୍ତି ସମୟ 8 ମାସ ଏବଂ ଟେଣ୍ଡର ଖୋଲିବା ତାରିଖ 20.07.2026 । ଟେଣ୍ଡର ନଂ. RTM-2026-27-59: ଉଜ୍ଜୟିନୀଠାରେ 20 ଶଯ୍ୟା ବିଶିଷ୍ଟ ରେଳ ହସ୍ପିଟାଲ ପାଇଁ ଶାଖା ଭବନ ନିର୍ମାଣ (ବିଦ୍ୟୁତ କାର୍ଯ୍ୟ ସହିତ) । ଆନୁମାନିକ ମୂଲ୍ୟ ଟ.2,09,96,958.82, ଅମାନତ ଜମା ଟ.4,19,900.00, କାର୍ଯ୍ୟ ସମାପ୍ତି ସମୟ 10 ମାସ ଏବଂ ଟେଣ୍ଡର ଖୋଲିବା ତାରିଖ 20.07.2026 । ଟେଣ୍ଡର ନଂ. RTM-2026-27-49: ବାକାନି, ଭାନପୁରୀ ଓ ବୋଲାଇ ଷ୍ଟେସନରେ ପ୍ଲାଟଫର୍ମ ନଂ-1, 2 ଓ 3 ର ଉଚ୍ଚତା ବୃଦ୍ଧି ସହିତ ପ୍ରତ୍ୟେକ ଷ୍ଟେସନରେ ଦୁଇଟି ରାମ୍ପ ସହିତ ଫୁଟ୍ ଓଭର୍ ବ୍ରିଜ୍ ନିର୍ମାଣ କାର୍ଯ୍ୟ । ଆନୁମାନିକ ମୂଲ୍ୟ ଟ.8,82,85,968.00, ଅମାନତ ଜମା ଟ.17,65,700.00, କାର୍ଯ୍ୟ ସମାପ୍ତି ସମୟ 15 ମାସ ଏବଂ ଟେଣ୍ଡର ଖୋଲିବା ତାରିଖ 31.07.2026 । ଟେଣ୍ଡର ନଂ. RTM-2026-27-57: ଉଜ୍ଜୟିନୀ ସେକ୍ସନର ଡିଇଏନ୍ (ପୂର୍ବ) ଅଧୀନସ୍ଥ ୱାର୍କସପ୍ ପାଇଁ ଜଳ ଯୋଗାଣ ନିମନ୍ତେ 25ଟି ପମ୍ପ ସହିତ ନୂତନ ଟ୍ୟୁବୱେଲ୍ ନିର୍ମାଣ କାର୍ଯ୍ୟ । ଆନୁମାନିକ ମୂଲ୍ୟ ଟ.21,56,680.70, ଅମାନତ ଜମା ଟ.43,100.00, କାର୍ଯ୍ୟ ସମାପ୍ତି ସମୟ 6 ମାସ ଏବଂ ଟେଣ୍ଡର ଖୋଲିବା ତାରିଖ 16.07.2026 । ସମସ୍ତ ଟେଣ୍ଡର ପାଇଁ ଆନୁମାନିକ ପରିମାଣ ଟେଣ୍ଡର ସୂଚୀ ଅନୁଯାୟୀ ରହିବ । ୱେବସାଇଟରେ ଟେଣ୍ଡର ଅପଲୋଡ୍ ତାରିଖ 23.06.2026 । ବିସ୍ତୃତ ଟେଣ୍ଡର ସୂଚନା, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟରେ ଉପଲବ୍ଧ ।

Apex/110

Like us on: facebook.com/WesternRly

### GOVERNMENT OF ODISHA — 25001/512/2627

**OFFICE OF THE SUPERINTENDING ENGINEER**
**RURAL WORKS DIVISION, MOHANA**
e-mail: rwdmohana@gmail.com

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 06/MOHANA/2026-27**

1. **Name of the Work** : Road Work
2. **Total No. of Works** : 01 (One) No.
3. **Estimated Cost** : Rs. **93.74 Lakhs**
4. **Class of Contractor** : As per Annexure
5. **Period of Completion** : As per Annexure
6. **Other Details:**

| | | | | | | | |
|---|---|---|---|---|---|---|---|
| Executive Engineer, Rural Works Division, Mohana | Online Tender 06 / MOHANA /2026-27 | 01 (One) Road Work | **30.06.2026** from **10:00 AM** | **09.07.2026** up to **5:00 PM** | **07.07.2026** up to **5:00 PM** | **10.07.2026** at **11:00 AM** | **Will be intimated later** |

**Executive Engineer**
**R.W. Division, Mohana**

OIPR-25001/25148/1/26-27/0008

### 11001/160/2627

OFFICE OF THE PRINCIPAL
GOVERNMENT WOMEN'S COLLEGE, JEYPORE
(NH-26, Jeypore, District: Koraput, (Odisha), PIN-764001)
E-mail: jeyporegwc@yahoo.in
Website:www.gwcjeypore.ac.in

**No. 674/GWC/26** — **Date 25.06.2026**

**WALK-IN-INTERVIEW.**

Online applications are hereby invited from eligible candidates to attend a Walk-in-interview for the engagement of Guest Faculties in various subjects of Government Women's College, Jeypore for the Academic Session 2026-27 on purely temporary basis as per the Govt. guidelines. Interested candidates must apply through the https://hims.odisha.gov.in/ (HIMS) Portal of Department of Higher Education, Government of Odisha on or before 03.07.2026 before appearing in the Walk-in-interview as per the schedule mentioned below. Candidates appearing the interview without the online application through the HIMS portal shall not be entertained.

| Date of Interview | Reporting Time | Subject |
|---|---|---|
| 04.07.2026 | 09.00 AM to 11.00 AM | Education |
| | 01.00 PM to 03.00 PM | IR & PM |
| 05.07.2026 | 09.00 AM to 11.00 AM | Home Science |
| | 01.00 PM to 03.00 PM | Economics |
| 06.07.2026 | 09.00 AM to 11.00 AM | Political Science |
| | 01.00 PM to 03.00 PM | Sociology |
| 07.07.2026 | 09.00 AM to 11.00 AM | History, English |
| | 01.00 PM to 03.00 PM | Odia |

PRINCIPAL
Government Women's College, Jeypore

OIPR-11001/11184/1/26-27/0001

### OFFICE OF THE MUNICIPAL COUNCIL: RAYAGADA

13001/992/2627

**DIST.-RAYAGADA**
**PIN CODE – 765001, ODISHA**
**E-mail ID:** rayagadam.hud@od.gov.in
**Letter No.:** 3056, **Date:** 24/06/2026

**Expression of Interest**

Sealed quotations are invited from the intending Suppliers/Firms/Companies with valid GST and PAN to supply the following sanitary goods/materials to the office of the Rayagada Municipality for the F.Y. 2026–27. The last date of receipt of the quotation is dated **08.07.2026 till 1:00 PM.** All the quotations shall be opened on the same day at **4:00 PM** in presence of quotationer or their authorized representatives. The quotationer are required to quote their rates inclusive of all taxes (GST) and transportation. This office is not responsible for absence of any quotationers during opening of the quotations. The authority reserves the right to reject any or all quotations without assigning any reason thereof.

The applicant should deposit refundable **EMD amounting to Rs. 5,000/-** through Demand Draft in favour of **Executive Officer, Rayagada Municipality** and deposit an amount of **Rs. 1,000/-** towards **non-refundable Tender Paper Cost** with the application.

| Sl. No. | Items | Unit | Particulars |
|---|---|---|---|
| 1 | Gum Boot | Pair | Reputed Brand |
| 2 | Long Handle Kudi | Nos. | High Quality Material |
| 3 | Long Handle Kati | Nos. | High Quality Material |
| 4 | White Phenyl | Ltrs | High Quality Material |
| 5 | Iron Sabal | Nos. | High Quality Material |
| 6 | Long Handle Danti | Nos. | High Quality Material |
| 7 | Long Handle Tangia | Nos. | High Quality Material |
| 8 | Try Cycle | Nos. | High Quality Material |
| 9 | Wheel Barrow | Nos. | High Quality Material |

**Executive Officer**
**Rayagada Municipality**

OIPR-13001/13150/1/26-27/0005

### Directorate of Animal Husbandry & Veterinary Services

Odisha, Mangalabag, Cuttack – 753001 — 6001/59/2627
**Phone No.:** 0671-2414629
**Email:** dahvsorissa@gmail.com, **Website:** http://odishaahvs.nic.in

**CORRIGENDUM**

**Correction of Notice Inviting Expression of Interest (EoI)**

This is with reference to the advertisement published in newspapers on **25.06.2026** regarding **Empanelment of Supplier for Dairy Animals** under **EoI No. 10474 dated 22.06.2026.**

Please note the following correction regarding the website address for downloading the EOI document:

- **Wrong Website:** odishaahvs.nic.in
- **Correct Website:** dahvs.odisha.gov.in

All other terms, conditions, and deadlines specified in the original advertisement remain unchanged.

**DIRECTOR, AH & VS**
Odisha, Cuttack

OIPR-6001/6014/1/26-27/0007

### 32001/454/2627

E-mail ID: - mianandapur@yahoo.co.in
eemidanandapur@gmail.com

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର
**OFFICE OF THE SUPERINTENDING ENGINEER, M.I. DIVISION, ANANDAPUR**
AT/P.O: - Salapada, Dist- Keonjhar, Pin Code- 758020

**e- Procurement Notice**
**Bid Identification No.- 05 / MIDA / 2026-27**
**e-mail ID: mianandapur@yahoo.co.in**
**No. 1443 / Date 18.06.2026**

The Superintending Engineer, Minor Irrigation Division Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| **Name of the work:** | Construction of 07 nos of Check Dams under MATY scheme |
| **No. of Works:** | 07 Nos only |
| **Estimated Cost:** | **43.91 to 80.57 lakh** (Approximately) |
| **Cost of Tender Paper:** | **6000/- and 10000/- (Non-refundable)** |
| **Period of Completion:** | **6 (SIX) Calendar months** |
| **Availability of bid documents for sale and receipt through on-line** | From dt. **30.06.2026**, 10.00 A.M, to dt.**17.07.2026** up to 5.00 P.M. |
| **Last date / time of receipt of bids in the portal** | **17.07.2026** (5.30 PM) |
| **Date of Technical bid opening through online** | On dt.**17.07.2026** at 5.30 P.M in the Office of the S.E, M.I. Division, Anandapur. |
| **Mode of payment of Bid Cost** | Online |
| **Digital Signature Certificate of Bidder:** | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site **http:/dowrorissa.gov.in** | |
| **Name & Address of the OIT:** | Superintending Engineer, Minor Irrigation Division, Anandapur. At / P.O / District – Keonjhar. Email ID:mianandapur@yahoo.co.in |
| Further details can be seen from the e-Procurement market place. http://tendersorissa.gov.in | |

Superintending Engineer,
M.I. Division, Anandapur.

OIPR-32001/32250/1/26-27/0002

### NOTICE INVITING TENDER — 7001/49/2627

**Office of Chief CSO/ CSO-cum-District Managers Odisha State Civil Supplies Corporation Ltd.**
**District BARGARH**

**Tender No. for Paddy Transport Contractor for KMS 2025-26 :**
**Ambabhona Block-2712/23.06.2026** — **Bijepur Block -2718/23.06.2026**
**Attabira Block -2713/23.06.2026** — **Gaisilet Block-2719/23.06.2026**
**Bargarh Block-2714/23.06.2026** — **Jharbandh Block -2720/23.06.2026**
**Barpali Block -2715/23.06.2026** — **Paikmal Block -2721/23.06.2026**
**Bhatli Block-2716/23.06.2026** — **Padampur Block -2722/23.06.2026**
**Bheden Block-2717/23.06.2026** — **Sohela Block-2723/23.06.2026**
**Tender No. for CMR Transport Contractor for KMS 2025-26 :**
**Bargarh Sub-Division-2711/23.06.2026** — **Padampur Sub-Division-2710/23.06.2026**

District Manager, Odisha State Civil Supplies Corporation Ltd., Bargarh invites tender in Double Cover System through **ONLINE MODE ONLY on e-procurement portal** www.tendersodisha.gov.in for the works below.

| | | |
|---|---|---|
| 1 | Name of the Work | Selection and Appointment of Transport Contractors for transportation of Paddy from Paddy Purchase Centres (PPCs) / Mandis to Rice Mill points in Bargarh District & transportation of Custom Miller Rice (CMR) from Rice Mills points to Rice Receiving Centers (RRCs)/Depots in Bargarh District for the KMS 2025-26 |
| 2 | Availability of tender documents in the portal | **From Dt. 25.06.2026 11:00 AM onwards** |
| 3 | Last date & time for receipt of complete Tender Documents in the portal | **Dt.08.07.2026 Up to 5:00 PM** |
| 4 | Date & time for opening of Technical Bid | **Dt.09.07.2026 at 11:00 AM** |
| 5 | Name & address of the Officer Inviting Tender | **Chief CSO-cum-District Manager, OSCSC Ltd., Bargarh** |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov.in and www.bargarh.nic.in. Amendments /corrigendum/cancellation/re-tenders etc. if any shall be published only in above websites.

**Chief CSO-cum-District Manager**
**OSCSC Ltd.,Bagarh**

OIPR-7001/7036/1/26-27/0002

### Office of the Principal

**MAHAPAT DEGREE MAHAVIDYALAYA, JANGHIRA**
Keonjhar

**Walk-in-Interview**

A walk-in-interview will be held at Mahapat Degree Mahavidyalaya, Janghira, Keonjhar at **10:00 A.M.** on **30.06.2026** for the post of Lect. Guest Faculty in the subjects Pol. Science, Odia, History, Economics, Sociology and a Lady Attendant. So the interested candidates having requisite qualification (as per Govt. rules) may attend the interview with complete bio-data.

**Principal I/C-cum-Secretary**
**Mahapat Degree Mahavidyalaya, Janghira, Keonjhar**

## ମା' ଉଗ୍ରତାରାଙ୍କ ପ୍ରତିଷ୍ଠା ଉତ୍ସବ



ବାଲିକୁଦା,୨୫।୬(ସମିସ): ବାଲିକୁଦା ବ୍ଲକ୍ କୁସୁପୁର ପଞ୍ଚାୟତର ଖଡ଼ିକାପଡ଼ା ଗ୍ରାମରେ ଗ୍ରାମଦେବତା ମା' ଉଗ୍ରତାରାଙ୍କ ପ୍ରତିଷ୍ଠା ଉତ୍ସବ ଓ ବାର୍ଷିକ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ତାପସ କୁମାର ସ୍ୱାଇଁ ଓ କର୍ତ୍ତା ଭାବେ ରଞ୍ଜିତା ସ୍ୱାଇଁ ଦାୟିତ୍ୱ ନିର୍ବାହ କରିଥିଲେ। ବେଦମନ୍ତ୍ର ଓ ବିଧିବିଧାନ ଅନୁଯାୟୀ ପଣ୍ଡିତ ବାବୁ ଶତପଥୀ ଓ ଶିବ ଚରଣ ଶତପଥୀ ପୂଜାର୍ଚ୍ଚନା ଓ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପୂଜକ ଭାବେ ଜଗନ୍ନାଥ ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ଉତ୍ସବକୁ ସଫଳ କରିବା ପାଇଁ ଗ୍ରାମ୍ୟ କମିଟି ସଭାପତି ସୁରେନ୍ଦ୍ର ପ୍ରଧାନ, ଦାମୋଦର ପ୍ରଧାନ, ଦେବେନ୍ଦ୍ର ସ୍ୱାଇଁ, ଦୈତାରୀ ପ୍ରଧାନ, ଚକ୍ରଧର ପ୍ରଧାନ, ଦୁଃଶାସନ ପ୍ରଧାନ, ସୁବାସ ସ୍ୱାଇଁ, ସୁରେଶ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ପତିଙ୍କ ସମେତ ସମସ୍ତ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ। ଏହି ଅବସରରେ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ଶତାଧିକ ଶ୍ରଦ୍ଧାଳୁ ଯଜ୍ଞ ଓ ପୂଜାରେ ଯୋଗଦେଇ ମା' ଉଗ୍ରତାରାଙ୍କ ଆଶୀର୍ବାଦ ଲାଭ କରିଥିଲେ। ଧାର୍ମିକ ଓ ସାମାଜିକ ଏକତାର ପ୍ରତୀକ ଭାବେ ଏହି ବାର୍ଷିକ ଉତ୍ସବ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିଥିବା ଦେଖିବାକୁ ମିଳିଥିଲା।

## ବିଷ୍ଣୁ ମନ୍ଦିରର ଦ୍ୱାଦଶତମ ଯଜ୍ଞ ପୂର୍ଣ୍ଣାହୁତି

ରଘୁନାଥପୁର,୨୫।୬(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଗୁଆଳିପୁର ଗ୍ରାମପଞ୍ଚାୟତର ଖର୍ଦ୍ଦାସାହି ଗ୍ରାମରେ ଅବସ୍ଥିତ ବିଷ୍ଣୁ ମନ୍ଦିରର ଦ୍ୱାଦଶତମ ମହାଯଜ୍ଞ ପୂର୍ଣ୍ଣାହୁତି



ହୋଇଯାଇଛି। ଖର୍ଦ୍ଦାସାହି ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଆଜି ଏ ମନ୍ଦିର ବେଶ ସୁନାମ ଅର୍ଜନ କରିପାରିଛି। ରବିବାର ସକାଳୁ ଗ୍ରାମବାସୀଙ୍କ ଦ୍ୱାରା କଳସଯାତ୍ରା କରାଯାଇଥିଲା। ପରେ ଯଜ୍ଞ ଆରମ୍ଭ ହୋଇ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, କଳସସ୍ଥାପନ ଓ ଅଗ୍ନିସ୍ଥାପନ ହୋଇଥିବା ବେଳେ ବୁଧବାର ଦିନ ବହୁ ସଂଖ୍ୟକ ଭକ୍ତମାନଙ୍କ ଉପସ୍ଥିତିରେ ପୂର୍ଣ୍ଣାହୁତି ଶେଷ ହୋଇଥିଲା। ସେହି ସମୟରେ ମନ୍ଦିର ପରିବେଶରେ ଘଣ୍ଟ ହୁଳହୁଳି ଓ ହରିବୋଲ ଶବ୍ଦରେ ଫାଟିପଡୁଥିଲା। ପାଞ୍ଚଦିନ ବ୍ୟାପି ହୋଇଥିବା ଏହି ଯଜ୍ଞ କାର୍ଯ୍ୟକ୍ରମରେ ପ୍ରବଚନ କାର୍ଯ୍ୟକ୍ରମ ଏକ ନିଆରା ଅନୁଭୂତି ସୃଷ୍ଟି କରିଥିଲା। ଏହି ପ୍ରବଚନ କାର୍ଯ୍ୟକ୍ରମର ମୁଖ୍ୟ ବିଷୟ ଥିଲା ତେଲ୍ଲୁଅସ୍ଥିତ ରଘୁନାଥଜିଉ ମନ୍ଦିରର ପ୍ରତିଷ୍ଠାତା ମଙ୍ଗଳ ଦାସ ମହାରାଜଙ୍କ ପ୍ରବଚନ ଭକ୍ତମାନଙ୍କୁ ବେଶ୍ ଆକର୍ଷିତ କରିପାରିଥିଲା। ଏହି ଯଜ୍ଞ ଅନୁଷ୍ଠାନରେ କର୍ତ୍ତା ଭାବେ ସରୋଜ ରାଉତ ଓ ତାଙ୍କ ଧର୍ମପତ୍ନୀ ଜ୍ୟୋତ୍ସ୍ନା ରାଉତ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ମନ୍ଦିର କମିଟି ପକ୍ଷରୁ ଯଜ୍ଞ ଆରମ୍ଭ ଦିନ ଠାରୁ ପୂର୍ଣ୍ଣାହୁତି ଶେଷ ପର୍ଯ୍ୟନ୍ତ ଦିନ, ରାତି ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ବୁଥ୍ସ୍ତରୀୟ ଏସ୍ଆଇଆର୍ ଜନଶୁଣାଣି ଶିବିର



ବାଲିକୁଦା,୨୫।୬(ସମିସ): ବୁଥସ୍ତରୀୟ ଏସ୍ଆଇଆର୍ ଜନଶୁଣାଣି ଶିବିର ବାଲିକୁଦା ବ୍ଲକ୍ ଅଧକରା ପଞ୍ଚାୟତ ପୋଦପୁରସ୍ଥିତ ଦେବୀ ନଦୀ ଘାଟ ଗଙ୍ଗା ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁପରଭାଇଜର ସନ୍ତୋଷ କୁମାର ବିଶ୍ୱାଳ, ବିଏଲ୍ଓ ସନ୍ଧ୍ୟାରାଣୀ ବିଶ୍ୱାଳ ଉପସ୍ଥିତ ରହି ଭୋଟରଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ରଖିଥିଲେ। କାର୍ଯ୍ୟକ୍ରମରେ ନାୟବ ସରପଞ୍ଚ ଅଜୟ କୁମାର ମହାନ୍ତି, ଶିକ୍ଷାବିତ୍ ପବିତ୍ର କୁମାର ସ୍ୱାଇଁ, ଧର୍ମାନନ୍ଦ ଜେନା, ରଞ୍ଜନ ନାୟକ, ବ୍ରହ୍ମାନନ୍ଦ ମହାନ୍ତି, ସନାତନ ଓଝା, ସରୋଜ ବିଶ୍ୱାଳ, ଗୋବିନ୍ଦ ବିଶ୍ୱାଳ, ଚହଲି ସେଠୀ, ସଞ୍ଜୟ ମହାନ୍ତି, ମନୋରଞ୍ଜନ ସେଠୀ, ବାନାମ୍ବର ମହାରଣା, ପୋକା ପଣ୍ଡା, କୈଳାସ ନାୟକ, ବିକାଶ ନାୟକଙ୍କ ସମେତ ଅନେକ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ



ଏରସମା,୨୫।୬(ସମିସ): ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଗର ଫାଉଣ୍ଡେସନ ପକ୍ଷରୁ ଏରସମା ବ୍ଲକ୍ ଜପା ପଞ୍ଚାୟତର ବୋଡି ଗାଁ ନିବାସୀ ୧୭ ଜଣ ବରିଷ୍ଠ ନାଗରିକଙ୍କୁ ନୂତନ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଛି। ସମାଜରେ ବରିଷ୍ଠ ନାଗରିକଙ୍କ ପାଇଁ କିଛି କର୍ତ୍ତବ୍ୟ କରିବାର ଆଭିମୁଖ୍ୟ ନେଇ ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ସକ୍ରିୟ ସଦସ୍ୟା ସରୋଜିନୀ ଜୟସିଂଙ୍କ ସହଯୋଗରେ ଗ୍ରାମର ସର୍ବଶ୍ରୀ ମାଧବ ସେଠୀ, ସର୍ବେଶ୍ୱର ବେହେରା, ଭକ୍ତବନ୍ଧୁ ପାଇଟାଳ, ନିତ୍ୟାନନ୍ଦ ସାମଲ, ନାରାୟଣ ସ୍ୱାଇଁ, ବଳରାମ ସାମଲ, ଦୁର୍ଗା ଚରଣ ସ୍ୱାଇଁ, ସୀତାକାନ୍ତ ସ୍ୱାଇଁ, ବଟକୃଷ୍ଣ ପାଇଟାଳ, ରବୀନ୍ଦ୍ରନାଥ ବେହେରା, ଅଲେଖ ସ୍ୱାଇଁ, ରବୀନ୍ଦ୍ର ସାହୁ, ଅଲେଖ ବିଶ୍ୱାଳ, କେଳୁ ସ୍ୱାଇଁ, କୃଷ୍ଣଚନ୍ଦ୍ର ପାଇଟାଳ, ସନ୍ତୋଷ ପାଇଟାଳ ଓ ଦୀନବନ୍ଧୁ ସ୍ୱାଇଁ ପ୍ରମୁଖ ବରିଷ୍ଠ ନାଗରିକଙ୍କୁ ନୂତନ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଛି।

# ଡିଜେଲ ମୂଲ୍ୟ ବୃଦ୍ଧି ମାଛ ଧରାରେ ବାଧକ

ପାରାଦୀପ,୨୫।୬(ସମିସ):



ମାଛ ଧରାରେ ବାଧକ ସାଜିଛି ଡିଜେଲ ମୂଲ୍ୟ ବୃଦ୍ଧି। ଯାହାକୁ ନେଇ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଥିବାବେଳେ ଆଜି ସନ୍ଧ୍ୟାରେ ଓମ୍ଫା କାର୍ଯ୍ୟାଳୟରେ ଏକ ସାଧାରଣ ବୈଠକ ବସିଥିଲା। ଏହି ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୩ ତାରିଖରୁ ମାଛ ଧରିବାକୁ ଯିବେ ବୋଲି ଜଣାପଡ଼ିଛି। ଓମ୍ଫାର ସଭାପତି ଶ୍ରୀକାନ୍ତ ପରିଡ଼ା ଓ ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ଡିଜେଲ ମୂଲ୍ୟ ବୃଦ୍ଧି ପରେ ମାଛ ଧରା ବନ୍ଦର ଏବେ ଶୂନଶାନ ହୋଇ ପଡ଼ିଛି। ଯେଉଁ ଜାଗା ଦିନେ କୋଳାହଳରେ ଫାଟିପଡୁଥିଲା ଆଜି ସେହି ଜାଗାରେ କାଉ ଉଡୁଛି। ସବୁଆଡେ ଖାଁ ଖାଁ ଲାଗୁଛି। ଶହ ଶହ ବୋଟ୍ ଏବେ ବନ୍ଧାହୋଇ ମାଛ ଧରା ବନ୍ଦର ମଧ୍ୟରେ ଥୁଆ ହୋଇଛି। ଦି' ଓଳି ଦି ମୁଠା ଖାଇବା ପାଇଁ ସଂଘର୍ଷ କରୁଛନ୍ତି ବୋଟ୍ କର୍ମଚାରୀ। ବୋଟ୍ ଚାଲିଲେ ଏମାନଙ୍କର ଚୁଲି ଜଳେ। ଆଉ ବୋଟ୍ ବନ୍ଦ ହେଲେ ଚଳିବା ଏମାନଙ୍କ ପାଇଁ କଷ୍ଟକର ହୋଇପଡ଼େ। ଏ ନେଇ ବୋଟ ମାଲିକ ଓ କର୍ମଚାରୀ ଏବେ ଦୁର୍ଦ୍ଦିନରେ ଗତିକରୁଛନ୍ତି। ଏପ୍ରିଲ ୧୫ରୁ ଜୁନ୍ ୧୫ ଦୁଇମାସ ବୋଟ୍ ବନ୍ଦ ହେବା ପରେ ଗତ ୧୫ ତାରିଖରେ ସବୁ ବୋଟ୍ ପ୍ରସ୍ତୁତ ହେଉଥିଲେ ସମୁଦ୍ର ମଧ୍ୟକୁ ମାଛ ମାରିବାକୁ ଯିବାପାଇଁ। ହେଲେ ଡିଜେଲ୍ ଦର ଏମାନଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ମତ୍ସ୍ୟ ଶିଳ୍ପ ଉପରେ ସିଧାସଳଖ ପଡ଼ିଛି। ଅଧିକ ଟଙ୍କା ଦେଇ ଡିଜେଲ କିଣି ମାଛ ମାରିବା ସମ୍ଭବ ହେବ ନାହିଁ, ବରଂ ମାଛ ଧରିବାକୁ ସମୁଦ୍ରକୁ ନ ଯିବା ଉଚିତ ମଣୁଛନ୍ତି ବୋଟ୍ ମାଲିକ। ହିସାବ ଅନୁଯାୟୀ ଗୋଟିଏ ବୋଟ୍ ମାଛ ଧରିବା ପାଇଁ ସମୁଦ୍ରକୁ ବାହାରିଲେ ତାକୁ ପାଖାପାଖି ୭ ଲକ୍ଷ ଟଙ୍କାର ଆନୁଷଙ୍ଗିକ ଆବଶ୍ୟକ ପଡ଼ିଥାଏ। ତା ଭିତରେ ଡିଜେଲ ପାଖାପାଖି ୫ ହଜାର ଲିଟର ଓ ବରଫ ୧୦ ହଜାର କେଜି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ମିଶାଇଲେ ୭ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ତେବେ ବାହାର ଟାଙ୍କିରୁ ମିଳୁଥିବା ତେଲର ଦାମ ଯାହା ସୋସାଇଟି ମାଧ୍ୟମରେ ବୋଟ୍ ମାଲିକ ଯେଉଁ ତେଲ ମାଛ ଧରା ବନ୍ଦର ମଧ୍ୟରୁ କିଣିବାକୁ ଯାଉଛନ୍ତି ତାହା ପାଖାପାଖି ବାହାର ଅପେକ୍ଷା ୪୦ ଟଙ୍କା ଅଧିକ ଦେବାକୁ ପଡ଼ିବ। ତେବେ ମୋଟ ଫିସିଙ୍ଗରେ ଖର୍ଚ୍ଚ ହେଉଥିବା ୭ ଲକ୍ଷ ଟଙ୍କାରୁ ବର୍ଦ୍ଧିତ ତେଲର ମୂଲ୍ୟ ପାଇଁ ଅଧିକ ୨ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ତେବେ ସେତିକି ପରିମାଣର ମାଛ ନ ମାରିଲେ ବୋଟ୍‌ଗୁଡିକରେ ହେଉଥିବା ଖର୍ଚ୍ଚର ମୂଳ ଉଠି ପାରିବ ନାହିଁ। ଯାହା ଫଳରେ ମାଲିକଙ୍କର ହାତରୁ ହିଁ ଲକ୍ଷାଧିକ ଟଙ୍କା ବାଜିବ ବୋଲି ବୋଟ୍ ମାଲିକମାନେ କହିଛନ୍ତି। ପାରାଦୀପ ମାଛଧରା ବନ୍ଦର ଉପରେ ପାଖାପାଖି ପଚାଶ ହଜାରରୁ ଊର୍ଦ୍ଧ୍ୱ ଲୋକମାନେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ଯେଉଁ କେତେଜଣ କର୍ମଚାରୀ ବୋଟ୍‌କୁ ଜଗି ରହୁଛନ୍ତି, ସେମାନଙ୍କ ଦୁଃଖ କହିଲେ ନସରେ। ଯେଉଁ ମାଲିକ ସେମାନଙ୍କ ଅଭାବ ଅସୁବିଧାରେ ଛିଡ଼ା ହେଉଥିଲା ଏବେ ସେହି ମାଲିକ ନିଜେ ହାତ ଟେକିଦେଇଛନ୍ତି। ଏବେ ଘର ଚଳିବ କେମିତି ତାକୁ ନେଇ ଏବେ ଚିନ୍ତାରେ ବୋଟ କର୍ମଚାରୀ ଆଉ ମାଲିକ। ୧୧ ଦିନ ବନ୍ଦ ହେବା ଫଳରେ କୋଟି କୋଟି ଟଙ୍କା କ୍ଷତି ହେଲାଣି, ସେ କ୍ଷତିକୁ ଭରଣା କରିବ କିଏ ତାକୁ ନେଇ ଏବେ ପ୍ରଶ୍ନ କରିଛନ୍ତି। ୧୧ ଦିନ ଫିସିଙ୍ଗରେ ୨ ଲକ୍ଷ ଟଙ୍କା ପାଖାପାଖି ଲାଭ ହେବା କଥା, ହେଲେ ସମସ୍ତଙ୍କ ହାତ ଏବେ ବନ୍ଦ ହୋଇ ଯାଇଛି। ରାତି ପାହିଲେ ବିଭିନ୍ନ ପ୍ରଜାତିର ମାଛ, କଙ୍କଡ଼ା ଏବଂ ଚିଙ୍ଗୁଡ଼ି ଆଣି ବେପାର କରି ଦୁଇ ପଇସା ଲାଭ କରନ୍ତି ବୋଟ ମାଲିକ। ହେଲେ ଏବେ ଡିଜେଲଦର ଏମାନଙ୍କୁ ବାଧୁଛି। ଏପଟେ ଓମ୍ଫା ସଭାପତି ଶ୍ରୀକାନ୍ତ ପରିଡ଼ା ଓ ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ ସ୍ପଷ୍ଟଭାବେ କହିଛନ୍ତି ଯେ ପର୍ଯ୍ୟନ୍ତ ଡିଜେଲ ଦର ନ କମିଛି ସେତେବେଳ ପର୍ଯ୍ୟନ୍ତ ଗୋଟିଏ ବି ବୋଟ ମାଛ ଧରିବାକୁ ସମୁଦ୍ରକୁ ଯିବେ ନାହିଁ ବୋଲି କହିଥିବା ବେଳେ ଆଜି ସ୍ୱର ବଦଳାଇବାକୁ ବାଧ୍ୟ ହୋଇଛନ୍ତି।

## ଜିଲ୍ଲାସ୍ତରୀୟ ମ୍ୟାଲେରିଆ ନିରୋଧ ମାସ

ଜଗତସିଂହପୁର,୨୫।୬(ସମିସ): ଜଗତସିଂହପୁର ଜିଲ୍ଲାରେ ମ୍ୟାଲେରିଆ ନିୟନ୍ତ୍ରଣ ଏବଂ ଅନ୍ୟାନ୍ୟ ଭେକ୍ଟର ବାହିତ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲା ସ୍ତରୀୟ ମ୍ୟାଲେରିଆ ନିରୋଧୀ ମାସ ପାଳନ ଏବଂ ଭେକ୍ଟର ବାହିତ ରୋଗର ଜିଲ୍ଲା ଟାସ୍କ ଫୋର୍ସ ବୈଠକ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସମ୍ମିଳନୀ କକ୍ଷରେ





ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ମ୍ୟାଲେରିଆ, ଡେଙ୍ଗୁ ଓ ଅନ୍ୟାନ୍ୟ ଭେକ୍ଟର ବାହିତ ରୋଗର ବର୍ତ୍ତମାନ ସ୍ଥିତି, ନିୟନ୍ତ୍ରଣ କାର୍ଯ୍ୟକ୍ରମର ଅଗ୍ରଗତି ଏବଂ ଆଗାମୀ ଦିନରେ ଗ୍ରହଣ କରାଯିବାକୁ ଥିବା କାର୍ଯ୍ୟ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଶ୍ରୀ ସୋନାଲ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଗ୍ରାମ ଓ ସହରାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ଜୋରଦାର କରିବା, ମଶାର ପ୍ରଜନନ ସ୍ଥଳ ନଷ୍ଟ କରିବା, ପରିବେଶ ପରିଷ୍କାର ରଖିବା ଏବଂ ତୁରନ୍ତ ରୋଗ ଚିହ୍ନଟ ଓ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସମସ୍ତ ଲାଇନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସ୍ନିଗ୍ଧାମୟୀ ମହାନ୍ତି ଜିଲ୍ଲାର ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ଡା. ସନ୍ତୋଷ କୁମାର ବେହେରା, ଏଡିପିଏଚ୍ଓ (ଭିବିଡି), ଜିଲ୍ଲାରେ ଚାଲିଥିବା ମ୍ୟାଲେରିଆ ବିରୋଧୀ ମାସର ବିଭିନ୍ନ କାର୍ଯ୍ୟକ୍ରମ, ରୋଗ ନିରୀକ୍ଷଣ, ସଚେତନତା ଅଭିଯାନ ଓ ପ୍ରତିରୋଧ, ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା କରିଥିଲେ। ଡା. ପ୍ରମୋଦ ବାରିକ, ଏଡିପିଏଚ୍ଓ (ଏଫ୍‌ଡବ୍ଲ୍ୟୁ), ଡା. ସରୋଜ ଜେନା, ଏଡିଏମଓ (ମେଡିକାଲ), ସୋନାଲି ପ୍ରିୟଦର୍ଶିନୀ ଡିପିଏମ ଏବଂ ଶ୍ରୀମତୀ ତୃପ୍ତିରାଣୀ ନାୟକ, ଜିଲ୍ଲା ଭିବିଡି ପରାମର୍ଶଦାତା, କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲ୍ଲାର ସମସ୍ତ ବିଭାଗ ଯଥା ପଞ୍ଚାୟତିରାଜ, ପୌରପାଳିକା, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଜଳ ଓ ପରିମଳ, ସୂଚନା ଓ ଲୋକସମ୍ପର୍କ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ଶେଷରେ ଭେକ୍ଟର ବାହିତ ରୋଗ ମୁକ୍ତ ଜଗତସିଂହପୁର ଗଠନ ପାଇଁ ସମସ୍ତ ବିଭାଗ ଓ ସାଧାରଣ ଜନତାଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା।

## ବ୍ଲକ୍‌ସ୍ତରୀୟ ଯୁବ ସ୍ୱାବଲମ୍ବୀ ସମାବେଶ





ଏରସମା,୨୫।୬(ସମିସ) : ରାଜ୍ୟରେ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନ୍ତର୍ଗତ ଏରସମା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ ବୁଧବାର ଅନୁଷ୍ଠିତ ହୋଇଥିଲା। ସମାବେଶରେ ଏରସମା ବିଡିଓ ଦାଶରଥି ଜେନା, ସାଂସଦଙ୍କ ଏରସମା ବ୍ଲକ ପ୍ରତିନିଧି ଜଟାଧାରୀ ସ୍ୱାଇଁ, ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ମନୋରଞ୍ଜନ ବିଶୋଇ, ସିଡିପିଓ କ୍ରୀଷ୍ଟା କୁମାରୀ ରାଉତ, ଜିଲ୍ଲା କର୍ମନିଯୋଜନ ସଂସ୍ଥାର ଯୁବ ପ୍ରଫେସନାଲ ଦିବ୍ୟଜ୍ୟୋତି ମହାପାତ୍ର, ଶିଳ୍ପ ଅଧିକାରିଣୀ ସ୍ୱର୍ଣ୍ଣ ସାଗରୀକା ପଟ୍ଟନାୟକ, ସହକାରୀ ଶିଳ୍ପ ଅଧିକାରିଣୀ ଅଙ୍କିତା ବେହେରା ଏବଂ ବ୍ଲକ ଆକାଉଣ୍ଟସ୍ ଅଫିସର ପ୍ରତିମା କୁମାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ ଗ୍ରାମାଞ୍ଚଳର ଯୁବକ-ଯୁବତୀ, ଆଇଟିଆଇ ଓ ଡିପ୍ଲୋମା ପାସ୍ କିମ୍ବା ଅଧ୍ୟୟନରତ ଛାତ୍ରଛାତ୍ରୀ, ଦିବ୍ୟାଙ୍ଗ ବ୍ୟକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ପଛୁଆ ବର୍ଗର ଶିକ୍ଷାର୍ଥୀଙ୍କୁ ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ ଓ ଉଦ୍ୟୋଗୀ ବିକାଶ ସମ୍ପର୍କିତ ବିଭିନ୍ନ ଯୋଜନା ବିଷୟରେ ସଚେତନ କରିଥିଲେ। ସହାୟକ ଶିଳ୍ପ ଅଧିକାରୀ ଲଭ୍‌ଲିକାନ୍ତ ମଲ୍ଲିକ କାର୍ଯ୍ୟକ୍ରମର ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଦକ୍ଷତା ବିକାଶ କ୍ଷେତ୍ରରେ ସଫଳତା ହାସଲ କରିଥିବା ସନ୍ଧ୍ୟାରାଣୀ କୁଅଁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ସମ୍ମାନିତ କରାଯିବା ସହ ବ୍ଲକର ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ ଫୋନ୍ ବଣ୍ଟନ କରାଯାଇଥିଲା। ଏଥିସହିତ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଋଣ ଚେକ୍ ପ୍ରଦାନ କରାଯାଇଥିଲା। ଏହି ସମାବେଶ ମାଧ୍ୟମରେ ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ଏବଂ ରାଜ୍ୟରେ ଦକ୍ଷ ମାନବ ସମ୍ପଦ ଗଠନ ଦିଗରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

## ବ୍ଲକ୍‌ସ୍ତରୀୟ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ରଘୁନାଥପୁର,୨୫।୬(ସମିସ): ରାଜ୍ୟରେ ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ରଘୁନାଥପୁର ବ୍ଲକ୍‌ସ୍ତରୀୟ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାଛଡା ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ବିକେ, ସିଆର୍‌ପି, ଏସ୍‌ଏଚ୍‌ଜି ମହିଳା ଉପସ୍ଥିତ ଥିଲେ। ଏଥିରେ ବିଡିଓ ବିରେଞ୍ଚି ନାରାୟଣ ବେହେରା ପୌରୋହିତ୍ୟ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ତହସିଲଦାର ରାଜଲକ୍ଷ୍ମୀ ନାୟକ, ସିଡିପିଓ ତୃପ୍ତିଲତା ମହାନ୍ତି, ଡଃ ପ୍ରଭାସ କୁମାର ସ୍ୱାଇଁ, ଏବିଇଓ ଆଶୁତୋଷ ମୁଖାର୍ଜୀ ପ୍ରମୁଖ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ନପୂର୍ଣ୍ଣା ଯୋଜନାରେ ନୂତନ ରାସନ୍ କାର୍ଡ ଧାରୀ ୪୫ଜଣକୁ ରାସନ୍ କାର୍ଡ, ୩୫ ଜଣଙ୍କୁ ନୂତନ ଭତ୍ତା ବଣ୍ଟନ, ଅନ୍ତ୍ୟୋଦୋୟ ଗୃହ ଯୋଜନାରେ ୩୦ ଜଣଙ୍କୁ ଗୃହ ବଣ୍ଟନ, ଲକ୍ଷପତି ଦିଦି ଯୋଜନାରେ ଦୁଇ ଜଣଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଲୋନ୍ ଏବଂ ୭ଟି ଏସଏଚଜି ମହିଳା ଗ୍ରୁପକୁ ୫୫ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିପିଓ ବିଶ୍ୱଜିତ ମହାପାତ୍ର, ଇଂ ସୁବାସ ଚନ୍ଦ୍ର ପୃଷ୍ଟି, ସୁଚିତ୍ରା ନନ୍ଦ ପାଲ, ଭବେଶ ବେହେରା, ବ୍ଲକ୍ ଯୋଗାଣ ଅଧିକାରୀ ସନ୍ଦିପା ଦାସ, ଏପିଓ ମଧୁସ୍ମିତା ଲେଙ୍କା, ବିଏସ୍ଏସ୍ଓ ଜ୍ୟୋତିର୍ମୟୀ ସ୍ୱାଇଁ, ବିପିଓ ଆର୍‌ଏଚ୍ ଅନୀତା ମହାପାତ୍ର, ସ୍ମୃତି



ମହାରଣା ପ୍ରମୁଖ ପରିଚାଳନା କରିଥିବା ବେଳେ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ସର୍ଜନ ସିଂ, ମଧୁସ୍ମିତା ଭୋଇ, ମଧୁସ୍ମିତା ସେଠିଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ। ବିଏଲ୍‌ସି ମୀନାରାଣୀ ଦାସ ମଞ୍ଚ ପରିଚାଳନା କରିଥିଲେ।

## ଏମ୍‌ଏସ୍‌ଏମ୍‌ଇ ଦିବସ ପାଇଁ ପ୍ରସ୍ତୁତି ବୈଠକ

ପାରାଦୀପ,୨୫।୬(ସମିସ) : ଆସନ୍ତା ୨୭ ତାରିଖରେ ପାଳିତ ହେବାକୁ ଯାଉଛି ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ। ଏହି ଉପଲକ୍ଷେ ପାରାଦୀପ ଇଫ୍‌କୋ ଅଡିଟୋରିୟମ୍ ପରିସରରେ ଏମ୍‌ଏସ୍‌ଏମ୍‌ଇ ଟିମ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି ବୋଲି ଆଜି ଅପରାହ୍ଣରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏନ୍‌ଆଇଏସି





ଭୁବନେଶ୍ୱର କାର୍ଯ୍ୟାଳୟ ଡେପୁଟି ଜେନେରାଲ ମ୍ୟାନେଜର ଏସ୍.କେ.ଶାହ। ବିଶ୍ୱ ବାଣିଜ୍ୟ କେନ୍ଦ୍ର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଏ. ରାଜ୍ୟଲକ୍ଷ୍ମୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ସୂକ୍ଷ୍ମ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କୁ ଡିଜିଟାଲ ବାଣିଜ୍ୟ ଏବଂ ଓନଡିସିର ସୁବିଧା ସମ୍ପର୍କରେ ସଚେନତା କରିବା, ଯାହା ଦ୍ୱାରା ସେମାନେ ନିଜ ବ୍ୟବସାୟ ବଢାଇ ପାରିବେ ଏବଂ ନୂତନ ବଜାରରେ ପହଞ୍ଚି ପାରିବେ। ଏହି ପଦକ୍ଷେପ ମାଧ୍ୟମରେ ଓଡିଶାର ଏମ୍‌ଏସ୍‌ଏମ୍‌ଇ ଗୁଡିକୁ ଉନ୍ନତ ବଜାର ସୁଯୋଗ, ଡିଜିଟାଲ ସେବାରେ ଅଧିକ ଅଂଶଗ୍ରହଣ ଏବଂ ନୂତନ ରୋଜଗାର ସୃଷ୍ଟି ଦ୍ୱାରା ସଶକ୍ତ କରାଯିବ ବୋଲି ଶ୍ରୀ ଶାହ କହିଥିଲେ। ଓଡିଶାର ଏମଏସଏମଇ ଉଦ୍ୟୋଗୀମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହେବାକୁ ଶ୍ରୀମତୀ ରାଜ୍ୟଲକ୍ଷ୍ମୀ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଧିକାରୀ, ଡିଆଇସି ଅଧିକାରୀଙ୍କ ସମେତ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# କଡ଼ା ସୁରକ୍ଷାରେ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସମ୍ପନ୍ନ

ବାଳିକୁଦା,୨୫।୬(ସମିସ):



ବାଲିକୁଦା ବ୍ଲକ୍ ବନ୍ଦର ସାମୁଦ୍ରିକ ଥାନା ଅଧୀନ ନହରଣା ପଞ୍ଚାୟତର ଫୁଲପାଟଣା ଗ୍ରାମରେ ପ୍ରାୟ ୧୫୦ ବର୍ଷ ପୁରୁଣା ଗ୍ରାମଦେବତୀଙ୍କ ନବନିର୍ମିତ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାକୁ କେନ୍ଦ୍ର କରି ଦେଖାଦେଇଥିବା ବିବାଦ ମଧ୍ୟରେ ପ୍ରଶାସନ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରିଥିଲା। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଧାରା୧୬୩ ଜାରି କରାଯାଇଥିବା ବେଳେ ଦୁଇ ପ୍ଲାଟୁନ ପୁଲିସ ବଳ ସହ ବରିଷ୍ଠ ଅଧିକାରୀମାନେ ମୁତୟନ ହୋଇଥିଲେ। ତହସିଲଦାର ବିକାଶ ରଞ୍ଜନଙ୍କୁ ମଧ୍ୟ ପରିସ୍ଥିତି ଉପରେ ନଜର ରଖିବାର ଦାୟିତ୍ୱ ଦିଆଯାଇଥିଲା। ଗ୍ରାମବାସୀଙ୍କ ଏକ ବୃହତ୍ ଗୋଷ୍ଠୀର କହିବା ଅନୁଯାୟୀ, ଜୁନ ୨୧ରୁ ଆରମ୍ଭ ହୋଇଥିବା ପ୍ରତିଷ୍ଠା ମହୋତ୍ସବ ୨୪ ତାରିଖରେ ପୂର୍ଣ୍ଣାହୁତି ସହ ସମାପ୍ତ ହୋଇଛି। ସେମାନଙ୍କ ଦାବି ଅନୁସାରେ ଗ୍ରାମର ଅଧିକାଂଶ ପରିବାର ଏହି ଧାର୍ମିକ କାର୍ଯ୍ୟକ୍ରମକୁ ସମର୍ଥନ କରୁଥିବା ବେଳେ କିଛି ପରିବାର ଏହାକୁ ବିରୋଧ କରୁଥିଲେ। ପୂର୍ବରୁ ଏହି ବିଷୟରେ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ତଦନ୍ତ ପରେ ସେହି ଅଭିଯୋଗ ଖାରଜ ହୋଇଥିବା ସମର୍ଥକ ଗୋଷ୍ଠୀ ପକ୍ଷରୁ କୁହାଯାଇଛି।

**ବିରୋଧୀ ଗୋଷ୍ଠୀଙ୍କ ଧାରଣା**

ଅନ୍ୟପକ୍ଷରେ, ବିରୋଧୀ ଗୋଷ୍ଠୀର ଅଭିଯୋଗ ହେଉଛି ଯେ ମନ୍ଦିର ପ୍ରତିଷ୍ଠା ପାଇଁ ଗଠିତ କମିଟି ସମସ୍ତ କାର୍ଯ୍ୟ ସ୍ୱଚ୍ଛତା ଓ ସର୍ବସମ୍ମତି ଭିତ୍ତିରେ ପରିଚାଳନା କରିନଥିଲା। ସେମାନେ କମିଟିର କାର୍ଯ୍ୟପ୍ରଣାଳୀ ନେଇ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ପୂଜା ପାଇଁ ଆଣାଯାଇଥିବା ଏକ ପ୍ରତିମୂର୍ତ୍ତିରେ କୁକୁର ଓ ଭଗବାନ ଶିବଙ୍କ ଚିତ୍ର ରହିଥିବାରୁ ତାହାକୁ ନେଇ ମଧ୍ୟ ଆପତ୍ତି ଉଠାଇଥିଲେ। ସେମାନଙ୍କ ମତରେ ଏହା ଧାର୍ମିକ ଭାବାବେଗକୁ ଆଘାତ ଦେଇଛି ଏବଂ ଏହି କାରଣରୁ ପୂଜା କାର୍ଯ୍ୟକ୍ରମ ସ୍ଥଗିତ ରଖିବାକୁ ଦାବି କରାଯାଇଥିଲା। ସମ୍ବେଦନଶୀଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ମାଇକ୍ ଓ ଘଣ୍ଟଘଣ୍ଟି ବ୍ୟବହାର ନକରିବା, ଭିଡ଼ ନଜମାଇବା ଏବଂ ଆଇନ-ଶୃଙ୍ଖଳା ମାନି ପୂଜା କାର୍ଯ୍ୟ ସମାପ୍ତ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ବିବାଦ ମଧ୍ୟରେ କିଛି ଗ୍ରାମବାସୀ ଗତକାଲି ଜିଲ୍ଲା ପୁଲିସ ଅଧୀକ୍ଷକ (ଏସପି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଉପଜିଲ୍ଲାପାଳଙ୍କୁ ଭେଟି ନିଜ ଅଭିଯୋଗ ଜଣାଇଥିଲେ। ବୁଧବାର ମଧ୍ୟ ସେମାନେ ଦିନ ତମାମ ଓ ଖବର ଶେଷ ସୁଦ୍ଧା ମନ୍ଦିରଠାରୁ କିଛି ଦୂରରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ତହସିଲଦାର ବିକାଶ ରଞ୍ଜନ କହିଛନ୍ତି ଯେ, ଧାରଣାକାରୀ ଶାନ୍ତିପୂର୍ଣ୍ଣ ଭାବେ ନିଜ ମତ ପ୍ରକାଶ କରୁଛନ୍ତି ଏବଂ ଏପର୍ଯ୍ୟନ୍ତ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ପ୍ରଶାସନ ସମଗ୍ର ଘଟଣା ଉପରେ କଡ଼ା ନଜର ରଖିଛି। ପ୍ରତିଷ୍ଠା ମହୋତ୍ସବକୁ ନେଇ ଗ୍ରାମରେ ମତଭେଦ ଓ ବିରୋଧ ଥିଲେ ମଧ୍ୟ ପ୍ରଶାସନର ତତ୍ପରତା, ପୋଲିସ ମୁତୟନ ଓ ନିୟନ୍ତ୍ରଣମୂଳକ ପଦକ୍ଷେପ ଫଳରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଶାନ୍ତି ଓ ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ତେବେ ମନ୍ଦିର ପରିଚାଳନା, ପ୍ରତିମୂର୍ତ୍ତିର ଗଠନ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ନେଇ ଉଠିଥିବା ଅଭିଯୋଗଗୁଡ଼ିକ ଏବେ ମଧ୍ୟ ଗ୍ରାମର ଏକ ଅଂଶର ଅସନ୍ତୋଷର କାରଣ ହୋଇ ରହିଛି।

## ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ଉପଲକ୍ଷେ ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା

ପାରାଦୀପ,୨୫।୬ (ସମିସ) : ଆସନ୍ତା ୨୯ରେ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳନ କରାଯିବ। ଏହି ଉପଲକ୍ଷେ ଆଜି ପାରାଦୀପ ବେଥାନି ସ୍କୁଲରେ ଡ୍ରଗ୍ସ ଅପବ୍ୟବହାର ବିରୁଦ୍ଧରେ ଯୁଦ୍ଧ (ୱାଦା) ଅନୁଷ୍ଠାନ ସହଯୋଗରେ ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆନ୍ତଃଶ୍ରେଣୀ ବକ୍ତୃତା ଏବଂ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରି ସାମାଜିକ ପ୍ରତିବଦ୍ଧତାର ସହିତ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଅନ୍ତର୍ଜାତୀୟ ଦିବସ ପାଳନ କରାଯାଉଛି। ଉଭୟ ପ୍ରତିଯୋଗିତାର ବିଷୟବସ୍ତୁ ଥିଲା "ଡ୍ରଗ୍ ଅପବ୍ୟବହାର ବିରୁଦ୍ଧରେ ଛାତ୍ରଙ୍କ ଦାୟିତ୍ୱ'। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିଶା ସେବନର କ୍ଷତିକାରକ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ନିଶାମୁକ୍ତ ସମାଜ ଗଠନରେ ଦାୟିତ୍ୱବାନ ନାଗରିକ ହେବା ପାଇଁ ସେମାନଙ୍କୁ ଉତ୍ସାହିତ କରିବା। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ଚିନ୍ତନାତ୍ମକ ଭାଷଣ ଏବଂ ପ୍ରଭାବଶାଳୀ ଚିତ୍ରକଳା ମାଧ୍ୟମରେ ସେମାନଙ୍କର ସୃଜନଶୀଳତା, ସଚେତନତା ଏବଂ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୱାଦାର ପରାମର୍ଶଦାତା କ୍ୟାପ୍ଟେନ ପ୍ରେମାନନ୍ଦ ରାଉତ ଏବଂ ସଂଯୋଜକ ଅମ୍ବିକା ପ୍ରସାଦ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବେଥାନୀ





ସ୍କୁଲର ପ୍ରିନ୍ସିପାଲ ରେଭରେଣ୍ଡ ଫାଦର ସୁନିଲ ଲାକ୍ରା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ଏବଂ ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ସମାବେଶକୁ ସମ୍ବୋଧିତ କରି, କ୍ୟାପ୍ଟେନ ରାଉତ ଯୁବପିଢ଼ି ମଧ୍ୟରେ ନିଶାଦ୍ରବ୍ୟ ଅପବ୍ୟବହାରର ଭୟଙ୍କର ପରିଣାମ ଉପରେ ଆଲୋକପାତ କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କୁ ସତର୍କ ରହିବାକୁ ଏବଂ ସୁଚିନ୍ତିତ ଜୀବନ ନିଷ୍ପତ୍ତି ନେବାକୁ ଅନୁରୋଧ କରିଥିଲେ। ଶ୍ରୀ ମହାପାତ୍ର ସମାଜରେ ନିଶାଦ୍ରବ୍ୟ ଅପବ୍ୟବହାର ବିରୁଦ୍ଧରେ ସଚେତନତା ପ୍ରସାର କରିବାରେ ପରିବର୍ତ୍ତନର ଦୂତ ଭାବରେ ଛାତ୍ରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଂଶଗ୍ରହଣକାରୀମାନେ ନିଶା ନିବାରଣରେ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ଉପରେ ସେମାନଙ୍କର ମତାମତ ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ। ବିଚାରକମାନେ ଯୁବ ଅଂଶଗ୍ରହଣକାରୀଙ୍କ ଦ୍ୱାରା ଆତ୍ମବିଶ୍ୱାସ, ମୌଳିକତା ଏବଂ ସଚେତନତାକୁ ପ୍ରଶଂସା କରିଥିଲେ। ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ନିଶା ସେବନର ବର୍ଦ୍ଧିତ ବିପଦ ପ୍ରତି ସଫଳ ଭାବରେ ସଚେତନ କରିଥିଲା ଏବଂ ଭବିଷ୍ୟତ ପିଢ଼ିକୁ ସୁରକ୍ଷା ଦେବା ପାଇଁ ସାମୂହିକ କାର୍ଯ୍ୟର ଗୁରୁତ୍ୱକୁ ଦୃଢ଼ କରିଥିଲା।

# କପିଳାସରେ ରୋପୱେ ନିର୍ମାଣକୁ ନେଇ ପ୍ରଶ୍ନବାଚୀ

ଢେଙ୍କାନାଳ,୨୫।୬(ସମିସ): ରାଜ୍ୟର ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ କପିଳାସ ପୀଠରେ ରୋପୱେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ନିର୍ମାଣ କାର୍ଯ୍ୟ ନିମନ୍ତେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ କାର୍ଯ୍ୟରେ କୌଣସି ଅଗ୍ରଗତି ହୋଇପାରୁନାହିଁ। କପିଳାସର ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠ ୧୩୫୨ ଖ୍ରୀଷ୍ଟାବ୍ଦରେ ଗଙ୍ଗବଂଶର ରାଜା ପ୍ରଥମ ନରସିଂହଦେବଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଛି। ସମୁଦ୍ର ପତ୍ତନଠାରୁ ୨ ହଜାର ୨୩୯ ଫୁଟ ଉଚ୍ଚରେ ଏହି ପୀଠ ରହିଥିବା ବେଳେ ମନ୍ଦିର ଉଚ୍ଚତା ୬୦ଫୁଟ। ପୀଠରେ ବାବା ଚନ୍ଦ୍ରଶେଖର ଓ ମାତା ପାର୍ବତୀଙ୍କ ମନ୍ଦିର ରହିଛି। ଏଥିସହ ଗଣେଶ, କାର୍ତ୍ତିକ, ଗଙ୍ଗାଦେବୀଙ୍କ ସହ ମନ୍ଦିର ପାଶ୍ୱର୍ ଦେବତା ଭାବେ ଶ୍ରୀଜଗନ୍ନାଥ ବିଜେ କରିଛନ୍ତି। ପ୍ରତିଦିନ ଏହି ପୀଠକୁ ରାଜ୍ୟ ତଥା ଦେଶବିଦେଶରୁ ହଜାର ହଜାର ଭକ୍ତଙ୍କ ସହ ପର୍ଯ୍ୟଟକଙ୍କ ସମାଗମ ହେଉଥିବା ବେଳେ





ଶ୍ରାବଣ ମାସ ସୋମବାର, ମାଘ ମାସ ଏବଂ ଶିବରାତ୍ରି ସମୟରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ନଭେମ୍ବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ପର୍ଯ୍ୟଟନ ଋତୁରେ ପ୍ରତିଦିନ ଭକ୍ତଙ୍କ ସମାଗମ ହେଉଥିବା ବେଳେ ମୃଗବିହାର, ବିଜ୍ଞାନ କେନ୍ଦ୍ରକୁ ମଧ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ପର୍ଯ୍ୟଟକମାନେ ଏଠାରେ ପ୍ରକୃତିର ନୈସର୍ଗୀକ ଶୋଭା ପରିଦର୍ଶନ କରିବା ସହ ବଣଭୋଜିର ମଜା ଉଠାଇଥାନ୍ତି। ଏହାସହ ଗତ ୧ ବର୍ଷହେବ ବନବିଭାଗ ତରଫରୁ ଆରମ୍ଭ ହୋଇଥିବା ଜଙ୍ଗଲ ସଫାରୀ ଅଧିକ ଆକର୍ଷଣୀୟ ହୋଇଛି।

**ବାରମ୍ବାର ଘୋଷଣା ପ୍ରହସନ ପାଲଟିଛି**

କପିଳାସ ପୀଠକୁ ଭକ୍ତଙ୍କ ସମାଗମ ହେଉଥିବା ବେଳେ ଉପରକୁ ଯିବାକୁ ହେଲେ ୧୩୫୨ ପାହାଚ ଚଢ଼ି କିମ୍ବା ବାରବାଙ୍କ ରାସ୍ତାଦେଇ ଯିବାକୁ ହୁଏ। ଏହା ପରେ କପିଳାସର ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ପୀଠରୁ ପ୍ରାୟ ୨ କିଲୋମିଟର ଉଚ୍ଚତାରେ ରହିଛି ପୁରାଣ ବର୍ଣ୍ଣିତ ସୀତା ଅନ୍ତୁଡ଼ିଶାଳ। ଏହା ସହ କପିଳାସରେ ରହିଛି ଶ୍ରୀଧରସ୍ୱାମୀଙ୍କ ସ୍ମୃତି। କପିଳାସ ପୀଠକୁ ଅଧିକ ଆକର୍ଷଣୀୟ ଏବଂ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ତତ୍କାଳୀନ ଜିଲ୍ଲାପାଳ ଏଠାରେ ରୋପୱେ ନିର୍ମାଣ ପାଇଁ୧୯୯୨ ଏବଂ ୨୦୦୪ରେ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ସରକାର ପ୍ରସ୍ତାବକୁ ଗୁରୁତ୍ୱର ସହ ଗ୍ରହଣ କରି ୨୦୧୮-୧୯ରେ କପିଳାସରେ ରୋପୱେ କରାଯିବ ବୋଲି ଘୋଷଣା କରିଥିଲା। ପରେ ସ୍ୱାଧୀନତା ଦିବସ ଅବସରରେ ତତ୍କାଳୀନ ସାମାଜିକ ସୁରକ୍ଷା ମନ୍ତ୍ରୀ ଢେଙ୍କାନାଳ ଗସ୍ତରେ ଆସିଥିବା ବେଳେ କପିଳାସ ପୀଠରେ ରୋପୱେ ହେବବୋଲି ଘୋଷଣା କରିବା ସହ ଏହି କାର୍ଯ୍ୟ ୧୬ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାର ଡିପିଆର୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ମଧ ଦେଇଥିଲେ। ମାତ୍ର ଇତିମଧ୍ୟରେ ୮ ବର୍ଷ ବିତିଯାଇଥିଲେ ମଧ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏଠାରେ ରୋପୱେ ନିର୍ମାଣ କରାଗଲେ ଆବାଳବୃଦ୍ଧବନିତା ସହଜରେ ଚନ୍ଦ୍ରଶେଖରଙ୍କୁ ସ୍ୱଳ୍ପ ସମୟ ମଧ୍ୟରେ ଦର୍ଶନ କରବା ସହ କପିଳାସ ଚତୁଃପାଶ୍ୱର୍ରେ ଥିବା ସବୁଜିମା ଉପଭୋଗ କରିପାରିବେ। ଏଠାକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନ ହେବ। ଫଳରେ ଅଞ୍ଚଳର ବିକାଶ ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଏଠାରେ ରୋପ୍‌ୱେ ନିର୍ମାଣ କରିବାକୁ ଦାବି ହେଉଛି।

## ହନୁମାନ ମନ୍ଦିର ପ୍ରତିଷ୍ଠା ଓ ଭଜନ ସନ୍ଧ୍ୟା



ଢେଙ୍କାନାଳ,୨୫।୬(ସମିସ): ସ୍ଥାନୀୟ ବାଜିଚୌକସ୍ଥିତ ରାମକୃଷ୍ଣ ବିହାର ହାଉସିଂ ବୋର୍ଡ କଲୋନୀରେ ରାମେଶ୍ୱର ମହାଦେବ ମନ୍ଦିରରେ ନୂତନ ଭାବେ ନିର୍ମିତ ହୋଇଥିବା ପ୍ରଭୁ ହନୁମାନ ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ବ୍ରାହ୍ମଣୀ ନଦୀରୁ କଳସଯାତ୍ରାରେ ଜଳ ଆଣି ଜୀବନ୍ୟାସ କାର୍ଯ୍ୟକ୍ରମ ହୋଇଥିଲା। ମନ୍ଦିର କମିଟି ସଭାପତି ଦେବପ୍ରସାଦ ମିଶ୍ର ଓ ତାଙ୍କ ସହଧର୍ମିଣୀ ଗୀତାଞ୍ଜଳି ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପରେ ସଭାପତି ପ୍ରଫେସର ହରେକୃଷ୍ଣ କରଙ୍କ ସଭାପତିତ୍ୱରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନଗର ପରିକ୍ରମା ସମୟରେ ନୃତ୍ୟ ପ୍ରଦର୍ଶନ କରିଥିବା ଛୋଟ ଝିଅମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅତିଥି ଭାବେ ସୁନାମଧନ୍ୟ କଣ୍ଠଶିଳ୍ପୀ ଶକ୍ତି ମିଶ୍ର, ଦୁର୍ଗାପ୍ରସାଦ ମିଶ୍ର, ସ୍ନିଗ୍ଧା ନନ୍ଦ, କମଳ କୁମାର ନନ୍ଦ, ଗୋବିନ୍ଦ ଚନ୍ଦ୍ର, ବିମଳ ସାହୁ, ଅକ୍ଷୟ ନାୟକ, ଐଶ୍ୱର୍ଯ୍ୟ ସାହୁ, ଲକ୍ଷ୍ମୀପ୍ରିୟା ମହାରଣା ଓ ବ୍ରଜବନ୍ଧୁ ରଣସିଂ ଯୋଗଦେଇଥିଲେ। କର୍ମକର୍ତ୍ତା ଅକ୍ଷୟ ପଟ୍ଟନାୟକ, ପଞ୍ଚାନନ ମହାରଣା, ଦୀପକ ସାହୁ, ଶ୍ରୀପତି ରାଜ୍, ସାତ୍ୱିକ୍ ପତି, ଦିବ୍ୟରଞ୍ଜନ ସାହୁ, ଅନିତା ପୃଷ୍ଟି, ଟୁକୁଲତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଚେକ୍ ବାଉନ୍ସ ମାମଲାରେ ୨ ବର୍ଷ ଜେଲ୍‌ଦଣ୍ଡ

**୨୦ ଲକ୍ଷ ଟଙ୍କା ଜରିମାନା ଆଦେଶ**

ଢେଙ୍କାନାଳ,୨୫।୬(ସମିସ): ଏକ ଚେକ୍ ବାଉନ୍ସ ମାମଲାର ଶୁଣାଣି କରି ସ୍ଥାନୀୟ ଏସଡିଜେଏମ ଅଭିଯୁକ୍ତଙ୍କ ୨ ବର୍ଷ କାରାଦଣ୍ଡ ସହ ୨୦ ଲକ୍ଷ ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି। ସ୍ଥାନୀୟ କୈବଲ୍ୟ ବଜାର ରଥଗଡ଼ା ଅଞ୍ଚଳର ସୁଜିତ ରଞ୍ଜନ ପଣ୍ଡା ନିଜ ବ୍ୟବସାୟିକ କାର୍ଯ୍ୟ ନିମନ୍ତେ ପ୍ରଦ୍ୟୁମ୍ନ କୁମାର ନାଥଙ୍କଠାରୁ ୨୦୧୮ ଫେବୃଆରୀ ୨୬ରେ ଆର୍‌ଟିଜିଏସ୍ ମାଧ୍ୟମରେ ୧୮ ଲକ୍ଷ ୪୦ ହଜାର ଟଙ୍କା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଟଙ୍କା ଫେରସ୍ତ ପାଇଁ ପ୍ରଦ୍ୟୁମ୍ନ ବାରମ୍ବାର ଦାବି କରିବାରୁ ସୁଜିତ ୨୦୨୨ ଫେବୃଆରୀ ୨୫ରେ ନିଜ ଏସ୍‌ବିଆଇ ଆକାଉଣ୍ଟର ଏକ ଚେକ୍ ସୁଜିତଙ୍କୁ ପ୍ରଦାନ କରିଥିଲେ। ମାତ୍ର ବ୍ୟାଙ୍କରେ ଚେକ୍ ଦାଖଲ କରିବା ପରେ ଆବଶ୍ୟକ ଅର୍ଥ ନ ଥିବାରୁ ତାହା ବାଉନ୍ସ ହୋଇଥିଲା। ଏ ନେଇ ପ୍ରଦ୍ୟୁମ୍ନ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଏକ ମାମଲା ଦାଖଲ କରିଥିଲେ। ମାମଲାର ଶୁଣାଣି କରି ଏସ୍‌ଡିଜେଏମ୍ ରେଶମା ଧଳ ବିଶୋୟୀ ରାୟ ପ୍ରକାଶ କରିଛନ୍ତି। ସୁଜିତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶୁତୋଷ କାନୁନଗୋ ମାମଲା ପରିଚାଳନା କରିଥିଲେ।


## ରମେଇ ଖମାର ଗ୍ରାମରେ ପାଣି ପାଇଁ ଲମ୍ବା ଧାଡ଼ି



ଗଁଦିଆ,୨୫।୬(ସମିସ): ପିଇବା ପାଣି ମୁନ୍ଦେ ପାଇବା ପାଇଁ ଗଁଦିଆ ବ୍ଲକ ସୋରିଶିଆପଦା ପଞ୍ଚାୟତ ରାମେଇ ଖମାର ଗ୍ରାମବାସୀ ଡହଳବିକଳ ହେଉଛନ୍ତି। ପଡ଼ା ଗ୍ରାମ ଦେଓଝର ଓ ଚାଉଳିଆକୁ ନେଇ ରାମେଇ ଖମାର ରାଜସ୍ୱ ଗ୍ରାମ। ଏହାର ଜନସଂଖ୍ୟା ଏକ ହଜାରରୁ ଊର୍ଦ୍ଧ୍ୱ। ତେବେ ଗ୍ରାମରେ ଦେଖାଦେଇଛି ପାନୀୟ ଜଳ ସଙ୍କଟ। ଗ୍ରାମରେ ୫ଟି ନଳକୂପ ରହିଛି। ତେବେ ନଳକୂପଗୁଡ଼ିକରୁ ବାହାରୁଥିବା ପାଣି ନାଲି ରଙ୍ଗର ଓ ବ୍ୟବହାର ପାଇଁ ଉପଯୁକ୍ତ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଏକ ଓଭର ହେଡ୍ ଟାଙ୍କି ବ୍ୟବସ୍ଥା ରହିଛି। ସେଠାରୁ ଗ୍ରାମର ବିଭିନ୍ନ ଛକ ଜଗାଗୁଡ଼ିକୁ ପାଇପ ମାଧ୍ୟମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ସୁଦ୍ଧା ଗତ ରଜପର୍ବଠାରୁ ଏହି ପ୍ରକଳ୍ପର ମୋଟର ଖରାପ ହୋଇଯାଇଥିବାରୁ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ପାଣି ଟିକକ ପାଇଁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପର ପକ୍ଷରେ ପିଇବା ପାଣି ପାଇଁ ଅଙ୍ଗନବାଡ଼ି କେନ୍ଦ୍ରଠାରେ ଥିବା ଟାଙ୍କିରୁ ପାଣି ନେବାକୁ ମହିଳାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ମହିଳାମାନେ ଲମ୍ବା ଧାଡ଼ିରେ ଠିଆ ହୋଇ ପାଣି ସଂଗ୍ରହ କରୁଛନ୍ତି। ତେବେ ବିଦ୍ୟୁତ ଯୋଗାଣ ବନ୍ଦ ହେଲେ ପାଣି ଯୋଗାଣ ବନ୍ଦ ରହେ। କେବଳ ଲାଇନ ଥିଲେ ଉକ୍ତ ସ୍ଥାନରୁ ପାଣି ମିଳିଥାଏ। ଏହି ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

## କପିଳାସ ହୁଣ୍ଡିରୁ ମିଳିଲା ୧ଲକ୍ଷ ୪୩ହଜାର ୯୪୨ ଟଙ୍କା

ଗଁଦିଆ,୨୫।୬(ସମିସ): ପ୍ରସିଦ୍ଧ ଶୈବପୀଠ କପିଳାସ ବିଜେ ବାବା ଚନ୍ଦ୍ରଶେଖରଙ୍କ ହୁଣ୍ଡିରେ ଭକ୍ତମାନେ ଦାନ ସୂତ୍ରରେ ଯେଉଁ ଅର୍ଥ ପ୍ରଦାନ କରିଥାନ୍ତି ତାହାକୁ ଆଜି କଡ଼ା ସୁରକ୍ଷା ବଳୟରେ ଖୋଲାଯାଇଛି। ଗଣତି ସମୟରେ ଗଁଦିଆ ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତି, ଅତିରିକ୍ତ ଦେବୋତ୍ତର ଅଧିକାରୀ ରାଜେଶ କୁମାର ସୁବୁଦ୍ଧିଙ୍କ ଉପସ୍ଥିତ ଥିଲେ। ଦାନ ଅର୍ଥରାଶିକୁ ହୁଣ୍ଡିକୁ ବାହାର କରାଯାଇ ଦେବୋତ୍ତର କର୍ମଚାରୀଙ୍କ ଦ୍ୱାରା ଗଣତି ହୋଇଥିଲା। ହୁଣ୍ଡିରୁ ମୋଟ ୧ ଲକ୍ଷ୍ୟ ୪୩ ହଜାର ୯୪୨ଟଙ୍କା ସଂଗ୍ରହ ହୋଇଛି। ଗଁଦିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇଙ୍କ ନେତୃତ୍ୱରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପରେ ଉକ୍ତ ଅର୍ଥରାଶିକୁ ସୁରକ୍ଷା ବଳୟରେ ଏକ ଗାଡ଼ିରେ ଦେବୋତ୍ତର ବିଭାଗ ମୁଖ୍ୟ କାର୍ଯ୍ୟାଳୟକୁ ନିଆଯାଇଛି।



## ନିଶାମୁକ୍ତ ଭାରତ ଅଭିଯାନ ସଚେତନତା




ଗଁଦିଆ,୨୫।୬(ସମିସ): ସ୍ଥାନୀୟ କୁଞ୍ଜକାନ୍ତସ୍ଥିତ ସାଇକୃପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ ଢେଙ୍କାନାଳ ଓ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। କଲେଜର ଛାତ୍ର ବଳରାମ ସାହୁ ଓ ଅମ୍ଳାନ ଶୁଭ୍ରପ୍ରକାଶ ପାଣି ପ୍ରମୁଖ ନିଶାମୁକ୍ତ ଭାରତ ନିମନ୍ତେ ନିଜ ବକ୍ତବ୍ୟ ପ୍ରଦାନ କରି ଯୁବସମାଜ ନିଶାରୁ ମୁକ୍ତି ହେବାକୁ ଆହ୍ୱାନ ଦେଇଥିଲେ। ଐରା ଅନୁଷ୍ଠାନର ସଂଯୋଜକ ସମାଜସେବୀ ପ୍ରଦ୍ୟୁମ୍ନ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି ନିଶାମୁକ୍ତ ଅଭିଯାନ ସମ୍ପର୍କରେ ଅଭିଭାଷଣ ରଖିଥିଲେ। କଲେଜ ଅଧକ୍ଷ ଡ. ତୁଷାର ମହାନ୍ତି, ଅଧ୍ୟାପକ ଡ. ପ୍ରସନ୍ନ କୁମାର ପଣ୍ଡା, ପ୍ରକାଶ କୁମାର ଜେନା, ଶରତ କୁମାର ସାହାଣୀ, ଅନୁଷ୍ଠାନର ସୀତାଂଶୁ କୁମାର ପଣ୍ଡା, ଅରବିନ୍ଦ ପାଣିଗ୍ରାହୀ, ଅନୁସୟା ସାହୁ, ଚିନ୍ତାମଣି ମୁଦୁଲି ଓ ହେମାଙ୍ଗିନୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥପାଠ ହୋଇଥିଲା। ଏଥିସହ ଦସ୍ତଖତ ଅଭିଯାନରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ



ଢେଙ୍କାନାଳ,୨୫।୬(ସମିସ): ଓଡ଼ିଶା ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଜନହିତକରୀ ଯୋଜନା ଏବଂ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳତାକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଓଡ଼ାପଡ଼ା ବ୍ଲକ ଖୁଣ୍ଟୁଝରୀ ଗ୍ରାମପଞ୍ଚାୟତ ଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବରୁଣ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମଳା ଦେଇ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ପରିଦର୍ଶିକା ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବାବେଳେ ଅନ୍ୟତମ ଅତିଥିଭାବେ ଗ୍ରାମସେବକ ସୁକାନ୍ତି ପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ଜନପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀର ମହିଳା ସଦସ୍ୟ, ମହିଳା ଅଙ୍ଗନୱାଡ଼ି କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ଯଥା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ଆୟୁଷ୍ମାନ ବାୟୋ ବନ୍ଦନା, ସୁଭଦ୍ରା ଶକ୍ତି, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଓ ଭିବିଜି ରାମ ଜି ଯୋଜନା ସମ୍ପର୍କରେ ଅତିଥିମାନେ ଜନ ସାଧାରଣଙ୍କୁ ସଚେତନତା କରିଥିଲେ। ଏହା ପରେ ହିତାଧିକାରୀଙ୍କୁ,ଭତା,ରାସନ୍ କାର୍ଡ,ଅନ୍ତୋଦୟ ଗୃହ ପ୍ରଦାନ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୟନ୍ତ କୁମାର ସାମଲ ସମସ୍ତ ଗ୍ରାମ ସାଥୀ ଓ ୱାର୍ଡ ସଭ୍ୟ ସଭ୍ୟାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

## ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ରୁକ୍ମିଣୀ ବିବାହ ନୀତି



ଢେଙ୍କାନାଳ,୨୫।୬(ସମିସ): ସ୍ଥାନୀୟ କୈବଲ୍ୟ ବଜାର ସ୍ଥିତ ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିରରେ ଜ୍ୟେଷ୍ଠ ମାସର ନିର୍ଜଳା ଏକାଦଶୀ ଓ ରୁକ୍ମିଣୀ ବିବାହ ନୀତି ପାଳନ କରାଯାଇଛି। ପ୍ରାତଃ ସମୟରୁ ମଙ୍ଗଳ ଆଳତି ମହାସ୍ନାନ,ବସ୍ତ୍ର, ତୁଳସୀ ହାର ଓ ଫୁଲହାର,ବଲ୍ଲଭ ଭୋଗ ଲାଗି କରାଯାଇଥିଲା, ସକାଳ ୧୦ ଟା ସମୟରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି ରାତ୍ରଧୂପ ପରେ ଏକାଦଶୀ ବେଢ଼ା ମହାଦୀପ ମନ୍ଦିର ଉପରକୁ ଉଠିଥିଲା। ରୀତି ନୀତି ଅନୁସାରେ ବିବାହ ନୀତି ସମ୍ପନ୍ନ ହୋଇଛି। ପୂଜକ ମଳୟ କର, ଶ୍ରୀବତ୍ସ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ମନ୍ଦିର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ସମସ୍ତ ନୀତି ଅନୁଷ୍ଠିତ ହୋଇଥିଲା।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ଗଁଦିଆ,୨୫।୬(ସମିସ): ନୂଆଗଡ଼ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରେ ଯୋଗଦାନ କରିଥିବା କନ୍ୟାକୁମାରୀ ଭୂତିଆଙ୍କୁ ସ୍କୁଲ ପରିଚାଳନା ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ସଭ୍ୟ ତଥା ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଜୟ କୁମାର ସାମନ୍ତ, ପଞ୍ଚସଖା ଶିକ୍ଷାସେତୁ ସଭାପତି ତୁଷାରକାନ୍ତ ବରାଳଙ୍କ ନେତୃତ୍ୱରେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପହାର ଦେଇ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ, ବରିଷ୍ଠ ସଭ୍ୟ ସାମନ୍ତ ପବିତ୍ର ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ରଶ୍ମିବାଳା ସାମଲ, ଦୀପିକା ପଡ଼ିଆରୀ, ତପସ୍ୱିନୀ ସାହୁ, ପ୍ରଜ୍ଞାସିନୀ ଶତପଥୀ, ଶିକ୍ଷକ ଅଭୟ କୁମାର ଶତପଥୀ, ଅରୁଣ ଧରୁଆ, ଅମୂଲ୍ୟ ବେହେରା, କର୍ମଚାରୀ ଗୋବର୍ଦ୍ଧନ ବେହେରା ପ୍ରମୁଖ ନୂତନ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିଥିଲେ।

## ବ୍ୟାଡ୍‌ମିଣ୍ଟନ ଖେଳାଳି ବିଭାସିନ୍ଧୁଙ୍କୁ ସମ୍ବର୍ଦ୍ଧନା



ଢେଙ୍କାନାଳ,୨୫।୬(ସମିସ): ତୁର୍କୀଠାରେ ଆୟୋଜିତ ବିଶ୍ୱ ଯୁବ କ୍ରୀଡ଼ାରେ ଅଂଶଗ୍ରହଣ କରି ତିନିଟି ବିଭାଗରେ ପଦକ ହାସଲ କରି ଜିଲ୍ଲା, ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣି ଦେଇଛନ୍ତି ଢେଙ୍କାନାଳର ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ବିଭାସିନ୍ଧୁ ବାରିକ। ବିଭାସିନ୍ଧୁ ସ୍ଥାନୀୟ ରାମେଶ୍ୱରପୁର ଅଞ୍ଚଳର ଆଇନଜୀବୀ ବେଣୁଧର ବାରିକଙ୍କ ପୁଅ। ଏହି ସଫଳତା ପାଇଁ ପୂର୍ବତନ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ତାଙ୍କ ଆବାସିକ କାର୍ଯ୍ୟାଳୟରେ ବିଭାସିନ୍ଧୁଙ୍କୁ ଅଭିନନ୍ଦନ ଜଣାଇବା ସହ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ବିଭାସିନ୍ଧୁଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବିଭାସିନ୍ଧୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରଭୁ ଶ୍ରୀଚନ୍ଦ୍ରଶେଖରଙ୍କ ନିକଟରେ କାମନା କରିଛନ୍ତି। ଆଗାମୀ ଦିନରେ ମଧ ବିଭାସିନ୍ଧୁଙ୍କୁ ସମସ୍ତ ସହିଯୋଗ କରିବା ପାଇଁ ପୂର୍ବତନ ବିଧାୟକ ସାମଲ ପ୍ରତିଶ୍ରୁତି ଦେଇଛନ୍ତି।

## ଦେଶୀମଦ ଓ କାର୍ ଜବତ; ୩ ଗିରଫ



ଭୁବନ,୨୫।୬(ସମିସ): ଢେଙ୍କାନାଳ ଜିଲ୍ଲାପାଳ ଓ ଅବକାରୀ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଭୁବନ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ବେଳେ ଭୁବନ-ନୀଳକଣ୍ଠପୁର ରାସ୍ତାରେ ୨୧୦ ଲିଟର ଦେଶୀମଦ ଓ ଏକ କାର ଜବତ କରି ୩ଜଣଙ୍କୁ ଗିରଫ କରିଛି। ଗିରଫ ତିନିଜଣ ହେଲେ ଆଠଗଡ଼ ଅଞ୍ଚଳର କୃଷ୍ଣଚନ୍ଦ୍ର ପ୍ରଧାନ, କମଳ ସାହୁ ଓ ଗଁଦିଆର ଜିତେନ୍ଦ୍ର ସାହୁ। ଏମାନେ ଭୁବନ ଅଞ୍ଚଳକୁ କାରରେ ଦେଶୀମଦ ବିକ୍ରି କରିବାକୁ ଆଣୁଥିଲେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଚାଷୀଙ୍କ ପାଇଁ କ୍ଷେତ୍ର ପରିଦର୍ଶନ ଓ ପ୍ରଶିକ୍ଷଣ ଶିବିର

ଢେଙ୍କାନାଳ,୨୫।୬(ସମିସ): ସାରର ସନ୍ତୁଳିତ ବ୍ୟବହାର ଉପରେ ଗୁରୁତ୍ୱ ଦେଇ କ୍ଷେତ ବଞ୍ଚାଅ ଅଭିଯାନ ଅଧୀନରେ ଜୈବସାର ନବସୃଜନକୁ ପ୍ରୋତ୍ସାହିତ କରୁଛି। ଜୈବସାର ଉପରେ ଏକ ପ୍ରଭାବଶାଳୀ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ସହ ଜୈବସାର ପ୍ରୟୋଗ ଉପରେ ଚାଷୀ ଉତ୍ପାଦକ କମ୍ପାନୀଗୁଡ଼ିକୁ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗଁଦିଆ ବ୍ଲକ ଚିରୁଲେଇ ଓ ସଦର ବ୍ଲକ ତରାଭା ଗ୍ରାମରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶାର ଧାନ ଆଧାରିତ ଫସଲ, କୃଷି ପ୍ରଣାଳୀରେ ଗୁଣାତ୍ମକ ଉତ୍ପାଦନ, ଲୋକପ୍ରିୟତା ଏବଂ ଯୋଗାଣ ରାଜ୍ୟ ନିଧିକୃତ ପ୍ରକଳ୍ପ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏହି କାର୍ଯ୍ୟକ୍ରମଗୁଡ଼ିକ ଜିଲ୍ଲା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ସହଯୋଗରେ ସମନ୍ୱିତ ହୋଇଥିଲା। ଏହି ବୈଷୟିକ ଅଧିବେଶନଗୁଡ଼ିକ କୃଷି ବିଶେଷଜ୍ଞ ଏବଂ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଏକତ୍ରିତ କରି ଆଞ୍ଚଳିକ ମାଟି ଜୈବିକ ସ୍ୱାସ୍ଥ୍ୟ ସଂରକ୍ଷଣ ପାଇଁ ସ୍ଥାୟୀ ସମାଧାନ ପ୍ରଦାନ କରିଥିଲେ। ଡ. କୁତୁବୁଦ୍ଦିନ ଅଲି ମୋଲ୍ଲା ସନ୍ତୁଳିତ ସାର ବ୍ୟବହାରର ଦୀର୍ଘକାଳୀନ ଲାଭ ଏବଂ ଆଜୋଲାର ଲାଭ ବିଷୟରେ ବ୍ୟାଖ୍ୟା କରିଥିଲେ। ବୈଜ୍ଞାନିକ ଡ. ରୋଜାଲିନ୍ ମହାନ୍ତ, ଆଞ୍ଚଳିକ କୃଷିପଦ୍ଧତି ବିଷୟରେ ଆଲୋଚନା କରିଥିଲେ। ମାଟିର ଉର୍ବରତାକୁ ବ୍ୟବସ୍ଥିତ ଭାବେ ଉନ୍ନତ କରିବା ପାଇଁ ଜୈବସାର ସୁପାରିସ କରିଥିଲେ। ଉଭୟ କାର୍ଯ୍ୟକ୍ରମକୁ ଡିଏଫପିସିଏଲର ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦ୍ର ମଲ୍ଲ ଏବଂ ଶୋଭନ ଦିବ୍ୟଦର୍ଶନ ପରିଚାଳନା କରିଥିଲେ।




## ଜୈବସାର ପ୍ରୟୋଗ ସମ୍ପର୍କିତ କୃଷି କର୍ମଶାଳା

ଗଁଦିଆ,୨୫।୬(ସମିସ)

ଗଁଦିଆ ବ୍ଲକ ଚିରୁଲେଇ ଗ୍ରାମ ଅକ୍ଷୟ ଗାର୍ଡେନ ସଭାଗୃହରେ ଦିନିକିଆ ଜୈବିକ ସାର ପ୍ରୟୋଗ ସମ୍ପର୍କିତ କୃଷକମାନଙ୍କ କର୍ମଶାଳା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଆୟୋଜନରେ ଅନୁଷ୍ଠିତ ଏହି କର୍ମଶାଳାରେ କମ୍ପାନୀ ନିର୍ଦ୍ଦେଶକ ଅମରେନ୍ଦ୍ର ମଲ୍ଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କଟକର ବରିଷ୍ଠ ବୈଜ୍ଞାନିକ ସୁଦୀପ୍ତ ପାଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ କୃଷି ବୈଜ୍ଞାନିକ ଡ. କୁତୁବୁଦ୍ଦିନ ଅଲିମୋରା, ଡ. ସାଇକ୍ରିଷ୍ଣା ରେପାଲି ଓ ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ରୋଜାଲିନ ମାହୁନ୍ତ ଯୋଗଦେଇ କୃଷକ ମାନଙ୍କୁ ଜୈବିକ ସାର ବ୍ୟବହାରର ଆବଶ୍ୟକତା, ଜୈବିକ ସାର ପ୍ରସ୍ତୁତି ଓ ପ୍ରୟୋଗ ବିଧି ସମ୍ପର୍କରେ ବିଶଦ୍ ଭାବେ ବୁଝାଇଥିଲେ। ଏହି ଅବସରରେ ମୃତିକା ପରୀକ୍ଷାର ଆବଶ୍ୟକତା ଓ ଉପକାର ସମ୍ପର୍କରେ ଶ୍ରୀମତୀ ମାହୁନ୍ତ ବୁଝାଇଥିଲେ। ଶତାଧିକ ଚାଷୀଙ୍କୁ ବୈଜ୍ଞାନିକ ଡ. ସାଇ କ୍ରିଷ୍ଣା ନଡାରୁ କିପରି ଜୈବିକ ସାର ପ୍ରସ୍ତୁତି ହେବ ତାହା ପ୍ରଦର୍ଶନ କରି ଦେଖାଇଥିଲେ। ବୈଜ୍ଞାନିକ ଚାଷୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତର ପ୍ରଦାନ କରିଥିଲେ। ଲମ୍ବୋଦର ପରିଡା, ସୌମ୍ୟରଞ୍ଜନ ରାଉତ, ସାରଙ୍ଗଧର ରାଉତ,ଆଭାସ ପରିଡା,ଅନୀଲ ରାଉତ, ଗଙ୍ଗାଧର ପରିଡା, ସୁଶିଲ ପରିଡା, ବିଷ୍ଣୁଚରଣ ଜେନା, ପବିତ୍ର ମୋହନ ରାଉତ ପ୍ରମୁଖ ବ୍ଲକର ବିଭିନ୍ନ ପଞ୍ଚାୟତର ଅଗ୍ରଣୀ ଚାଷୀମାନେ କୃଷି ବୈଜ୍ଞାନିକମାନଙ୍କୁ ବିଭିନ୍ନ କୃଷି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ମିଳନ ମଲ୍ଲ, ନିମାଇଁ ଚରଣ ବେହେରା, ନନ୍ଦକିଶୋର ମହାନ୍ତି, ଆନନ୍ଦ ଚନ୍ଦ୍ର ମହାନ୍ତି, କବୀର ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



■ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

# ଶ୍ୟାମଳେନ୍ଦୁ ଓ ନମ୍ରତାଙ୍କୁ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର’

ଭୁବନେଶ୍ୱର,୨୫।୬(ସମିସ):୨୦୨୩ ଓ ୨୦୨୪ ବର୍ଷ ପାଇଁ ଘୋଷଣା ହୋଇଛି ୩୫ ଓ ୩୬ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର। ଗୁରୁବାର ସଂସ୍କୃତି ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପୁରସ୍କାର ସମ୍ପର୍କରେ ସୂଚନା ଦେଇଛନ୍ତି।

ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ନିମନ୍ତେ ୨୦୨୩ ମସିହା ପାଇଁ ବିଶିଷ୍ଟ ଅଭିନେତା ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟଙ୍କୁ ‘ମୋହନ ସୁନ୍ଦର ଦେବଗୋସ୍ୱାମୀ’ ପୁରସ୍କାର ପ୍ରଦାନ କରାଯିବ। ଏହାସହ ‘ପୁଷ୍କରା’ ଏବଂ ‘ମାଇଁ ସ୍ୱିଟ୍ ହାଉସ୍ ୱାଇଫ୍’ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ କରାଯିବ। ଶ୍ରେଷ୍ଠ ଅଭିନେତା ଭାବେ ‘ଧୋରେ ବାଇଆ ଧୋ’ ପାଇଁ ହରିହର ମହାପାତ୍ର, ଶ୍ରେଷ୍ଠ ଅଭିନେତ୍ରୀ ସୁପ୍ରିୟା ନାୟକ(ପୁଷ୍କରା) ଓ ନୈନା ଦାସ (ମାଇଁ ସ୍ୱିଟ ହାଉସ ୱାଇଫ୍)ମନୋନୀତ ହୋଇଥିବା ବେଳେ ଶ୍ରେଷ୍ଠ ନିର୍ଦ୍ଦେଶକ ପିନାକୀ ସିଂ ମନୋନୀତ ହୋଇଛନ୍ତି। ଏହାସହିତ ଶ୍ରେଷ୍ଠ ପାଶ୍ୱର୍ ଅଭିନେତା ‘ଫାଲଗୁନ ଚୈତ୍ର ପାଇଁ’ ଚୌଧୁରୀ ଜୟପ୍ରକାଶ ଦାସ, ‘ଡେଲିଭରି ବୟ’ ଶ୍ରେଷ୍ଠ ଶିଶୁ ଚଳଚ୍ଚିତ୍ର ‘ଫୁଲ ଫୁଟି ମହକିଲା’, ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର ‘ମାଇଁ ନ୍ୟାସନାଲ ଫ୍ଲାଗ୍’, ଶ୍ରେଷ୍ଠ ପ୍ରମାଣିକ ଚଳଚ୍ଚିତ୍ର ‘ମୋ ବୋଉ ମୋ ଗାଁ’କୁ ପୁରସ୍କାର ପାଇଁ ଚୟନ କରାଯାଇଛି।

ସେହିପରି ୨୦୨୪ ବର୍ଷ ପାଇଁ ବିଶିଷ୍ଟ ଅଭିନେତ୍ରୀ ନମ୍ରତା ଦାସଙ୍କୁ ‘ମୋହନ ସୁନ୍ଦର ଦେବ ଗୋସ୍ୱାମୀ’ପୁରସ୍କାର ପ୍ରଦାନ କରାଯିବ। ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ତପନ କୁମାର ଦାସଙ୍କ ‘ଆଶ୍ରମ’ ସିନେମା ପୁରସ୍କାର ଗ୍ରହଣ କରିବ। ଏହାସହ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଅଶୋକ ପତି, ଶ୍ରେଷ୍ଠ ଅଭିନେତା ଭାବେ ‘ବାବୁଶାନ୍ ଏବଂ ଅଭିନେତ୍ରୀ ଭାବେ ଦେବଯାନୀ ଦେଘୁରିଆ ପୁରସ୍କୃତ ହେବେ। ସେହିପରି ଶ୍ରେଷ୍ଠ ପାଶ୍ୱର୍ ଅଭିନେତା ଭାବେ ସୁକାନ୍ତ ରଥ(ତ୍ରିକନ୍ୟା), ପାଶ୍ୱର୍ ଅଭିନେତ୍ରୀ ଲିପ୍ସା ମିଶ୍ର (କେମିତି ଏ ସମ୍ପର୍କ), ଶ୍ରେଷ୍ଠ ଖଳ ଅଭିନେତା ହର ରଥ, ଖଳ ଅଭନେତ୍ରୀ ଉଷଶ୍ରୀ ମିଶ୍ର, ଶ୍ରେଷ୍ଠ ହାସ୍ୟ ଅଭିନେତା ଜୀବନ ପଣ୍ଡା, ଶିଶୁ ଅଭିନେତା ଲତାସା ଖୁରାନାଙ୍କ ନାମ ଘୋଷଣା ହୋଇଛି।

■ ‘ପୁଷ୍କରା’, ‘ଆଶ୍ରମ’ ଓ ‘ମାଇଁ ସ୍ୱିଟ୍ ହାଉସ୍ ୱାଇଫ୍’ ଶ୍ରେଷ୍ଠ ଚଳଚ୍ଚିତ୍ର
■ ବାବୁଶାନ୍, ହରିହର, ନୈନା, ସୁପ୍ରିୟା ଶ୍ରେଷ୍ଠ ଅଭିନେତା-ଅଭିନେତ୍ରୀ




ଶ୍ରେଷ୍ଠ କାହାଣୀକାର ଭାବେ ଅଜୟ ମହାପାତ୍ର, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଦିବ୍ୟଜିତ ସାହୁ, ଶ୍ରେଷ୍ଠ ଗୀତିକାର ଦୁର୍ଗା ମାଧବ ପଣ୍ଡା, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ରୂପକ କୁମାର ପରିଡ଼ା, ଗାୟିକା ଅର୍ପିତା ଚୌଧୁରୀ, ଶ୍ରେଷ୍ଠ ଶିଶୁ ଚଳଚ୍ଚିତ୍ର ‘ଅନୁଭବ’, ଶ୍ରେଷ୍ଠ ପ୍ରମାଣିକ ଚଳଚ୍ଚିତ୍ର ‘ଦଣ୍ଡେ ରହେ-କାହାଣୀ କହେ-ବାହୁନା କନ୍ଦା’, ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର ‘ସିନ୍ଧୁରା’, ଶ୍ରେଷ୍ଠ ସିନେମା ପୁସ୍ତକ ଡ. ରଞ୍ଜନ କୁମାର ରଥଙ୍କ ‘ଇଭୋଲ୍ୟୁସନ୍ ଅଫ୍ ଓଡ଼ିଆ ସିନେମା’ ପୁରସ୍କାର ପାଇଁ ମନୋନୀତ ହୋଇଛି। ତେବେ ୨୦୨୪ ଜବର୍ଷ ପାଇଁ ସ୍ୱତନ୍ତ୍ର ଜୁରୀ ପୁରସ୍କାର ‘ଆଭା’ ଓ ‘ଭଗିଆ ଭାରିଜା’ ନାମ ଘୋଷଣା କରାଯାଇଛି। ଏହି ସାମ୍ବଦିକ ସମ୍ମିଳନୀରେ ବିଭାଗୀୟ ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନସଚିବ ଦେବ ପ୍ରସାଦ ଦାସ, ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା, ଜୁରୀ କମିଟି ଅଧକ୍ଷ ପ୍ରଣବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ପାଇଁ ଶ୍ରେଷ୍ଠ ପାଶ୍ୱର୍ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ଶ୍ରେଷ୍ଠ ଖଳ ଅଭିନେତା ଚୌଧୁରୀ ବିକାଶ ଦାସ, ଶ୍ରେଷ୍ଠ ଖଳ ଅଭିନେତ୍ରୀ ପିଙ୍କି ପ୍ରଧାନ, ଶ୍ରେଷ୍ଠ ହାସ୍ୟ ଅଭିନେତା ସନ୍ତୋଷ କୁମାର କାଣ୍ଡି, ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ ଆଲିଆ ନନ୍ଦ, ଶ୍ରେଷ୍ଠ କାହାଣୀକାର ପିନାକୀ ଶ୍ରୀଚନ୍ଦନ, ଶ୍ରେଷ୍ଠ ସଂଳାପ ଲେଖକ ଭରଦ୍ୱାଜ ପଣ୍ଡା, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକ, ଶ୍ରେଷ୍ଠ ଗୀତିକାର ଡ. ନିର୍ମଳ ନାୟକ, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ବିଷ୍ଣୁ ମୋହନ କବି, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ସମେତ ବିଭିନ୍ନ ବିଭାଗରେ ବିଶିଷ୍ଟ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯିବ। ୨୦୨୩ ବର୍ଷ ନିମନ୍ତେ ସମର୍ପିତା ଦାଶଙ୍କ ‘ଏଇ ଆକାଶ ତଳେ’କୁ ସ୍ୱତନ୍ତ୍ର ଜୁରୀ ପୁରସ୍କାର ଘୋଷଣା କରାଯିବା ସହ ଶ୍ରେଷ୍ଠ ଓଡ଼ିଆ ସିନେମା ପୁସ୍ତକ ଅମିତାଭ ଖିଲାରଙ୍କ ‘ମୋଲୋଗ୍ରାଫ୍’କୁ ଚୟନ କରାଯାଇଛି। ସେହିପରି

# ଏଲ୍ଇଡି ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି: ୩ ଗିରଫ

କଟକ,୨୫।୬(ସମିସ): କେନ୍ଦୁଝର, ନୟାଗଡ଼ ଏବଂ ଯାଜପୁର ଜିଲ୍ଲାରେ ଏଲ୍ଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଇବା କାର୍ଯ୍ୟରେ ପ୍ରାୟ ୩ କୋଟି ଟଙ୍କାର ସରକାରୀ ପାଣ୍ଠି ଆତ୍ମସାତ ଅଭିଯୋଗରେ ଭିଜିଲାନ୍ସ ଆଜି ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ ସମ୍ପୃକ୍ତ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାରିପଦା ପ୍ରଫୁଲ୍ଲ ନଗର କନଭେଣ୍ଟ ଏରିଆ ମେସର୍ସ ଟ୍ରାନ୍ସପାୱାରର ମାଲିକ ଗିରିଜା ଶଙ୍କର ଦାଶ, ଯାଜପୁର ଟାଉନ ଦେବୀଦ୍ୱାର ମେସର୍ସ ବିରଜା ଇଲେକ୍ଟ୍ରିକାଲ ଆଣ୍ଡ କନ୍ଷ୍ଟ୍ରକସନ ମାଲିକ ଧରଣୀଧର ସାହୁ ଓ ଖଣ୍ଡଗିରି ଜୟଦେବ ବାଟିକା ମେସର୍ସ ଯୋଗମାୟା ଟ୍ରେଡର୍ସ ମାଲିକ ବିଭୂତି ରଞ୍ଜନ ବିଶ୍ୱାଳ। ଭିଜିଲାନ୍ସ ସୂଚନା ଅନୁଯାୟୀ, ୨୦୨୧ରୁ ୨୦୨୩ ମଧ୍ୟରେ ପଞ୍ଚମ ରାଜ୍ୟ ଅର୍ଥ କମିସନଙ୍କ ପାଣ୍ଠିରୁ ମିଳିଥିବା ଅନୁଦାନରେ ଏହି ୩ଟି ଜିଲ୍ଲାରେ ଏଲ୍ଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଚୁକ୍ତି ହୋଇଥିଲା। ଉପରୋକ୍ତ ସଂସ୍ଥାଗୁଡିକ ଏହି କାର୍ଯ୍ୟ କରିଥିଲେ। ଏହି ୩ଟି ଜିଲ୍ଲାରେ ପ୍ରାୟ ୧,୦୦୦ଟି କ୍ଲଷ୍ଟର (ପ୍ରତ୍ୟେକ କ୍ଲଷ୍ଟରରେ ୧୦ଟି ଲେଖାଏଁ )ଏଲଇଡି ଲାଇଟ୍ ଲଗାଇବା କାର୍ଯ୍ୟରେ ପ୍ରାୟ ୩ କୋଟି ଟଙ୍କା ହେରଫେର ଓ ସରକାରୀ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଦୁର୍ନୀତି ମାମଲାରେ ଦୁର୍ନୀତି ନିବାରଣ ଆଇନ ଏବଂ ଆଇପିସିର ବିଭିନ୍ନ ଧାରାରେ ଭିଜିଲାନ୍ସ ୩ଟି ମାମଲା ରୁଜୁ କରିଛି। ପ୍ରତ୍ୟେକ କ୍ଲଷ୍ଟରରେ ହୋଇଥିବା କାର୍ଯ୍ୟ ଓ କମ୍ ଲାଇଟ୍ ଲଗାଯାଇଥିବା ସାମଗ୍ରୀର ପ୍ରମାଣ ସଂଗ୍ରହ ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ବୈଷୟିକ ଯାଞ୍ଚ କରାଯାଉଛି। ଅର୍ଥ ମଞ୍ଜୁର ପ୍ରକ୍ରିୟାରେ କେଉଁ କେଉଁ ସରକାରୀ କର୍ମଚାରୀଙ୍କ ହାତ ରହିଛି, ତାହା ଜାଣିବା ପାଇଁ ସମ୍ପୃକ୍ତ ସମସ୍ତ ସରକାରୀ ନଥିପତ୍ର ଜବତ କରାଯାଇଛି। ଏହି ଘଟଣାରେ ଭିଜିଲାନ୍ସ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେଡିରେ ସୁଜାତା...

ସେମାନଙ୍କୁ ସହଯୋଗ ପାଇଁ କାମ କରିବେ। ମୁଁ ତାଙ୍କୁ ପୁଣି ଥରେ ବିଜୁ ଜନତା ଦଳକୁ ସ୍ୱାଗତ କରୁଛି। ଆସନ୍ତା ୨୦୨୯ ସାଧାରଣ ନିର୍ବାଚନ ତାଙ୍କ ନେତୃତ୍ୱରେ ଦଳ ଲଢ଼ିବ ବୋଲି ନବୀନ ଦଳୀୟ ନେତା ଓ କର୍ମୀଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି ଯେ ସମସ୍ତଙ୍କ ସୂଚନା ପାଇଁ ମୁଁ ଦୋହରାଇବାକୁ ଚାହୁଁଛି ଯେ ଆଗାମୀ ସାଧାରଣ ନିର୍ବାଚନରେ ମୁଁ ଦଳର ନେତୃତ୍ୱ ନେବି। ରାଜ୍ୟବାସୀଙ୍କ ଆଶୀର୍ବାଦରେ ଆମେ ଏକ ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ କାର୍ଯ୍ୟ କରିବା ବୋଲି ନବୀନ ଏହି ଅବସରରେ କହିଛନ୍ତି। ଦଳରେ ଯୋଗଦାନ ପରେ ଦଳୀୟ ନେତା ଓ କର୍ମୀମାନେ ସୁଜାତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ କରିଛନ୍ତି। ଏହି ଅବସରରେ ଦଳର ସମସ୍ତ ସାଂସଦ, ବିଧାୟକ, ବରିଷ୍ଠ ନେତା ଓ ନେତ୍ରୀ ଉପସ୍ଥିତ ଥିଲେ।

### ଦଳ ପାଇଁ...

ସେ କହିଛନ୍ତି ଯେ ନବୀନ ପଟ୍ଟନାୟକ ହେଉଛନ୍ତି ମୋର ପ୍ରେରଣା। ୨୦୦୧ରେ ପ୍ରୋବେସନର ଅଫିସର ଭାବରେ କାର୍ଯ୍ୟ କରୁଥିବା ସମୟରେ ଓଡ଼ିଶାରେ ବନ୍ୟା ହୋଇଥିଲା। ଆମକୁ ସେତେବେଳେ ଆଠମଲ୍ଲିକ ଯାଇ ବନ୍ୟା ସମ୍ପର୍କରେ ରିପୋର୍ଟ କରିବାକୁ କୁହାଯାଇଥିଲା।

ଆମେ ରିପୋର୍ଟଟିକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ଉପସ୍ଥାପନ କରିଥିଲୁ। ସେହି ସମୟରେ ସାର୍ଙ୍କ ସହ ମୋର ପ୍ରଥମ ସାକ୍ଷାତ ହୋଇଥିଲା। ସେତେବେଳେ ସେ ବେଶ୍ ଗମ୍ଭୀରତାର ସହ ରିପୋର୍ଟକୁ ଅନୁଧ୍ୟାନ କରିଥିଲେ ଓ ଏ ସଂକ୍ରାନ୍ତରେ ଅନେକ ପ୍ରଶ୍ନ କରିଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡ଼େଲ ଜାତିସଂଘର ଦୃଷ୍ଟି ଆକର୍ଷଣ କଲା। ବିପର୍ଯ୍ୟୟ ପରିଚାଳନାରେ ସାରା ବିଶ୍ୱରେ ଓଡ଼ିଶା ମଡ଼େଲ ଗ୍ରହଣୀୟ ହେଲା, ଏଥିପାଇଁ ଜାତିସଂଘ ଓଡ଼ିଶାକୁ ସମ୍ମାନିତ କରିଥିଲା। ବିପର୍ଯ୍ୟୟ ସମୟରେ କିପରି ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା କରାଯାଇପାରେ, ତାହା ଓଡ଼ିଶାଠାରୁ ଶିଖିବା ଆବଶ୍ୟକ ବୋଲି ନ୍ୟୁୟର୍କ ଟାଇମ୍ସରେ ଖବର ପ୍ରକାଶିତ ହୋଇଥିଲା। ସେ ପୁଣି କହିଛନ୍ତି ଯେ ୨୦୦୫-୦୬ରେ ମୁଁ ସୁନ୍ଦରଗଡର ଜିଲ୍ଲାପାଳ ଥିବା ସମୟରେ ପିଲାମାନଙ୍କ ପୁଷ୍ଟି ସାଧନ ନିମନ୍ତେ ମଧ୍ୟାହ୍ନ ଭୋଜନରେ ଅଣ୍ଡା ପ୍ରଦାନ କରିବାକୁ ଆମେ ସେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରସ୍ତାବ ଦେଇଥିଲୁ। ସାର ସେତେବେଳେ ତୁରନ୍ତ ମଞ୍ଜୁରୀ ଦେଇଦେଇଥିଲେ ଆଉ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକ୍ର ଗୋଟିଏ ସ୍କୁଲରେ ତାହାର ଉଦ୍‌ଘାଟନ କରିଥିଲେ। ସାର ସେତେବେଳେ ଆମକୁ କହିଥିଲେ କି ପିଲାମାନେ ହେଲେ ଓଡ଼ିଶାର ଭବିଷ୍ୟତ, ସବୁବେଳେ ତାଙ୍କୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଛୋଟ ଛୋଟ ସ୍କୁଲ ପିଲାମାନେ, ତାଙ୍କର ଆଦର ଆଉ ସ୍ନେହ ମୁଁ ଦେଖିଥିଲି। ସାର୍ ସେମିତି ‘ମମତା’ ଯୋଜନା ଆରମ୍ଭ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗରେ କାର୍ଯ୍ୟ କରିବା ସମୟରେ ଦିନେ ସାର୍ ଆମକୁ ଡ଼ାକିଲେ। ବାହାରେ କାର୍ଯ୍ୟ କରୁଥିବା ମହିଳାମାନଙ୍କର ମାତୃତ୍ୱ ଅବକାଶ କଥା ଉଲ୍ଲେଖ କରି ଗାଁରେ ରହିଥିବା ମହିଳାମାନଙ୍କ ପାଇଁ ଅନୁରୂପ ଯୋଜନା କିଛି ଅଛି କି ନାହିଁ ଆମକୁ ପ୍ରଶ୍ନ କରିଥିଲେ। ସଙ୍ଗେ ସଙ୍ଗେ ଆମେ ଏକ ଡ୍ରାଫ୍ଟ ପ୍ରସ୍ତୁତ କରି ତାଙ୍କ ନିକଟରେ ଉପସ୍ଥାପନ କଲୁ। ମାତୃତ୍ୱ ସୁରକ୍ଷା ପାଇଁ କିଛି ଏଲିଜିବିଲିଟି ଦରକାର ନାହିଁ, ଦୁଇଟି ପିଲାର କଟକଣା ଦରକାର ନାହିଁ ବୋଲି ଉଲ୍ଲେଖ କରି ତାହାକୁ ସାର୍ ଅନୁମୋଦନ କରିଥିଲେ। ଏଇଠୁ ହିଁ ଆରମ୍ଭ ହୋଇଥିଲା ‘ମମତା’ ଯୋଜନା । ଜାତୀୟସ୍ତରରେ ମାତୃତ୍ୱ ସୁରକ୍ଷା ଯୋଜନା ପ୍ରଣୟନ ସମୟରେ ଦିଲ୍ଲୀର ଅଧିକାରୀମାନେ ଓଡ଼ିଶା ଆସି ଏହାକୁ ଅନୁଧ୍ୟାନ କରିଥିଲେ ବୋଲି ସୁଜାତା କହିଛନ୍ତି ।

ସେ କହିଛନ୍ତି ଯେ ଓଡ଼ିଶାରେ ଶିଶୁ ମୃତ୍ୟୁହାର ଏବଂ ମାତୃ ମୃତ୍ୟୁହାର କମ ହେବା ପଛରେ ରହିଛି ନବୀନ ପଟ୍ଟନାୟକଙ୍କର ଅଭିନବ ଏବଂ ସମ୍ବେଦନଶୀଳ ଯୋଜନା। ସାର ନିଜ ବ୍ୟକ୍ତିତ୍ୱ ମାଧ୍ୟମରେ ଆମକୁ ବାରମ୍ବାର ଅନୁପ୍ରେରିତ କରିଛନ୍ତି। ମିଶନ ଶକ୍ତି ପରି ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ପଛରେ ରହିଛି ନବୀନ ପଟ୍ଟନାୟକଙ୍କ ପ୍ରେରଣା। ଦଳର ଲକ୍ଷ ଲକ୍ଷ କର୍ମୀମାନଙ୍କ କାମ, ତ୍ୟାଗ, ବଳିଦାନ, ଦଳର ନେତୃବୃନ୍ଦଙ୍କର କଠିନ ପରିଶ୍ରମ ଓ ଦଳର ନେତା ନବୀନ ପଟ୍ଟନାୟକଙ୍କ ପାଇଁ ବିଜେଡି ଆଜି କୋଟିକୋଟି ଓଡ଼ିଶାବାସୀଙ୍କ ହୃଦୟରେ ସ୍ଥାନ ପାଇଛି। ମୁଁ ଆଜି ଏଇ ବିଶାଳ ପରିବାରରେ ମିଶିଲି ଏବଂ ସବୁବେଳେ ସମସ୍ତଙ୍କ ସାଙ୍ଗରେ ମିଶିକି କାମ କରିବା ପାଇଁ ଚେଷ୍ଟା କରିବି । ଗୋଟେ ସାଧାରଣ ମଧ୍ୟମ ବର୍ଗ ପରିବାରର, ଗୋଟେ ସାଧାରଣ ଝିଅଟି ଆଇଏଏସ ହବାର ସ୍ୱପ୍ନ ଦେଖିଥିଲା। ଶ୍ରୀ ଜଗନ୍ନାଥଙ୍କ କୃପାରୁ ଏଇ ସ୍ୱପ୍ନ ବି ସାକାର ହେଲା। ମତେ ସୁଯୋଗ ମିଳିଲା ମୋ ନିଜ ମାତୃଭୂମିରେ କାମ କରିବା ପାଇଁ। ଶ୍ରୀ ଜଗନ୍ନାଥ ମୋତେ ନବୀନ ପଟ୍ଟନାୟକଙ୍କ ଅଧିନରେ କାମ କରିବାକୁ ସୁଯୋଗ ଦେଇଥିଲେ ବୋଲି ଶ୍ରୀମତୀ ରାଉତ କହିଛନ୍ତି।

## ସରକାରଙ୍କ ଉପରେ ବର୍ଷିଲେ ପଓ୍ୱନ ଖେରା

# ଏୟାର ଫୋର୍ସ ବ୍ୟବହାର ଅପାରଗତାର ସାର୍ଟିଫିକେଟ

ଭୁବନେଶ୍ୱର,୨୫।୬(ସମିସ): ବିଜେପି ସରକାରରେ ବିଗତ ୧୦ ବର୍ଷରେ ୯୦ ଥର ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ଏହାଦ୍ୱାରା ୭ କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦିଆଯାଇଛି। ପ୍ରଧାନମନ୍ତ୍ରୀ ପରୀକ୍ଷା ପେ ଚର୍ଚ୍ଚା କରୁଛନ୍ତି; ହେଲେ ପରୀକ୍ଷା କିଭଳି କରାଯାଏ ସରକାରଙ୍କୁ ଜଣାନାହିଁ ବୋଲି କହି କେନ୍ଦ୍ର ବିଜେପି ସରକାର ଉପରେ ବର୍ଷିଛନ୍ତି ରାଜ୍ୟସଭା ସାଂସଦ ତଥା ଏଆଇସିସି ଗଣମାଧ୍ୟମ ବିଭାଗ ଅଧକ୍ଷ ପଓ୍ୱନ ଖେରା।

ଗୁରୁବାର ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଖେରା ଓଡ଼ିଶଆରେ କଂଗ୍ରେସର ‘ଛାତ୍ରୋଂକି ଗୁଞ୍ଜ’ ଅଭିଯାନର ଶୁଭାରମ୍ଭ କରି କହିଛନ୍ତି, ବର୍ତ୍ତମାନ ନିଟ-ଲିକ-ରିପିଟ ଏକ ପରମ୍ପରା ହୋଇ ଗଲାଣି। ଯୁବପିଢ଼ିଙ୍କ ଭବିଷ୍ୟତ ଉପରେ ସମସ୍ତ ରାଜନୈତିକ ଦଳ ଏକଜୁଟ ହେବାର ଆବଶ୍ୟକତାଅଛି। କୋଟାରେ ଛାତ୍ରଙ୍କ ଆକ୍ରୋଶ ଦେଖିବାକୁ ମିଳିଲା। ସାରା ଦେଶରେ ଛାତ୍ର ସମାଜରେ ଗଭୀର ଆକ୍ରୋଶ ଦେଖାଯାଇଛି। ଯଦି ଠିକଣା ସମୟରେ ପଦକ୍ଷେପ ନିଆ ନ’ ଯାଏ ତେବେ ଦେଶର ବହୁତ କ୍ଷତି ଘଟିବ ବୋଲି ଶ୍ରୀ ଖେରା ସରକାରଙ୍କୁ ଚେତାଇ ଦେଇଛନ୍ତି।

ଦେଶରେ ଆଜି ଏକାସଙ୍ଗେ ୨୮ଟି ସହରରେ ଏଆଇସିସି ପକ୍ଷରୁ ଏହି ଅଭିଯାନ ସମ୍ପରକରେ ସାମ୍ବାଦିକ ସମ୍ମିଳନୀ କରାଯାଉଥିବା ବେଳେ ସମସ୍ତ ବରିଷ୍ଠ ନେତାମାନେ




ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରୁଛନ୍ତି। ସେ ଆହୁରି କହିଛନ୍ତି, ପୂରା ବିଶ୍ୱରେ ଛାତ୍ରଙ୍କ ପରୀକ୍ଷା ପାଇଁ ଏୟାର ଫୋର୍ସ ଓ ସେନାବାହିନୀର ବ୍ୟବହାର ଆପଣ କେବେ କେହି ଦେଖି ନ ଥିବେ। ଏହା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅପାରଗତାର ସାର୍ଟିଫିକେଟ ବୋଲି କହି ସେ ସରକାରଙ୍କୁ ସମାଲୋଚନା କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଛାତ୍ରୋଂ କି ଗୁଞ୍ଜ ଅଭିଯାନ ପୋଷ୍ଟର ଉନ୍ମୋଚିତ ହୋଇଥିଲା।

ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ପାଢ଼ୀ (କୋକୋ) କହିଥିଲେ, ଆଜିଠାରୁ ଦୀର୍ଘ ୪୦ ଦିନ ଧରି କଂଗ୍ରେସ ଭୁବନେଶ୍ୱରର ପ୍ରତ୍ୟେକ କୋଚିଂ ସେଣ୍ଟର, ଶିକ୍ଷାନୁଷ୍ଠାନ ଆଦିକୁ ଯାଇ ଛାତ୍ରଙ୍କ ଅସୁବିଧା ଓ ସମସ୍ୟା ଆଦି ବୁଝିବ ଓ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ। ଏହି ଛାତ୍ରୋଂ କି ଗୁଞ୍ଜ କାର୍ଯ୍ୟକ୍ରମକୁ ପିସିସି ଗଣମାଧ୍ୟମ ଅଧକ୍ଷ ଅରବିନ୍ଦ ଦାସ ସଞ୍ଚାଳନ କରିଥିବାବେଳେ ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, କୋକୋ ପାଢ଼ୀ, ସ୍ମୃତି ରଞ୍ଜନ ଲେଙ୍କା ଉପସ୍ଥିତ ଥିଲେ। ସୂଚନା ଥାଉ କି, ନିଟ୍ ପ୍ରଶ୍ନପତ୍ର ପ୍ରଘଟ, ସିବିଏସ୍‌ସି ମୂଲ୍ୟାୟନ ବିଭ୍ରାଟ ତଥା

**୧୦ ବର୍ଷରେ ୯୦ ଥର ପ୍ରଘଟ ହୋଇଛି ପ୍ରଶ୍ନପତ୍ର**
**କଂଗ୍ରେସର ‘ଛାତ୍ରୋଂକି ଗୁଞ୍ଜ’ ଅଭିଯାନ ଶୁଭାରମ୍ଭ**

ବାରମ୍ବାର ବିଭିନ୍ନ ପରୀକ୍ଷାରେ ଅନିୟମିତତା, ପ୍ରଶ୍ନପତ୍ର ଲିକ୍ ପାଇଁ ଦେଶରେ ଛାତ୍ର ଆକ୍ରୋଶ ଦେଖାଯାଉଛି। ସେଇ ପରିପ୍ରେକ୍ଷୀରେ କଂଗ୍ରେସ ତଥା ବିପକ୍ଷ ନେତା ରାହୁଲ ଗାନ୍ଧୀଙ୍କ ଛାତ୍ରୋଂକି ଗୁଞ୍ଜ ଅଭିଯାନ ଆରମ୍ଭ ହୋଇ ଦେଶ ସାରା କଂଗ୍ରେସ ଛାତ୍ରଙ୍କ ପାଖକୁ ଯାଇ ସମସ୍ୟା ବୁଝୁଛି ବୋଲି ଦଳ ପକ୍ଷରୁ କୁହାଯାଇଛି।

■ ମହିଳା ପୁଲିସ ଏସଆଇଙ୍କୁ ଚାକିରିରୁ ବହିଷ୍କାର ପ୍ରସଂଗ

# ରାଜ୍ୟ ସରକାରଙ୍କ ଆବେଦନ ଖାରଜ

କଟକ,୨୫।୬(ସମିସ): ଜଣେ ମହିଳା ପୁଲିସ ସବ୍‌ଇନ୍ସପେକ୍ଟରଙ୍କୁ ଚାକିରିରୁ ବହିଷ୍କାର ପ୍ରସଂଗରେ ରୁଜୁ ମାମଲାର ଶୁଣାଣି କରି ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ। ଜଣିକିଆ ବିଚାରପତିଙ୍କ ଗତ ୨୦୨୫, ସେପ୍ଟେମ୍ବର ୨୫ର ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ଓ ପୁଲିସ ବିଭାଗ ପକ୍ଷରୁ ଦାୟର ରିଟ୍ ଅପିଲକୁ ମୁଖ୍ୟବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରି ଦେଇଛନ୍ତି। ପ୍ରକାଶଥାଉକି, ପ୍ରତିପକ୍ଷ ସାଗରିକା ପରିଡା ଗତ ୨୦୧୭ରେ ପୁଲିସ ଏସଆଇ ନିଯୁକ୍ତି ପାଇଥିଲେ। ଏରସମା ଥାନାରେ ତିନୋଟି ଫୌଜଦାରୀ ମାମଲା ଅତୀତରେ ପଞ୍ଜିକୃତ ହୋଇଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତ ତଥ୍ୟ ଦାଖଲ କରି ନଥିବା ଅଭିଯୋଗରେ ତାଙ୍କୁ ୨୦୨୦ ନଭେମ୍ବର ୧୨ରେ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ଏପରି ନିର୍ଦ୍ଦେଶ ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଣିକିଆ ବିଚାରପତି ଗତ ୨୦୨୦, ନଭେମ୍ବର ୧୨ର ବହିଷ୍କାର ନିର୍ଦ୍ଦେଶକୁ ରଦ୍ଦ କରିବା ସହିତ ତାଙ୍କୁ ଚାକିରିରେ ପୁନଃଅବସ୍ଥାପିତ କରି ଆର୍ଥିକ ଓ ଚାକିରି ସଂପର୍କିତ ସୁବିଧା ପ୍ରଦାନ ପାଇଁ ୨୦୨୫, ସେପ୍ଟେମ୍ବର ୨୫ରେ ଆଦେଶ ଦେଇଥିଲେ। ଅନ୍ୟପକ୍ଷରେ ଏକ ତଦନ୍ତ ରିପୋର୍ଟରୁ ପ୍ରତିପକ୍ଷ ଫୌଜଦାରୀ ମାମଲା ସଂକ୍ରାନ୍ତରେ ଅବଗତ ନଥିବା ସ୍ପଷ୍ଟ ହୋଇଥିଲା।

# ଟାଇମ୍ସ ହାୟର ଏଜୁକେସନ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଙ୍ଗରେ କିସ୍‌ର ପ୍ରଭାବୀ ପ୍ରଦର୍ଶନ

ଭୁବନେଶ୍ୱର,୨୫।୬(ସମିସ):ଟାଇମ୍ସ ହାୟର ଏଜୁକେସନ୍ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଙ୍ଗ୍-୨୦୨୬ରେ ଭାରତର ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିସ୍ ପ୍ରଭାବୀ ପ୍ରଦର୍ଶନ କରିଛି। କିସ୍ ବିଶ୍ୱବିଦ୍ୟାଳୟ ଚଳିତବର୍ଷ ପ୍ରଥମ ଥର ପାଇଁ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଙ୍ଗରେ ଅଂଶଗ୍ରହଣ କରି ୪୦୧–୬୦୦ ଗ୍ଲୋବାଲ୍ ବ୍ୟାଣ୍ଡରେ ସ୍ଥାନ ପାଇ ରାଜ୍ୟର ଗୌରବ ଆଣିଛି। ଏହା ସହ ଭାରତରେ ସାମଗ୍ରିକ ଭାବରେ ୭ମ ସ୍ଥାନ ହାସଲ କରିଛି। ପ୍ରଥମ ଥର ପାଇଁ ଏହି ପ୍ରତିଷ୍ଠିତ ଗ୍ଲୋବାଲ୍ ରାଙ୍କିଙ୍ଗରେ ଅଂଶଗ୍ରହଣ କରି କିସ୍ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ରେ ସ୍ୱୀକୃତି ପାଇଛି। ଏହି ତାଲିକାର ଗୁଣାତ୍ମକ ଶିକ୍ଷା ବର୍ଗରେ କିସ୍ ବିଶ୍ୱ ରାଙ୍କର ୯୦ ସ୍ଥାନରେ ରହିଥିବା ବେଳେ ଲିଙ୍ଗ ସମାନତାରେ ୬୦ ସ୍ଥାନ ହାସଲ କରିଛି। ସେହିପରି ଦାରିଦ୍ର୍ୟ ଦୂରୀକରଣରେ ୧୦୧–୨୦୦ ଗ୍ଲୋବାଲ୍ ବ୍ୟାଣ୍ଡରେ ସ୍ଥାନ ପାଇଥିବା ବେଳେ ଅସମାନତା ହ୍ରାସ ପାଇଁ ୪୦୧–୬୦୦ ବ୍ୟାଣ୍ଡରେ ମଧ୍ୟ ସ୍ଥାନ ପାଇଛି। ଜନଜାତି ଓ ଅବହେଳିତ ଛାତ୍ରଛାତ୍ରୀଙ୍କୁ ବିନାଦେୟରେ ସାମଗ୍ରିକ ଶିକ୍ଷା ପ୍ରଦାନ କରି ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ କିସ୍‌ର ଦୀର୍ଘକାଳୀନ ପ୍ରତିବଦ୍ଧତା ପାଇଁ ଏହି ରାଙ୍କିଙ୍ଗ ପ୍ରଦାନ କରାଯାଇଛି। ଏଥିରେ



ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି କିସ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଇମ୍ପାକ୍ଟ ରାଙ୍କିଙ୍ଗ୍‌ରେ ଚମତ୍କାର ପ୍ରଦର୍ଶନ କରିଛି। ଏହି ମାନ୍ୟତା ଅନ୍ତର୍ଭୁକ୍ତି ଶିକ୍ଷା, ସାମାଜିକ ପରିବର୍ତ୍ତନ ଏବଂ ସ୍ଥାୟୀ ବିକାଶ ପ୍ରତି କିସ୍ ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି।

# ହାତୀ ଆକ୍ରମଣରେ ଜଣେ ମୃତ

ସମ୍ବଲପୁର, ୨୫।୬ (ସମିସ) : ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ୍ ଅଞ୍ଚଳରେ ପୁଣି ହାତୀ ଆକ୍ରମଣରେ ଏକ ଜୀବନ ଯାଇଛି। ମୃତକ ହେଲେ ଯୁଯୋମୁରା ବ୍ଲକ୍ କଂସର ପଞ୍ଚାୟତ ଭୀମଖୋଜ ଗ୍ରାମର ମହେନ୍ଦ୍ର ନାଏକ (୪୬)। ସୂଚନା ଅନୁଯାୟୀ, ମହେନ୍ଦ୍ର ଗୁରୁବାର ସକାଳ ପ୍ରାୟ ସାଢ଼େ ୯ଟାବେଳେ ନିଜର ଜଣେ ସମ୍ପର୍କୀୟଙ୍କ ସହିତ କାଠ ସଂଗ୍ରହ କରିବା ପାଇଁ ଭୀମଖୋଜ ପାଶ୍ୱର୍ବର୍ତ୍ତୀ ବଗର୍ତ୍ତୀକଟା (ପୋଖରୀ) ପାଖାପାଖି ଜଙ୍ଗଲ ଅଞ୍ଚଳକୁ ଯାଇଥିଲେ। ଓରାମପଡ଼ା ଠାରେ ହଠାତ୍ ହାତୀ ଆସି ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ସମ୍ପର୍କୀୟ ଦୌଡ଼ି ପଳାଇବାକୁ ସକ୍ଷମ ହୋଇଥିବାବେଳେ ହାତୀ ମହେନ୍ଦ୍ରଙ୍କୁ ଶୁଣ୍ଢରେ ଉଠାଇ କଚାଡ଼ି ଦେଇଥିବା କୁହାଯାଉଛି। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ତୁରନ୍ତ ବନବିଭାଗ କର୍ମଚାରୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ଶବ ଜବତକରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଯୁଯୋମୁରା ଥାନା ଅଧିକାରୀ ଅନିମା ଏକ୍କା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବନବିଭାଗ ପକ୍ଷରୁ ନିୟମାନୁଯାୟୀ କ୍ଷତିପୂରଣ ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ମେ’ ୬ ତାରିଖ ଯୁଯୋମୁରା ବ୍ଲକ୍ ପଡ଼ିଆବାହାଲ ରେଞ୍ଜ ବେହେରାମାଲ ସେକ୍ସନ ଅଧୀନ ପତରଫଡ଼ି ନିକଟରେ ଶୌଚ ପାଇଁ ଯାଇଥିବାବେଳେ ହାତୀ ଆକ୍ରମଣରେ ବେହେରାମାଲ, ଟାମ୍ପରଗଡ଼ର ଶ୍ରୀଧର ବେହେରା (୩୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହାପରେ ମେ’ ୨୨ ତାରିଖ ସଦର ରେଞ୍ଜ ବସିଆପଡ଼ା ସେକ୍ସନରେ ଜାଳେଣି କାଠ ସଂଗ୍ରହ କରିବା ପାଇଁ ଜଙ୍ଗଲକୁ ଯାଇଥିବା ଇଚ୍ଛାପାଲି ଗାଁର ଶୁକ୍ରୁ ପୁଟ୍ଟା (୫୮) ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ। ଏହାପରେ ଜୁନ୍ ୩ ତାରିଖରେ ସଦରରେଞ୍ଜ ବସିଆପଡ଼ା ସେକ୍ସନ କୁମେର ବିଟ୍ ଅଧୀନ ବୀରସିଂଗଡ଼ ପଞ୍ଚାୟତ କୁମେର ଗ୍ରାମର ଲବ ଭୋଇ (୨୪) ଶୌଚ ପାଇଁ ଯାଇଥିବାବେଳେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିଲେ।

## ‘ମହାପ୍ରଭୁ ଜଗନ୍ନାଥ’ ଆନିମେସନ ଫିଲ୍ମ

# ଆପତ୍ତି ଉଠାଇଲେ ଗଜପତି ମହାରାଜା

ପୁରୀ,୨୫।୬(ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ତିଆରି ହେଉଥିବା ଏକ ଆନିମେସନ ଚଳଚ୍ଚିତ୍ରକୁ ନେଇ ଏବେ ବିବାଦ ଦେଖାଦେଇଛି। ଭୁବନେଶ୍ୱରର ‘ଏଲି ଆନିମେସନ୍ସ ପ୍ରାଇଭେଟ୍ ଲିମିଟେଡ୍’ ଦ୍ୱାରା ନିର୍ମିତ ଏବଂ ଆସନ୍ତା ଜୁଲାଇ ୧୦ରେ ପ୍ରେକ୍ଷାଳୟକୁ ଆସିବାକୁ ଥିବା ‘ମହାପ୍ରଭୁ ଜଗନ୍ନାଥ’ ଚଳଚ୍ଚିତ୍ରର ମୁକ୍ତିଲାଭ ଉପରେ ରୋକ୍ ଲଗାଇବାକୁ ଅପିଲ୍ କରିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ସୋସିଆଲ ମିଡିଆରେ ବୁଲୁଥିବା ଏହି ଫିଲ୍ମର ଅଫିସିଆଲ୍ ଟ୍ରେଲରକୁ ଦେଖିବା ପରେ ଗଜପତି ମହାରାଜା ନିଜର ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ତାଙ୍କ କହିବା ଅନୁଯାୟୀ, ଚଳଚ୍ଚିତ୍ରରେ ମହାପ୍ରଭୁଙ୍କର ଏକ ସମ୍ପୂର୍ଣ୍ଣ ମନଗଢ଼ା ଓ କାଳ୍ପନିକ କାହାଣୀ ପ୍ରଦର୍ଶନ କରାଯାଇଛି, ଯାହା ଆମର ପବିତ୍ର ଶାସ୍ତ୍ର ସହିତ ଆଦୌ ମେଳ ଖାଉନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମାର ପ୍ରଚାର ସର୍ବଦା ମହର୍ଷି ବ୍ୟାସଦେବଙ୍କ ଦ୍ୱାରା ରଚିତ ପବିତ୍ର ଶାସ୍ତ୍ର ଓ ପୁରାଣ ଅନୁସାରେ ହିଁ ହେବା ଉଚିତ୍। ଏଭଳି ବିକୃତ ଏବଂ କାଳ୍ପନିକ ଉପସ୍ଥାପନା ଦ୍ୱାରା ସାରା ବିଶ୍ୱରେ ଥିବା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଧାର୍ମିକ ଅନୁଭୂତି ଓ ଭାବନାକୁ ଗଭୀର ଆଘାତ ପହଞ୍ଚିବ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟି ଦ୍ୱାରା ଏହି ଚଳଚ୍ଚିତ୍ରର ସମସ୍ତ ବିଷୟବସ୍ତୁ ସଠିକ୍ ଭାବେ ଯାଞ୍ଚ ନ ହେବା ପର୍ଯ୍ୟନ୍ତ ଏହାର ରିଲିଜ୍‌କୁ ସିନେମା ହଲ୍ କିମ୍ବା କୌଣସି ଡିଜିଟାଲ୍/ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ସ୍ଥଗିତ ରଖାଯାଉ। ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଏବଂ ଏହାର ଶୁଦ୍ଧତା ବଜାୟ ରଖିବା ପାଇଁ ଗଜପତି ମହାରାଜା ପ୍ରଯୋଜନା ସଂସ୍ଥାକୁ ତୁରନ୍ତ ଏହି ପଦକ୍ଷେପ ନେବାକୁ ଆହ୍ୱାନ କରିଛନ୍ତି। ଅନ୍ୟପକ୍ଷରେ ଗଜପତି ମହାରାଜାଙ୍କ ଉଦ୍‌ବେଗ ପରେ ପ୍ରଯୋଜନା ସଂସ୍ଥା ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସ୍ପଷ୍ଟୀକରଣ ରଖିଛି। ସଂସ୍ଥା ପକ୍ଷରୁ କୁହାଯାଇଛି, ଗଜପତି ମହାରାଜାଙ୍କ ଦ୍ୱାରା ଉଠାଯାଇଥିବା ସମସ୍ତ ପ୍ରସଙ୍ଗ ଓ ଉଦ୍‌ବେଗକୁ ଆମ ସଂସ୍ଥା ସର୍ବାଧିକ ସମ୍ମାନ ଜଣାଇଛି। ମହାପ୍ରଭୁଙ୍କ ପ୍ରଥମ ସେବକ ଭାବେ ଗଜପତି ମହାରାଜାଙ୍କ ଆଜୀବନ ଭକ୍ତି, ଜ୍ଞାନ ଓ ଗଭୀର ସାଂସ୍କୃତିକ ଉତ୍ତରଦାୟିତ୍ୱ ସମସ୍ତଙ୍କ ପାଇଁ ଏକ ପଥପ୍ରଦର୍ଶକ ଆଲୋକ ଏବଂ ପ୍ରେରଣାର ଉତ୍ସ। ଗଜପତିଙ୍କ ଅନୁମତି କ୍ରମେ ହେବ ସ୍ୱତନ୍ତ୍ର ସ୍କ୍ରିନିଂ। ଗଜପତି ମହାରାଜାଙ୍କ ସହ ଏହି ବିଷୟରେ ଅଧିକ ଆଲୋଚନା କରାଯାଇଛି। ତାଙ୍କ ଅନୁମତି କ୍ରମେ ଏବଂ ତାଙ୍କ ସମୟ ସୁବିଧା ଅନୁଯାୟୀ ଚଳଚ୍ଚିତ୍ରର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜନ କରାଯିବ। ଏହାପରେ ଚଳଚ୍ଚିତ୍ର ରିଲିଜ୍ ନେଇ ନିଷ୍ପତ୍ତି ନିଆଯିବ।

# ପୁରୀରେ ନିର୍ମାଣ ହେବ ୧୦୦୦ ଆସନ ବିଶିଷ୍ଟ ଅତ୍ୟାଧୁନିକ ସମ୍ମିଳନୀ କେନ୍ଦ୍ର

ଭୁବନେଶ୍ୱର,୨୫।୬(ସମିସ):ପବିତ୍ର ଶ୍ରୀକ୍ଷେତ୍ର ପୁରୀର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ବଡ଼ ଘୋଷଣା କରିଛନ୍ତି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର। ପୁରୀକୁ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଏବଂ ବୃହତ ଜନସମାବେଶ ପାଇଁ ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ସେଠାରେ ୧୦୦୦ ଆସନ ବିଶିଷ୍ଟ ଏକ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର ନିର୍ମାଣ କରାଯିବ। ବିଭାଗ ପକ୍ଷରୁ ‘ବିକଶିତ ଓଡ଼ିଶା ପାଇଁ ଜନ ଭାଗିଦାରୀ: ସଶକ୍ତ ନାଗରିକ-ସମାବେଶୀ ସହର-ସ୍ଥାୟୀ ସହରାଞ୍ଚଳ ଭବିଷ୍ୟତ’ ଅଭିମୁଖ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ଏହି କେନ୍ଦ୍ରରେ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ, ଶିକ୍ଷାଗତ ତଥା ବୃତ୍ତିଗତ ଆଲୋଚନାଚକ୍ର, ସାଂସ୍କୃତିକ ମହୋତ୍ସବ, ସରକାରୀ କାର୍ଯ୍ୟକ୍ରମ ଏବଂ ସାମାଜିକ ସମାବେଶ ଆଦି ଆୟୋଜନ ସହ ପୁରୀରେ ଏକ ବୃହତ ଓ ଆଧୁନିକ ପ୍ରେକ୍ଷାଳୟର ବହୁ ପ୍ରତୀକ୍ଷିତ ଆବଶ୍ୟକତା ପୂରଣ ହେବ। ଏହି ପ୍ରକଳ୍ପର ଶୀଘ୍ର ରୂପାୟନ ପାଇଁ ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଏବଂ ପ୍ରାଥମିକ ପ୍ରସ୍ତୁତି କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରିବାକୁ ମନ୍ତ୍ରୀ, ପୁରୀ ମହାନଗର ନିଗମର କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାର ବିଭିନ୍ନ ପୌରସଂସ୍ଥା ଗୁଡ଼ିକରେ ପର୍ଯ୍ୟାୟକ୍ରମେ ଏଭଳି ବହୁମୁଖୀ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରୁଥିବା ମନ୍ତ୍ରୀ ସୂଚନା ଦେବା ସହ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏକ ପ୍ରମୁଖ ଜନ କଲ୍ୟାଣକାରୀ ଭିତ୍ତିଭୂମି ଭାବେ ଉଭା ହେବ, ଯାହା ପୁରୀର ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନ ଗୌରବକୁ ଆହୁରି ବଢ଼ାଇବ ବୋଲି ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି।

**ପୌରସଂସ୍ଥା ଗୁଡ଼ିକରେ ପର୍ଯ୍ୟାୟକ୍ରମେ ଏଭଳି ବହୁମୁଖୀ ଭିତ୍ତିଭୂମି ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ**

● ଜନଗଣନା କର୍ମଚାରୀଙ୍କ ବଦଳି ଆଦେଶରେ ଅନ୍ତରୀଣ ସ୍ଥଗିତାଦେଶ

# ରାଜ୍ୟ ସରକାରଙ୍କୁ ଜବାବ ତଲବ

କଟକ,୨୫।୬(ସମିସ): ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବା ସରକାରୀ କର୍ମଚାରୀଙ୍କ ବଦଳି ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ବଦଳି ନିର୍ଦ୍ଦେଶ ଉପରେ ଅନ୍ତରୀଣ ରୋକ ଲଗାଇଛନ୍ତି ହାଇକୋର୍ଟ। ଭବାନୀ ଶଙ୍କର ବେହେରାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଦଳି ଆଦେଶକୁ ସ୍ଥଗିତ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହି ମାମଲାରେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସରକାରଙ୍କ ନିକଟରୁ ଜବାବ ମାଗିଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ ଭବାନୀ ଶଙ୍କର ବେହେରା ଜନଗଣନା ଦାୟିତ୍ୱରେ ଥିବା ସମୟରେ ଗତ ଜୁନ୍ ୧୨ରେ ତାଙ୍କୁ ମୟୂରଭଞ୍ଜରୁ କେନ୍ଦୁଝରକୁ ବଦଳି କରାଯାଇଥିଲା। ଏହି ସରକାରୀ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଦର୍ଶାଇଥିଲେ ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗତ ଏପ୍ରିଲ ୨ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତିର ନିୟମ ଅନୁଯାୟୀ, ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବା କୌଣସି ବି ସରକାରୀ କର୍ମଚାରୀଙ୍କୁ ବଦଳି କରାଯାଇପାରିବ ନାହିଁ। ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ଉଲ୍ଲଙ୍ଘନ କରି ଆବେଦନକାରୀଙ୍କୁ ବଦଳି କରାଯାଇଛି, ଯାହା ସମ୍ପୂର୍ଣ୍ଣ ବେଆଇନ। ଆସନ୍ତା ଜୁଲାଇ ୧୩ରୁ ଆରମ୍ଭ ହେଉଥିବା ସପ୍ତାହରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଫାଲଗୁନି ରାଜଗୁରୁ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।



# ଭେନେଜୁଏଲାରେ ଭୂକମ୍ପ; ଧ୍ୱଂସସ୍ତୂପ ତଳେ ଲକ୍ଷାଧିକ ଲୋକ

## ■ ୭.୨ ପରେ ୭.୫ ତୀବ୍ରତାର କମ୍ପନ ■ ଉଦ୍ଧାର ହେଲାଣି ୧୬୪ ମୃତଦେହ

କାରାକାସ, ୨୫।୬ (ଏଜେନ୍ସି): ଲାଟିନ୍ ଆମେରିକୀୟ ଦେଶ ଭେନେଜୁଏଲାରେ ପ୍ରକୃତିର ତାଣ୍ଡବ। ଗତ ଏକ ଶତାବ୍ଦୀ ମଧ୍ୟରେ ଦେଶରେ ସବୁଠାରୁ ଶକ୍ତିଶାଳୀ ତଥା ଭୟାବହ ଦୁଇଟି ଭୂକମ୍ପ ଝଟକା ସମଗ୍ର ଅଞ୍ଚଳକୁ ଛାରଖାର କରିଦେଇଛି। ମାତ୍ର ୩୯ ସେକେଣ୍ଡ ବ୍ୟବଧାନରେ ଆସିଥିବା ଦୁଇଟି ଶକ୍ତିଶାଳୀ ଭୂକମ୍ପରେ ବର୍ତ୍ତମାନ ସୁଦ୍ଧା ୧୬୪ ଜଣ ପ୍ରାଣ ହରାଇଥିବା ବେଳେ ଏକ ହଜାରରୁ ଅଧିକ ଆହତ ହୋଇଛନ୍ତି। ତେବେ ଅନେକ ଅଞ୍ଚଳରେ ବହୁତଳ ପ୍ରାସାଦ ଗୁଡ଼ିକ ମାଟିରେ ମିଶିଯାଇଥିବା ବେଳେ ହଜାର ହଜାର ଲୋକ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ଚାରିଆଡ଼େ କେବଳ ଧ୍ୱଂସାବଶେଷ, କାନ୍ଦ ବୋବାଳି ଏବଂ ଚିତ୍କାର ଶୁଣିବାକୁ ମିଳୁଛି। ଉଦ୍ଧାର କାର୍ଯ୍ୟ ଚାଲିଥିବାରୁ ଚୂଡ଼ାନ୍ତ ମୃତ୍ୟୁସଂଖ୍ୟା ଦଶ ହଜାରରୁ ଅଧିକ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସ୍ଥାନୀୟ ସମୟ ଅନୁସାରେ ସନ୍ଧ୍ୟା ଛଅଟା ପରେ ହଠାତ ଏହି ଦୁଇଟି ଭୂକମ୍ପ ହୋଇଥିଲା। ଏହି ଦୁଇଟି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ଯଥାକ୍ରମେ ୭.୨ ଏବଂ ୭.୫ ରେକର୍ଡ କରାଯାଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ କାରିବିଆନ୍ ସାଗର ଆଖପାଖ ଅଞ୍ଚଳରେ ସୁନାମି ସତର୍କତା ଜାରି କରାଯାଇଛି। ମୁଖ୍ୟ ଭୂକମ୍ପ ପରେ ଦେଶରେ ପ୍ରାୟ କୋଡ଼ିଏରୁ ଅଧିକ ଅନୁକମ୍ପନ ବା ପରବର୍ତ୍ତୀ ଝଟକା ଅନୁଭୂତ ହୋଇଛି, ଯାହାର ତୀବ୍ରତା ୪.୯ ରୁ ୬.୪ ମଧ୍ୟରେ ଥିଲା। ଫଳରେ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଭୂକମ୍ପର ସବୁଠାରୁ ଭୟଙ୍କର ପ୍ରଭାବ ଭେନେଜୁଏଲାର ରାଜଧାନୀ କାରାକାସ ଏବଂ ଉପକୂଳବର୍ତ୍ତୀ ଲା ଗୁଆଇରା ରାଜ୍ୟରେ ଦେଖିବାକୁ ମିଳିଛି। ଭୂକମ୍ପ ପରେ ପୂରା ରାଜଧାନୀ ସହର ଧୂଳିର ଆସ୍ତରଣରେ ଘୋଡ଼େଇ ହୋଇଯାଇଥିଲା। ବଡ଼ ବଡ଼ ଅଟ୍ଟାଳିକା ତାସ ପତ୍ର ପରି ଖସିପଡ଼ିଥିଲା। ରାସ୍ତାଘାଟ ଏବଂ ଜାତୀୟ ରାଜପଥରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି। ସହରର ସବୁଠାରୁ ପ୍ରତିଷ୍ଠିତ ଆଲ୍ଟାମିରା ଅଞ୍ଚଳରେ ଅନେକ ଆବାସିକ ଗୃହ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସେଠାରେ ସ୍ଥାନୀୟ ବାସିନ୍ଦା, ସ୍ୱେଚ୍ଛାସେବୀ ଏବଂ ଉଦ୍ଧାରକାରୀ ଦଳ ନିଜ ପ୍ରିୟଜନଙ୍କୁ ଖୋଜିବା ପାଇଁ ପଥର ଏବଂ କଂକ୍ରିଟ୍ ଚାଦରକୁ ହଟାଇବାରେ ଲାଗିଛନ୍ତି। ଅନ୍ଧାର ରାତିରେ ମଧ୍ୟ ବଡ଼ ବଡ଼ ମେସିନ୍ ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ଉପକୂଳବର୍ତ୍ତୀ ବନ୍ଦର ସହର ଲା ଗୁଆଇରାରେ ବ୍ୟାପକ କ୍ଷତି ଘଟିଛି। ଏହି ସହରରେ ଥିବା ଦେଶର ମୁଖ୍ୟ ଆନ୍ତର୍ଜାତୀୟ ବିମାନବନ୍ଦରର ଅଟ୍ଟାଳିକା ଭାଙ୍ଗିଯାଇଥିବାରୁ ଏହାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆଯାଇଛି। ସମୁଦ୍ର କୂଳରେ ଥିବା ଅନେକ ହୋଟେଲ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିବା ଜଣାପଡ଼ିଛି। ଏହି ମହାବିପତ୍ତିକୁ ଦୃଷ୍ଟିରେ ରଖି ଭେନେଜୁଏଲାର ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜ୍ ସମଗ୍ର ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ବିଦ୍ୟୁତ ସେବା ଏବଂ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ପ୍ରକୃତ କ୍ଷତିର ଆକଳନ କରିବା କଷ୍ଟକର ହେଉଛି।



### ମୃତ୍ୟୁସଂଖ୍ୟା ଟପିପାରେ ୧୦ ହଜାର



## ଭୂକମ୍ପ ପୂର୍ବରୁ ମୋବାଇଲ୍‌ରେ ସତର୍କ କରିଥିଲା ଗୁଗଲ୍

ନୂଆଦିଲ୍ଲୀ, ୨୫।୬(ଏଜେନ୍ସି): ଭେନେଜୁଏଲାରେ ଆସିଥିବା ସ୍ମରଣୀୟ ଭୟଙ୍କର ଭୂକମ୍ପ ସମୟରେ ଅନେକ ଆଣ୍ଡ୍ରଏଡ୍ ମୋବାଇଲ୍ ବ୍ୟବହାରକାରୀଙ୍କୁ ଭୂପୃଷ୍ଠ ଥରିବା ପୂର୍ବରୁ ହିଁ ଗୁଗଲ୍ ପକ୍ଷରୁ ସତର୍କ ସୂଚନା ମିଳିଥିଲା। ସ୍ମାର୍ଟଫୋନରେ ଥିବା ବିଶେଷ ପ୍ରଯୁକ୍ତିବିଦ୍ୟା ଯୋଗୁଁ ଏହି ଗୋଟିଏ ସେକେଣ୍ଡର ପୂର୍ବ ସୂଚନା ଲୋକଙ୍କ ଜୀବନ ରକ୍ଷା କରିବାରେ ସହାୟକ ହୋଇଛି। ପ୍ରତ୍ୟେକ ଆଧୁନିକ ସ୍ମାର୍ଟଫୋନରେ କମ୍ପନ ମାପିବା ପାଇଁ ଏକ ବିଶେଷ ସେନ୍ସର ବା ଗତିବେଗ ମାପକ ଯନ୍ତ୍ର ଥାଏ। ଭୂକମ୍ପର ପ୍ରାଥମିକ ତଥା ଦୁର୍ବଳ ତରଙ୍ଗକୁ ଏହି ସେନ୍ସର ତୁରନ୍ତ ଚିହ୍ନଟ କରି ଗୁଗଲ୍‌ର ମୁଖ୍ୟ ସର୍ଭରକୁ ଆଲୋକର ବେଗରେ ବାର୍ତ୍ତା ପଠାଇଥାଏ। ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଅନେକ ମୋବାଇଲରୁ ସମାନ ସଙ୍କେତ ମିଳିବା ମାତ୍ରେ ଗୁଗଲ୍ ଭୂକମ୍ପ ଆସୁଥିବା ନିଶ୍ଚିତ କରେ। ଭୂକମ୍ପର ବିନାଶକାରୀ ଦ୍ୱିତୀୟ ଶକ୍ତିଶାଳୀ ତରଙ୍ଗ ଲୋକଙ୍କ ପାଖରେ ପହଞ୍ଚିବା ପୂର୍ବରୁ ହିଁ ଗୁଗଲ୍ ଆଲୋକର ଗତି ସହ ପ୍ରତିଯୋଗିତା କରି ମୋବାଇଲ୍‌କୁ ସତର୍କ ବାର୍ତ୍ତା ପଠାଇବାରେ ସଫଳ ହୋଇଥାଏ। ବିଶ୍ୱର ପ୍ରାୟ ୨ ଶହ କୋଟିରୁ ଅଧିକ ଆଣ୍ଡ୍ରଏଡ୍ ମୋବାଇଲ୍ ଏହି ନେଟୱର୍କ ସହ ଜଡ଼ିତ ଥିବାରୁ ଏହା ପୃଥିବୀର ସବୁଠାରୁ ବଡ଼ ଭୂକମ୍ପ ଚିହ୍ନଟକାରୀ ବ୍ୟବସ୍ଥା ପାଲଟିଛି। ମୋବାଇଲରେ ଇଣ୍ଟରନେଟ୍ ସଂଯୋଗ ଥିଲେ ଏହି ସେବା ମାଧ୍ୟମରେ ସାଧାରଣ ଜନତା କମ୍ପନର ତୀବ୍ରତା ଅନୁସାରେ ସତର୍କ ସୂଚନା ପାଇ ନିଜକୁ ସୁରକ୍ଷିତ ସ୍ଥାନକୁ ନେଇପାରିବେ।

## କେନ୍ଦ୍ର ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା: ରାଷ୍ଟ୍ରପତିଙ୍କୁ ଭେଟିଲେ ଅମିତ ଶାହ

ନୂଆଦିଲ୍ଲୀ, ୨୫।୬(ଏଜେନ୍ସି): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବା ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବଡ଼ ଧରଣର ଅଦଳବଦଳ ନେଇ ଚର୍ଚ୍ଚା ପୁଣି ଜୋର୍ ଧରିଛି। ଦୁଇ ଦିନ ତଳେ ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ରାଷ୍ଟ୍ରପତିଙ୍କୁ ଭେଟି ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ସଂସଦର ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ ଏହି ପ୍ରକ୍ରିୟା ଶେଷ ହୋଇପାରେ ବୋଲି ଅନୁମାନ କରାଯାଉଛି। ଦଳର ଜଣେ ବରିଷ୍ଠ ନେତାଙ୍କ ସୂଚନା ଅନୁଯାୟୀ, ମନ୍ତ୍ରୀମାନଙ୍କ ପ୍ରଦର୍ଶନ, ଆଞ୍ଚଳିକ ପ୍ରତିନିଧିତ୍ୱ ଏବଂ ଆଗାମୀ ବିଧାନସଭା ନିର୍ବାଚନକୁ ଆଖିରେ ରଖି ଅଦଳବଦଳ କରାଯିବ। ଏପ୍ରିଲ-ମେ ମାସରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପି ପଶ୍ଚିମବଙ୍ଗରେ ବହୁମତ ହାସଲ କରିଥିବାରୁ ଏହି ରାଜ୍ୟକୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଧିକ ସ୍ଥାନ ମିଳିପାରେ ବୋଲି କୁହାଯାଉଛି।

## ମାହରଙ୍ଗ ବେଲୁଚ୍‌ଙ୍କୁ ଆଜୀବନ କାରାଦଣ୍ଡ

କରାଚୀ, ୨୫।୬(ଏଜେନ୍ସି): ପାକିସ୍ତାନର ଏକ ଆତଙ୍କବାଦ ବିରୋଧୀ ଅଦାଲତ ବେଲୁଚିସ୍ତାନର ପ୍ରମୁଖ ମାନବାଧିକାର କର୍ମୀ ମାହରଙ୍ଗ ବେଲୁଚ୍‌ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୪ ମସିହାରେ ବେଲୁଚିସ୍ତାନରେ ହୋଇଥିବା ଏକ ପ୍ରତିବାଦ ପ୍ରଦର୍ଶନ ସମୟରେ ଜଣେ ସାମରିକ ଯବାନଙ୍କ ହତ୍ୟା ଏବଂ ଆତଙ୍କବାଦ ଅଭିଯୋଗରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। କୋର୍ଟଙ୍କ ଏହି ଆଦେଶ ପରେ ସାରା ବିଶ୍ୱରେ ଜନଅସନ୍ତୋଷ ପ୍ରକାଶ ପାଇଛି। ମାହରଙ୍ଗ ବେଲୁଚ୍ ବେଲୁଚିସ୍ତାନ ଅଞ୍ଚଳରେ ସେନା ଦ୍ୱାରା ବେଆଇନ ଭାବେ ନିଖୋଜ କରାଯାଉଥିବା ନିରୀହ ଲୋକଙ୍କ ସୁରକ୍ଷା ପାଇଁ ଦୀର୍ଘ ଦିନ ଧରି ବ୍ୟାପକ ସାମାଜିକ ଆନ୍ଦୋଳନ ଚଳାଇ ଆସୁଛନ୍ତି। ପୂର୍ବରୁ ସେ ନିଖୋଜ ବ୍ୟକ୍ତିମାନଙ୍କ ନ୍ୟାୟ ପାଇଁ ରାଜଧାନୀ ଇସଲାମାବାଦ ପର୍ଯ୍ୟନ୍ତ ପ୍ରାୟ ୧, ୬୦୦ କିଲୋମିଟର ଦୀର୍ଘ ଏକ ବିଶାଳ ମହିଳା ପଦଯାତ୍ରାର ନେତୃତ୍ୱ ନେଇ ଚର୍ଚ୍ଚାକୁ ଆସିଥିଲେ। ଏହି ମାମଲାରେ ଅଦାଲତ ତାଙ୍କ ସହଯୋଗୀ ତଥା ବେଲୁଚ୍ ୟକଜେହତି କମିଟିର ଅନ୍ୟତମ ନେତା ସିବଗାତୁଲ୍ଲାଙ୍କୁ ମଧ୍ୟ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଅନ୍ତର୍ଜାତୀୟ ମାନବାଧିକାର ସଂଗଠନ ଏବଂ ବିଶ୍ୱ ସମୁଦାୟ ପାକିସ୍ତାନ କୋର୍ଟର ଏହି ନିଷ୍ପତ୍ତିକୁ 'ନ୍ୟାୟର ପ୍ରହସନ' ବୋଲି କହି ସମାଲୋଚନା କରିଛନ୍ତି।

## ମାନହାନି ମାମଲାରେ ରାହୁଲଙ୍କ ଦୁଃଖ ପ୍ରକାଶ

ଜବଲପୁର, ୨୫।୬(ଏଜେନ୍ସି): କଂଗ୍ରେସ ସାଂସଦ ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ପୁଅ କାର୍ତ୍ତିକେୟ ସିଂହଙ୍କ ବିରୋଧରେ ଦେଇଥିବା କଥିତ ଅପମାନଜନକ ମନ୍ତବ୍ୟ ପାଇଁ ମଧ୍ୟପ୍ରଦେଶ ହାଇକୋର୍ଟରେ ଦୁଃଖ ପ୍ରକାଶ କରିଛନ୍ତି। କାର୍ତ୍ତିକେୟ ସିଂହଙ୍କ ଦ୍ୱାରା ଭୋପାଳ କୋର୍ଟରେ ରୁଜୁ ହୋଇଥିବା ଏକ ମାନହାନି ମାମଲା ପ୍ରସଙ୍ଗରେ ରାହୁଲ ଗାନ୍ଧୀଙ୍କ ଓକିଲଙ୍କ ପକ୍ଷରୁ ଏହି ଆବେଦନ କରାଯାଇଛି। ଆବେଦନରେ ଦର୍ଶାଯାଇଛି ଯେ ତାଙ୍କର ସେହି ମନ୍ତବ୍ୟ କାର୍ତ୍ତିକେୟ ସିଂହଙ୍କ ସହ ସମ୍ପୃକ୍ତ ନଥିଲା। ଏହି ମାନହାନି ମାମଲାର ପୃଷ୍ଠଭୂମି ଅନୁସାରେ, ୨୦୧୮ ମସିହାରେ ଝାବୁଆଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ରାହୁଲ ଗାନ୍ଧୀ ପାନାମା ପେପର୍ସ ଦୁର୍ନୀତି ବିଷୟରେ କହିବା ସମୟରେ କାର୍ତ୍ତିକେୟଙ୍କ ନାମ ନେଇଥିଲେ, ଯାହାଦ୍ୱାରା ତାଙ୍କ ସମ୍ମାନ ହାନି ହୋଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ସାଂସଦ-ବିଧାୟକ କୋର୍ଟ ରାହୁଲ ଗାନ୍ଧୀଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ସମନ ଜାରି କରିଥିଲେ।

## ଢାକାରେ ଭାରତର ନୂତନ ହାଇକମିସନର


ଢାକା, ୨୫।୬(ଏଜେନ୍ସି): ବାଂଲାଦେଶରେ ଭାରତର ନୂତନ ହାଇକମିସନର ଭାବେ ବରିଷ୍ଠ ବିଜେପି ନେତା ଦିନେଶ ତ୍ରିବେଦୀ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ସହ ସେ ବାଂଲାଦେଶୀ ନାଗରିକଙ୍କ ପାଇଁ ସାଧାରଣ ପର୍ଯ୍ୟଟନ ଭିସା ସେବା ପୁନଃ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ଗତ ଦୁଇ ବର୍ଷ ଧରି ଉଭୟ ଦେଶ ମଧ୍ୟରେ ଥିବା ତିକ୍ତତା ଓ କଟକଣାକୁ ଦୂର କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। ୭୬ ବର୍ଷୀୟ ଦିନେଶ ତ୍ରିବେଦୀ ବାଂଲାଦେଶର ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନଙ୍କୁ ନିଜର ପରିଚୟ ପତ୍ର ପ୍ରଦାନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେ ବାଂଲାଦେଶରେ ଭାରତର ରାଷ୍ଟ୍ରଦୂତ ହୋଇଥିବା ପ୍ରଥମ ରାଜନେତା ଏବଂ ଭାରତ ସରକାର ତାଙ୍କୁ କେନ୍ଦ୍ର ମନ୍ତ୍ରୀଙ୍କ ମାନ୍ୟତା ଦେଇଛନ୍ତି। ୨୦୨୪ ଅଗଷ୍ଟରେ ଶେଖ୍ ହସିନାଙ୍କ ସରକାର ପତନ ପରେ ମହମ୍ମଦ ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ଶାସନ ସମୟରେ ସୁରକ୍ଷା ଦୃଷ୍ଟିରୁ ଏହି ଭିସା ସେବା ବନ୍ଦ ରହିଥିଲା।

# କଶ୍ମୀର ପୁଲିସ ଥାନାରେ ତୁମୁଳକାଣ୍ଡ

### ୪୦ ଯବାନଙ୍କ ବିରୋଧରେ ଏତଲା

ଶ୍ରୀନଗର, ୨୫।୬(ଏଜେନ୍ସି): ଜମ୍ମୁ-କାଶ୍ମୀରର କିସତୱାଡ଼ ଜିଲ୍ଲାରେ ଭାରତୀୟ ସେନା ଏବଂ ପୁଲିସ୍ ମଧ୍ୟରେ ଏକ ଅଭାବନୀୟ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଆଥୋଲି ଥାନା ଭିତରକୁ ଜୋରଜବରଦସ୍ତ ପଶି ପୁଲିସ୍ କର୍ମଚାରୀଙ୍କୁ ମାଡ଼ ମାରିବା ଏବଂ ସରକାରୀ ସମ୍ପତ୍ତି ନଷ୍ଟ କରିବା ଅଭିଯୋଗରେ ୧୭ ରାଷ୍ଟ୍ରୀୟ ରାଇଫଲ୍ସର କମାଣ୍ଡିଂ ଅଫିସର କଲୋନେଲ ଏନ୍ ଅରୁଣ ଗାନ୍ଧୀ, ଜଣେ ମେଜର, ଜଣେ ନାଏବ ସୁବେଦାର ଏବଂ ୩୦-୪୦ ଜଣ ଯବାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଟ୍ରାଫିକ ନିୟମ ଉଲ୍ଲଂଘନ ଅଭିଯୋଗରେ ପୁଲିସ୍ ଏବଂ ପରିବହନ ବିଭାଗ ଜଣେ ସେନା ଅଧିକାରୀଙ୍କ ବ୍ୟକ୍ତିଗତ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲେ। ଏହି କାରଣରୁ ଉଭୟ ପକ୍ଷ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଏଫ୍‌ଆଇଆର୍ ଅନୁଯାୟୀ, ଗାଡ଼ି ଜବତ ହେବାର ପ୍ରାୟ ଦେଢ଼ ଘଣ୍ଟା ପରେ ସେନା ଯବାନମାନେ ଲାଠି, ଲୁହା ରଡ୍ ଏବଂ ଅସ୍ତ୍ରଶସ୍ତ୍ର ଧରି ଥାନାର ପାଚେରୀ ଓ ଗେଟ୍ ଡେଇଁ ଭିତରକୁ ପଶିଥିଲେ। ପୁଲିସ୍ ଅଭିଯୋଗ କରିଛି ଯେ ଏହା ଡ୍ୟୁଟିରେ ଥିବା କର୍ମଚାରୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ କରାଯାଇଥିବା ଏକ ପୂର୍ବ ଯୋଜନାବଦ୍ଧ ଆକ୍ରମଣ ଥିଲା। ଆକ୍ରମଣ ସମୟରେ ଥାନାର ଏସଏଚଓ ଅମୃତ କାଟୋଚ୍‌ଙ୍କ ୟୁନିଫର୍ମ ଚିରି ଦିଆଯାଇଥିଲା ଏବଂ ଡେପୁଟି ଏସପି ବିଜୟକୁମାର ଭଗତଙ୍କୁ ମଧ୍ୟ ମାଡ଼ ମରାଯାଇଥିଲା। ଏହାଛଡ଼ା ଜଣେ ସ୍ପେଶାଲ ପୁଲିସ୍ ଅଫିସରଙ୍କ ବେକରେ ବନ୍ଧୁକର ପଛ ଭାଗରେ ଆଘାତ କରାଯାଇଛି। ସେନା ଯବାନମାନେ ଥାନାର ଗେଟ୍ ଭାଙ୍ଗିବା ସହ ସେଠାରେ ଥିବା ଅଫିସିଆଲ୍ ଗାଡ଼ିଗୁଡ଼ିକୁ ଭଙ୍ଗାରୁଜା କରିଛନ୍ତି। ସେନା ପକ୍ଷରୁ କୁହାଯାଇଛି ଯେ ଏହି ମାମଲାର ଯାଞ୍ଚ ଆଭ୍ୟନ୍ତରୀଣ ବ୍ୟବସ୍ଥା ମାଧ୍ୟମରେ କରାଯାଉଛି। ଭାରତୀୟ ସେନା ଆଇନଗତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବ ଏବଂ ମିଳିତ ତଦନ୍ତର ରିପୋର୍ଟ ଆଧାରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ରାମ ମନ୍ଦିର ଦାନ ଚୋରି ମାମଲା: ୮ ଜଣଙ୍କ ନାମରେ ଏଫ୍‌ଆଇଆର୍



■ ଆପ୍ ସାଂସଦ ସଞ୍ଜୟ ସିଂହ ଦେଲେ ଜମି ଦୁର୍ନୀତିର ପ୍ରମାଣ
■ ଚମ୍ପତ ରାୟଙ୍କ ଇସ୍ତଫାକୁ ନେଇ ଚର୍ଚ୍ଚା

ଅଯୋଧ୍ୟା, ୨୫।୬(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ଚରଣରେ ଅର୍ପଣ କରାଯାଇଥିବା ଦାନ ଅର୍ଥ ଏବଂ ଭେଟି ଚୋରି ଅଭିଯୋଗରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ଗୁରୁବାର ଏକ ମାମଲା ରୁଜୁ କରାଯାଇଛି। ବିଶେଷ ଅନୁସନ୍ଧାନ ଦଳ (ଏସ୍‌ଆଇଟି)ର ପ୍ରାଥମିକ ତଦନ୍ତ ରିପୋର୍ଟ ଆଧାରରେ ଟ୍ରଷ୍ଟର ସଦସ୍ୟ କୃଷ୍ଣ ମୋହନ ଏହି ଅଭିଯୋଗ ଦାୟର କରିଛନ୍ତି। ଏହି ମାମଲାରେ ଟିନ୍ନୁ ଯାଦବଙ୍କ ସମେତ ମୋଟ ଆଠ ଜଣଙ୍କୁ ଅଭିଯୁକ୍ତ ଭାବେ ନାମିତ କରାଯାଇଛି। ଏହି ମାମଲାରେ ଦୁଇ ଜଣ ଗିରଫ ହୋଇଥିବା ବେଳେ ଟିନ୍ନୁଙ୍କ ସମେତ ଅନ୍ୟମାନେ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି। ଦାନ ଅର୍ଥ ଗଣତି ବେଳେ ଏମାନେ ଚୋରି କରିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଟିନ୍ନୁ ହେଉଛି ରାମ ମନ୍ଦିର ଟ୍ରଷ୍ଟ ସଂପାଦକ ଚମ୍ପତ ରାୟଙ୍କର ଡ୍ରାଇଭର। ଏହି ମାମଲାରେ ଚମ୍ପତ ରାୟ ମଧ୍ୟ ସନ୍ଦେହ ଘେରରେ ରହିଛନ୍ତି।

ଅନ୍ୟପଟେ, ଏହି ଘଟଣାକୁ ନେଇ ରାଜନୀତି ମଧ୍ୟ ସରଗରମ ହୋଇଛି। ଆମ ଆଦମୀ ପାର୍ଟି (ଆପ୍) ସାଂସଦ ସଞ୍ଜୟ ସିଂହ ଲକ୍ଷ୍ନୌଠାରେ ଏସ୍‌ଆଇଟି ଅଧକ୍ଷ ବିଜୟ ବିଶ୍ୱାସ ପନ୍ତଙ୍କୁ ଭେଟି ମନ୍ଦିର ଜମି କିଣାବିକାରେ ହୋଇଥିବା ବଡ଼ ଧରଣର ଦୁର୍ନୀତି ସମ୍ପର୍କିତ ୧୧ଟି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ହସ୍ତାନ୍ତର କରିଛନ୍ତି। ସଞ୍ଜୟ ସିଂହ କହିଛନ୍ତି ଯେ ମନ୍ଦିର ପାଣ୍ଠି ହେରଫେର ଏବଂ ଦାନ ସାମଗ୍ରୀ ଚୋରି ନେଇ ଅନେକ ପ୍ରମାଣ ସାମ୍ନାକୁ ଆସିସାରିଛି। ଏହାସତ୍ତ୍ୱେ କାହିଁକି କାହାକୁ ଗିରଫ କରାଯାଇନାହିଁ କିମ୍ବା ପୂର୍ବରୁ ମାମଲା କାହିଁକି ରୁଜୁ ହୋଇନଥିଲା, ସେ ନେଇ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏହି ବିବାଦ ମଧ୍ୟରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ନିଜ ପଦବୀରୁ ଇସ୍ତଫା ଦେଇଥିବା କୁହାଯାଉଛି।

## କାଫେରେ ହୋଇଥିଲା ହତ୍ୟା ଷଡ଼ଯନ୍ତ୍ର

ପୁଣେ, ୨୫।୬(ଏଜେନ୍ସି): ପୁଣେର ପ୍ରତିଷ୍ଠିତ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ମୃତ୍ୟୁ କୌଣସି ଦୁର୍ଘଟଣା ନଥିଲା, ବରଂ ଏହା ପଛରେ ଥିଲା ଏକ ସୁଚିନ୍ତିତ ଓ ଭୟଙ୍କର ଚକ୍ରାନ୍ତ। କେତନଙ୍କ ଭାବି ପତ୍ନୀ ସିୟା ଗୋୟଲ ଏବଂ ତାଙ୍କ ପ୍ରେମିକ ଚେତନ ଚୌଧୁରୀ ଏକ କାଫେରେ ବସି କେତନଙ୍କୁ ପାହାଡ଼ରୁ ଠେଲି ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ପୋଲିସର ପ୍ରାଥମିକ ତଦନ୍ତରୁ ଏହି ଚମକାଇଦେଲା ଭଳି ତଥ୍ୟ ସାମ୍ନାକୁ ଆସିଛି। ଗତ ଜୁନ୍ ଅଠର ତାରିଖରେ ଲୋନାଭାଲା ନିକଟସ୍ଥ ଲୋହଗଡ଼ ଦୁର୍ଗକୁ ବୁଲିବାକୁ ଯାଇଥିବା ସମୟରେ କେତନଙ୍କୁ ପାହାଡ଼ ଉପରୁ ତଳକୁ ଠେଲି ଦିଆଯାଇଥିଲା। ପ୍ରଥମେ ଏହାକୁ ଏକ ଦୁର୍ଘଟଣାଜନିତ ମୃତ୍ୟୁ ବୋଲି କୁହାଯାଉଥିଲେ ମଧ୍ୟ ସନ୍ଦେହ ହେବାରୁ ପୋଲିସ ଯେତେବେଳେ ତଦନ୍ତ ଆରମ୍ଭ କଲା, ସେତେବେଳେ ପ୍ରକୃତ ସତ୍ୟ ପଦାକୁ ଆସିଥିଲା। ପୋଲିସର ସୂଚନା ଅନୁସାରେ, ଗତ ଜୁନ୍ ୧୪ ତାରିଖରେ ମଧ୍ୟ ସିୟା କେତନଙ୍କୁ ସେହି ଦୁର୍ଗରୁ ଠେଲିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ ଏବଂ ସେଠାରେ ସାପ ଥିବା ନେଇ ମିଛ ଚିତ୍କାର କରି ସେତେବେଳେ ନିଜକୁ ବଞ୍ଚାଇ ଦେଇଥିଲେ। ସିୟା ଏବଂ ଚେତନଙ୍କ ମଧ୍ୟରେ ଗତ କିଛି ମାସ ମଧ୍ୟରେ ଦୁଇ ହଜାରରୁ ଅଧିକ ଥର ଫୋନରେ କଥାବାର୍ତ୍ତା ହୋଇଥିବା ପୋଲିସ ଜାଣିବାକୁ ପାଇଛି।



ପ୍ରେମ ପ୍ରତାରଣା

## ପେଟ୍ରୋଲ କର୍ମଚାରୀଙ୍କୁ ନିଆଁ ଲଗାଇଦେଲେ

ଭୋପାଳ, ୨୫।୬(ଏଜେନ୍ସି): ମଧ୍ୟପ୍ରଦେଶର ଗ୍ୱାଲିଅର୍‌ରେ ପେଟ୍ରୋଲ ଦରକୁ କେନ୍ଦ୍ର କରି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ୨୬ ବର୍ଷୀୟ ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ଉପରକୁ ପେଟ୍ରୋଲ ଢାଳି ତିନି ଜଣ ଯୁବକ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ରାତି ପ୍ରାୟ ୧୦ଟା ସମୟରେ ତିନି ଜଣ ଯୁବକ ଏକ ବୁଲେଟ୍ ମୋଟରସାଇକେଲରେ ଆସି ପେଟ୍ରୋଲ ପମ୍ପ କର୍ମଚାରୀ ଆକାଶ ସେଙ୍ଗରଙ୍କ ସହ ତେଲ ଦରକୁ ନେଇ ପାଟିତୁଣ୍ଡ କରିଥିଲେ। ଏହି ବିବାଦ ଉଗ୍ର ରୂପ ନେବା ପରେ ଜଣେ ଅଭିଯୁକ୍ତ ଆକାଶଙ୍କ ଉପରେ ପେଟ୍ରୋଲ ଢାଳି ଲାଇଟର ସାହାଯ୍ୟରେ ନିଆଁ ଲଗାଇ ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଜୟାରୋଗ୍ୟ ମାଧମିକ ଚିକିତ୍ସାଳୟର ବର୍ଣ୍ଣ ୱାର୍ଡରେ ଭର୍ତ୍ତି କରାଯାଇଛି। ଆକାଶଙ୍କ ଶରୀରର ପ୍ରାୟ ୩୭ ପ୍ରତିଶତ ପୋଡ଼ି ଯାଇଥିବା ଜଣାପଡ଼ିଛି।

# ଖାଦ୍ୟ, ଔଷଧ ପାଇଁ ପିଓକେରେ ହାହାକାର



### ଆନ୍ଦୋଳନ ଦମନ ପାଇଁ ପାକିସ୍ତାନର ଷଡ଼ଯନ୍ତ୍ର

ମୁଜାଫରାବାଦ, ୨୫।୬(ଏଜେନ୍ସି): ପାକିସ୍ତାନ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ପାକିସ୍ତାନ ଅଧିକୃତ କାଶ୍ମୀରର ଜନସାଧାରଣଙ୍କୁ ଦଣ୍ଡ ଦେବା ପାଇଁ ଇସଲାମାବାଦ ପ୍ରଶାସନ ଏବେ ଅମାନୁଷିକ ପନ୍ଥା ଆପଣାଇଛି। ସ୍ଥାନୀୟ ଅଞ୍ଚଳରେ ଚାଲିଥିବା ଜନ ଆନ୍ଦୋଳନ ଏବଂ ପ୍ରତିବାଦକୁ ଦବାଇବା ପାଇଁ ପାକିସ୍ତାନ ସେନା ଓ ପୁଲିସ୍ ଏହି ଅଞ୍ଚଳକୁ ସଂଯୋଗ କରୁଥିବା ସମସ୍ତ ମୁଖ୍ୟ ରାସ୍ତାକୁ ଅବରୋଧ କରିଦେଇଛନ୍ତି। ଫଳରେ ସେଠାରେ ଖାଦ୍ୟ, ତେଲ ଏବଂ ଜୀବନ ରକ୍ଷାକାରୀ ଔଷଧର ଘୋର ଅଭାବ ଦେଖାଦେଇଛି। ପାକିସ୍ତାନ ଅଧିକୃତ କାଶ୍ମୀରର ବିଧାନସଭାରେ ସଂରକ୍ଷିତ ଆସନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ସ୍ଥାନୀୟ ମିଳିତ ସର୍ବସାଧାରଣ କାର୍ଯ୍ୟାନୁଷ୍ଠାନ କମିଟି ନେତୃତ୍ୱରେ ବ୍ୟାପକ ଆନ୍ଦୋଳନ ଚାଲିଛି। ଏହି ପ୍ରତିବାଦକୁ ପଣ୍ଡ କରିବା ପାଇଁ ପାକିସ୍ତାନୀ କର୍ତ୍ତୃପକ୍ଷ ଜରୁରୀକାଳୀନ ସାମଗ୍ରୀ ପରିବହନ କରୁଥିବା ଟ୍ରକଗୁଡ଼ିକୁ ସୀମାନ୍ତରେ ଅଟକାଇ ରଖିଛନ୍ତି। ବାହାର ସହରରୁ ନିଜ ପରିବାର ପାଇଁ ଖାଦ୍ୟ ଏବଂ ସାଧାରଣ ଔଷଧ କିଣି ଫେରୁଥିବା ନାଗରିକମାନଙ୍କୁ ପୁଲିସ୍ ଯାଞ୍ଚ ଚୌକିରେ ଅଟକାଇ ସେ ସମସ୍ତ ସାମଗ୍ରୀ ଫିଙ୍ଗିଦେବାକୁ ବାଧ୍ୟ କରୁଛି। ଫଳରେ ଅନେକ ପରିବାର ଓପାସରେ ରହିବା ସହ ଚିକିତ୍ସା ନପାଇ ହନ୍ତସନ୍ତ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଚାଲିଥିବା ହିଂସାତ୍ମକ ସଂଘର୍ଷରେ ଅନୂନ ଅଠାବନ ଜଣ ଲୋକ ପ୍ରାଣ ହରାଇସାରିଲେଣି। ସାରା ଅଞ୍ଚଳରେ ଇଣ୍ଟରନେଟ ସେବା ବନ୍ଦ ଥିବା ବେଳେ ବଜାର, ଦୋକାନ ଏବଂ ଔଷଧ ଦୋକାନଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଛି। ପେଟ୍ରୋଲ ପମ୍ପଗୁଡ଼ିକରେ ତେଲ ସରିଯାଇଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି ଏବଂ କଳାବଜାରୀ ଚରମ ସୀମାରେ ପହଞ୍ଚିଛି। ପାକିସ୍ତାନର ଅଗ୍ରଣୀ ରାଜନୈତିକ ଦଳଗୁଡ଼ିକ ମଧ୍ୟ ସରକାରଙ୍କ ଏହି ନିଷ୍ଠୁର କାର୍ଯ୍ୟାନୁଷ୍ଠାନକୁ ତୀବ୍ର ନିନ୍ଦା କରି ଏହାକୁ ଅମାନବୀୟ ଅତ୍ୟାଚାର ବୋଲି ଅଭିହିତ କରିଛନ୍ତି। ପାକିସ୍ତାନୀ ଅଧିକାରୀମାନେ ଏହି ଅବରୋଧ କଥାକୁ ବାହାରେ ଅସ୍ୱୀକାର କରୁଥିଲେ ହେଁ ଭିତରୁ ଆନ୍ଦୋଳନକାରୀଙ୍କ ମନୋବଳ ଭାଙ୍ଗିବା ପାଇଁ ଏଭଳି କ୍ଷୁଧା ଓ ଅଭାବର ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ତେବେ ଏହି ପ୍ରତିବନ୍ଧକ ସତ୍ତ୍ୱେ ଜନସାଧାରଣଙ୍କ ଆନ୍ଦୋଳନ ଥମିବାର ନାଁ ନେଉନାହିଁ ଏବଂ ଆଗାମୀ ଦିନରେ ଏକ ଲକ୍ଷରୁ ଅଧିକ ଲୋକ ରାଜଧାନୀ ଅଭିମୁଖେ ମହାଶୋଭାଯାତ୍ରା କରିବାକୁ ଚେତାବନୀ ଦେଇଛନ୍ତି, ଯାହା ପାକିସ୍ତାନ ସରକାରଙ୍କ ପାଇଁ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି।






# ବିପର୍ଯ୍ୟୟ : ପ୍ରଥମଥର ନକ୍ଆଉଟରେ ଦକ୍ଷିଣ ଆଫ୍ରିକା

ଗୌଦାଲଜାରା,୨୫।୬(ଏଜେନ୍ସି)

ଦକ୍ଷିଣ କୋରିଆକୁ ୧-୦ ଗୋଲରେ ହରାଇ ଦକ୍ଷିଣ ଆଫ୍ରିକା ୨୦୨୬ ଫିଫା ବିଶ୍ୱକପ୍‌ରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଏହି ବିଜୟ ଫଳରେ ୩ଟି ମ୍ୟାଚ୍‌ରୁ ୪ ପଏଣ୍ଟ ପାଇ ମେକ୍ସିକୋ ପଛକୁ ଦ୍ୱିତୀୟ ସ୍ଥାନରେ ରହି ନକ୍ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଫଳରେ ଫିଫା ବିଶ୍ୱକପ୍‌ର ଚତୁର୍ଥ ପଦାର୍ପଣରେ ଦକ୍ଷିଣ ଆଫ୍ରିକା ପ୍ରଥମଥର ଲାଗି ନକଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଦଳ ପକ୍ଷରୁ ବିଜୟସୂଚକ ଗୋଲ ସ୍କୋର କରିଥିଲେ ଥାପେଲୋ ମାସେକୋ। ଖେଳର ୬୩ତମ ମିନିଟ୍‌ରେ ମାସେକୋ ମ୍ୟାଚର ଏକମାତ୍ର ଗୋଲଟି ସ୍କୋର କରିଥିଲେ। ଅନ୍ୟପକ୍ଷରେ ପରାଜିତ ଦକ୍ଷିଣ କୋରିଆ ଏବେ ସୁଦ୍ଧା ବିଶ୍ୱକପ୍‌ରୁ ବାଦ୍ ପଡ଼ିନାହିଁ। ଦଳ ଗୋଟିଏ ବିଜୟ ସହ ୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଗ୍ରୁପ୍ ପର୍ଯ୍ୟାୟ ଖେଳ ଶେଷରେ ତୃତୀୟସ୍ଥାନରେ କେଉଁ ୮ଟି ଦଳ ନକ୍ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ ସେହି ସମୟରେ କୋରିଆର ଭାଗ୍ୟ ନିର୍ଣ୍ଣୟ ହେବ। ନକ୍ଆଉଟରେ ପ୍ରବେଶ କରିବା ପରେ ଦକ୍ଷିଣ ଆଫ୍ରିକାରେ ଆନନ୍ଦର ଲହରୀ ଖେଳିଯାଇଛି।



## ମେକ୍ସିକୋ ନମ୍ବର ୱାନ୍

ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ଯୁଗ୍ମ ଆୟୋଜକ ମେକ୍ସିକୋ ୩-୦ ଗୋଲରେ ଚେକିଆକୁ ପରାସ୍ତ କରିଛି। ଘରୋଇ ଦଳ ୩ଟି ମ୍ୟାଚ୍‌ରୁ ୯ ପଏଣ୍ଟ ପାଇ ଗ୍ରୁପ୍-ଏ'ରେ ନମ୍ବର ୱାନ୍ ସ୍ଥାନ ହାସଲ କରିଛି। ଏହା ଫଳରେ ଦଳ ତାହାର ରାଉଣ୍ଡ ଅଫ୍ ୩୨ ମୁକାବିଲା ଘରୋଇ ମାଟିରେ ଖେଳିବା ନିଶ୍ଚିତ ହୋଇଛି। ମେକ୍ସିକୋ ସିଟିରେ ଜୁଲାଇ ୨ ତାରିଖ ସକାଳେ ଖେଳାଯିବାକୁ ଥିବା ନକ୍ଆଉଟ ମୁକାବିଲାରେ ମେକ୍ସିକୋ ଏକ ତୃତୀୟସ୍ଥାନିତ ଦଳ ସହ ଖେଳିବ। ଚେକିଆ ବିପକ୍ଷ ମ୍ୟାଚ୍‌ରେ ବିଜୟୀ ମେକ୍ସିକୋ ପକ୍ଷରୁ ମାଟେଓ ଚାଭେଜ୍, ଜୁଲିଆନ କ୍ୱିନୋସ୍ ଓ ଆଲଭାରୋ ଫିଡାଲଗୋ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ନକ୍ ଆଉଟ ଖେଳସୂଚୀ ଅନୁଯାୟୀ ମେକ୍ସିକୋର ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିବାର ସମ୍ଭାବନା ଅଧିକ ରହିଛି।

## ବିଶ୍ୱକପ୍ ପଏଣ୍ଟ ଟେବଲ

| ଟିମ୍ | ମ୍ୟା | ବି | ଡ୍ର | ପ | ଗୋଫ | ପ |
|---|---|---|---|---|---|---|
| ଗ୍ରୁପ୍-ଏ' | | | | | | |
| ମେକ୍ସିକୋ | ୩ | ୩ | ୦ | ୦ | ୮ | ୯ |
| ଦ.ଆଫ୍ରିକା | ୩ | ୧ | ୧ | ୧ | -୧ | ୪ |
| ଦ.କୋରିଆ | ୩ | ୧ | ୦ | ୨ | -୧ | ୩ |
| ଚେକିଆ | ୩ | ୦ | ୧ | ୨ | -୪ | ୧ |
| ଗ୍ରୁପ୍-ବି' | | | | | | |
| ସ୍ୱିଜରଲାଣ୍ଡ | ୩ | ୨ | ୧ | ୦ | ୪ | ୭ |
| କାନାଡ଼ା | ୩ | ୧ | ୧ | ୧ | ୫ | ୪ |
| ବୋସ୍‌ନିଆ | ୩ | ୧ | ୧ | ୧ | -୧ | ୪ |
| କତାର | ୩ | ୦ | ୧ | ୨ | -୮ | ୧ |
| ଗ୍ରୁପ୍-ସି' | | | | | | |
| ବ୍ରାଜିଲ | ୩ | ୨ | ୧ | ୦ | ୬ | ୭ |
| ମରୋକ୍କୋ | ୩ | ୨ | ୧ | ୦ | ୩ | ୭ |
| ସ୍କଟ୍‌ଲାଣ୍ଡ | ୩ | ୧ | ୦ | ୨ | -୩ | ୩ |
| ହାଇତି | ୩ | ୦ | ୦ | ୩ | -୬ | ୦ |

ବିଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ, ଗୋଫ- ଗୋଲ ଫରକ, ପ- ପଏଣ୍ଟ।

## ବୋସ୍‌ନିଆର ଆଶା ଉଜ୍ଜୀବିତ

ସିଆଟଲ,୨୫।୬(ଏଜେନ୍ସି): କତାରକୁ ୩-୧ ଗୋଲରେ ପରାସ୍ତ କରି ବୋସ୍‌ନିଆ ଓ ହର୍ଜଗୋଭିନା ଫିଫା ବିଶ୍ୱକପ୍‌ରେ ପ୍ରଥମ ବିଜୟ ସହ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିବା ଆଶା ଉଜ୍ଜୀବିତ ରହିଛି। ଗୋଟିଏ ଡ୍ର ଓ ଗୋଟିଏ ବିଜୟରୁ ୪ ପଏଣ୍ଟ ପାଇ ବୋସନିଆ ଗ୍ରୁପ୍-ବି'ରେ ସ୍ୱିଜରଲାଣ୍ଡ ଓ କାନାଡା ପଛକୁ ତୃତୀୟ ସ୍ଥାନରେ ରହିଛି। କିନ୍ତୁ ଦଳ ପଏଣ୍ଟ ସଂଖ୍ୟା ୪ ଥିବାରୁ ଏହି ଦଳ ନିଶ୍ଚିତଭାବେ ୮ଟି ଶ୍ରେଷ୍ଠ ତୃତୀୟସ୍ଥାନିତ ଦଳମଧ୍ୟରେ ସ୍ଥାନ ପାଇ ନକ୍ଆଉଟକୁ ଉନ୍ନୀତ ହେବ। ବିଜୟୀ ବୋସ୍‌ନିଆ ପକ୍ଷରୁ ୧୮ ବର୍ଷୀୟ ଷ୍ଟାରଲେଟ୍ ଆଲାଜବେଗୋ ୩ଜଣ ଡିଫେଣ୍ଡରଙ୍କୁ ଅତିକ୍ରମ କରି ପ୍ରଥମ ଗୋଲ ଦେଇଥିଲେ। ଏହା ପରେ ବୋସ୍‌ନିଆ ପ୍ରଭାବ ବିସ୍ତାର କରି ଖେଳିଥିଲା। ଫଳରେ ମାମୁଦ୍ ଆବୁନାଦା ଆତ୍ମଘାତୀ ଗୋଲ ଦେବାକୁ ବାଧ୍ୟ ହୋଇଥିଲେ। ଏର୍ମିନ ମାମିଚ୍ ଦଳ ଲାଗି ତୃତୀୟ ଗୋଲସ୍କୋର କରିଥିଲେ। କତାର ପକ୍ଷରୁ ହାସନ ଆଲ-ହେଦୋସ ଗୋଟିଏ ଗୋଲ ଶୁଝାଇବାରେ ସଫଳ ହୋଇଥିଲେ।

## ସ୍ୱିଜରଲାଣ୍ଡ ପ୍ରଥମ, କାନାଡା ଦ୍ୱିତୀୟ



ଭାଙ୍କୋଭରଠାରେ ଖେଳାଯାଇଥିବା ଗ୍ରୁପ୍-ବି'ର ଅନ୍ୟ ଏକ ମ୍ୟାଚ୍‌ରେ ସ୍ୱିଜରଲାଣ୍ଡ ୨-୧ ଗୋଲ୍‌ରେ କାନାଡାକୁ ପରାସ୍ତ କରି ପ୍ରଥମ ସ୍ଥାନ ଅଧିକାର କରିଛି। ଫଳରେ କାନାଡା ଗ୍ରୁପ୍‌ରେ ନମ୍ବର-୧ ହୋଇ ରାଉଣ୍ଡ ଅଫ ୩୨ରେ ତୃତୀୟସ୍ଥାନିତ ଦଳ ସହ ଖେଳିବ ବୋଲି ଯେଉଁ ଆଶା ରଖିଥିଲା ତାହା ଚୂରମାର ହୋଇଯାଇଛି। ପ୍ରଥମାର୍ଦ୍ଧ ଖେଳ ଗୋଲ୍‌ଶୂନ୍ୟ ରହିବାପରେ ରୁବେନ ଭର୍ଗା ୪୬ତମ ମିନିଟ୍‌ରେ ଓ ଜୋହାନ ମାଜାମ୍ବି ୫୭ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ପ୍ରମିଜ୍ ଡେଭିଡ୍ ଗୋଟିଏ ଗୋଲ ଶୁଝାଇଥିଲେ।

## ଗୋଲ୍ଡେନ୍ ବୁଟ୍ ଦୌଡ଼ରେ ମେସି

ନ୍ୟୁୟର୍କ,୨୫।୬(ଏଜେନ୍ସି): ଫିଫା ବିଶ୍ୱକପ୍‌ରେ ଯେଉଁ ଖେଳାଳି ସର୍ବାଧିକ ଗୋଲ ସ୍କୋର କରିଥାନ୍ତି, ସେମାନଙ୍କୁ ଗୋଲ୍ଡେନ ବୁଟ୍ ସମ୍ମାନ ପ୍ରଦାନ କରାଯାଇଥାଏ। ଯଦି ଦୁଇଜଣ ଖେଳାଳି ସମାନ ଗୋଲ ସ୍କୋର କରନ୍ତି, ତେବେ ସର୍ବାଧିକ ଆସିଷ୍ଟ କରିଥିବା, ଏଥିରେ ସମାନ ହେଲେ ସେମାନଙ୍କ ମଧ୍ୟରେ କମ୍ ସମୟ ଖେଳିଥିବା ଖେଳାଳିଙ୍କୁ ଗୋଲ୍ଡେନ ବୁଟ୍ ସମ୍ମାନ ଦିଆଯିବ। ଚଳିତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସି ସର୍ବାଧିକ ୫ଟି ଗୋଲ ଦେଇ ସମସ୍ତଙ୍କ ଆଗରେ ରହିଛନ୍ତି। ବ୍ରାଜିଲର ଫରୱାର୍ଡ ଖେଳାଳି ଭିନିସିଅସ ଜୁନିଅର, ଫ୍ରାନ୍ସ ଅଧିନାୟକ କିଲିଆନ୍ ଏମ୍‌ବାପେ ନରୱେ ତାରକା ଏର୍ଲିଙ୍ଗ ହଲାଣ୍ଡ ୪ଟି ଲେଖାଏଁ ଗୋଲ ଦେଇ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନରେ ଅଛନ୍ତି। ଜର୍ମାନୀର ଡେନିଜ୍ ଉଣ୍ଡାଭା, ସ୍ୱିଜରଲାଣ୍ଡର ଜୋହାନ ମାଞ୍ଜାମ୍ବି, ବ୍ରାଜିଲର ମାଥିଅସ କୁନା, ମରୋକ୍କୋର ଇସ୍‌ମାଏଲ ସାଇବାରି ଓ କାନାଡାର ଜୋନାଥନ ଡେଭିଡ୍ ୩ଟି ଲେଖାଏଁ ଗୋଲ ଦେଇ ଏମାନଙ୍କ ପଛରେ ରହିଛନ୍ତି।

## ଚାମ୍ପିଅନ ଟିମ୍‌କୁ ଟ୍ରଫି ଦେବେ ଟ୍ରମ୍ପ୍

ନ୍ୟୁୟର୍କ,୨୫।୬(ଏଜେନ୍ସି): ଆମେରିକା, ମେକ୍ସିକୋ ଓ କାନାଡାରେ ଚାଲିଥିବା ଫିଫା ବିଶ୍ୱକପ୍ ଏବେ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜୁଲାଇ ୧୯ରେ ହେବାକୁ ଥିବା ଫାଇନାଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାମ୍ପିଅନ ଟିମ୍‌କୁ ଟ୍ରଫି ପ୍ରଦାନ କରିବେ ବୋଲି ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ଘୋଷଣା କରି ସମସ୍ତଙ୍କୁ ଚମତ୍କୃତ କରିଦେଇଛନ୍ତି। ୧୯୮୨ ପରେ ରାଷ୍ଟ୍ରମୁଖ୍ୟମାନେ ଚାମ୍ପିଅନ ଟିମ୍‌କୁ ଟ୍ରଫି ପ୍ରଦାନ କରିବାର ପରମ୍ପରା ବନ୍ଦ ହୋଇଥିଲା। ଏହା ପରେ ଖେଳାଯାଇଥିବା ବିଶ୍ୱକପ୍‌ରେ ଫିଫା ସଭାପତି ସେପ୍ ବ୍ଲାଟର ଓ ଗତ ଦୁଇଟି ସଂସ୍କରଣରେ ନିଜେ ଇନ୍‌ଫାଣ୍ଟିନୋ ପୁରସ୍କାର ପ୍ରଦାନ କରିଥିଲେ। ଟ୍ରମ୍ପ୍ ପୁରସ୍କାର ଦେବା ଘୋଷଣା କରାଯିବା ପରେ ଇନ୍‌ଫାଣ୍ଟିନୋ ଉତ୍ସବକୁ ରାଷ୍ଟ୍ରମୁଖ୍ୟଙ୍କୁ ଅତିଥିଭାବେ ଡାକି ଗତ ୪ଦଶନ୍ଧିର ପରମ୍ପରାକୁ ଭାଙ୍ଗିଦେଇଛନ୍ତି।

## ଡୁରାଣ୍ଡ କପ୍ ଜୁଲାଇ ୨୫ରୁ

କୋଲକାତା, ୨୫।୬ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୫ତମ ସଂସ୍କରଣ ଜୁଲାଇ ୨୫ରୁ ଆରମ୍ଭ ହେବ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଏଥର ୨୪ଟି ଦଳ ଅଂଶଗ୍ରହଣ କରିବେ। ଯେଉଁଥିରେ ଦୁଇଟି ବିଦେଶୀ ଦଳ ରହିଛନ୍ତି।




## ଫିଫା ବିଶ୍ୱକପ୍ ମୁକାବିଲା

**ଜୁନ୍-୨୬, ଶୁକ୍ରବାର ରାତି**
ଫ୍ରାନ୍ସ-ନରୱେ
ଫକ୍ସବର୍ଗ, ରାତି ୧୨.୩୦
ସେନେଗାଲ-ଇରାକ
ଟରଣ୍ଟୋ, ରାତି ୧୨.୩୦

**ଜୁନ୍-୨୭ ଶନିବାର ସକାଳ**
ସାଉଦି ଆରବ-କେପ୍ ଭର୍ଡ
ହ୍ୟୁଷ୍ଟନ, ସକାଳ ୫.୩୦
ସ୍ପେନ୍-ଉରୁଗ୍ୱେ
ଜାପୋପାନ, ସକାଳ ୫.୩୦
ବେଲଜିୟମ-ନ୍ୟୁଜିଲାଣ୍ଡ
ଭାଙ୍କୋଭର, ସକାଳ ୮.୩୦
ଇଜିପ୍ଟ-ଇରାନ
ସିଆଟଲ, ସକାଳ ୮.୩୦

ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

## ମ୍ୟାଚ୍ ଖେଳିଲେ ନେମାର

ମିଆମି,୨୫।୬(ଏଜେନ୍ସି): ସ୍କଟଲାଣ୍ଡ ବିପକ୍ଷ ଗ୍ରୁପ୍-ସି' ମ୍ୟାଚ୍ ଖେଳି ସୁପରଷ୍ଟାର ନେମାର ୨୦୨୬ ଫିଫା ବିଶ୍ୱକପ୍‌ରେ ପଦାର୍ପଣ କରିଛନ୍ତି। ବ୍ରାଜିଲ ରାଷ୍ଟ୍ରପତି ଲୁଲାଙ୍କଠାରୁ ଆରମ୍ଭ କରି ସମର୍ଥକ ଯାଏ ତାଙ୍କୁ ଯେଉଁ ସମାଲୋଚନା କରୁଥିଲେ, ଏହି ପଦାର୍ପଣ ପରେ ତାହା ବନ୍ଦ ହୋଇଯିବ ବୋଲି ଆଶା କରାଯାଉଛି। ମିଆମି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ବ୍ରାଜିଲ ପକ୍ଷରୁ ଭିନିସିଅସ ଜୁନିଅର ଦୁଇଟି ଗୋଲ ସ୍କୋର କରିଥିଲେ। ମାଥିଅସ୍ କୁନା ଅନ୍ୟ ଗୋଲଟି ଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ବ୍ରାଜିଲ ଯେଉଁ ନୈରାଶ୍ୟଜନକ ଖେଳିଥିଲା ତାହା ଏହି ମ୍ୟାଚ୍‌ରେ ଦେଖିବାକୁ ମିଳି ନ ଥିଲା। ଏହି ଗ୍ରୁପ୍‌ରେ ହାଇତିକୁ ୪-୨ ଗୋଲରେ ହରାଇଥିବା ମରୋକ୍କୋ ଓ ବ୍ରାଜିଲ ସମାନ ୭ ପଏଣ୍ଟ ଲେଖାଏଁ ସ୍କୋର କରିଥିଲେ। କିନ୍ତୁ ଉନ୍ନତ ଗୋଲବ୍ୟବଧାନ ବଳରେ ବ୍ରାଜିଲ ନଂ-୧ ଓ ମରୋକ୍କୋ ନମ୍ବର-୨ ସ୍ଥାନ ହାସଲ କରିଥିଲା। ତୃତୀୟ ସ୍ଥାନରେ ରହିଥିବା ସ୍କଟଲାଣ୍ଡ ଖେଳ ଶେଷରେ ନକ୍ଆଉଟକୁ ଯିବ କି ନାହିଁ ଜଣାପଡ଼ିବ।

ଆଟଲାଣ୍ଟାରେ ଖେଳାଯାଇଥିବା ମ୍ୟାଚ୍‌ରେ ମରୋକ୍କୋ ପକ୍ଷରୁ ଆର୍ଚାଫ ହାକିମି, ଇସ୍‌ମାଏଲ ସାଇବାରି, ସୋଫିଆନେ ରହିମି ଓ ଜେସିମେ ୟାସିନେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରଇଥିଲେ। ୱିଲସନ୍ ଇସିଡୋର ଗୋଟିଏ ଗୋଲ ଶୁଝାଇଥିଲାବେଳେ ମରୋକ୍କୋର ୟାସିନେ ବୋଉନୋଉ ଆତ୍ମଘାତୀ ଗୋଲ ଦେଇଥିଲେ।



## ହାଇଡ୍ରେସନ ବ୍ରେକ୍‌ରେ ପ୍ରସାରଣକାରୀ ସଂସ୍ଥା ମାଲାମାଲ୍

ଡଲାସ,୨୫।୬(ଏଜେନ୍ସି): ହକି ଖେଳ ଭଳି ଫୁଟବଲ ଖେଳରେ ହାଇଡ୍ରେସନ ବ୍ରେକ୍ ଚଳିତ ଫିଫା ବିଶ୍ୱକପ୍‌ରେ ଲାଗୁ ହୋଇଛି। ଏହା ମଧ୍ୟ ୨୦୧୪ରେ ଲାଗୁ ହୋଇଥିଲା। କିନ୍ତୁ ଏଥର ହାଇଡ୍ରେସନ ବ୍ରେକ୍‌କୁ ନେଇ ବେଶ ଚର୍ଚ୍ଚା ହୋଇଛି। କେହି ଏହାକୁ ନାପସନ୍ଦ କରୁଥିଲାବେଳେ ଆଉ କେହି ବରଦାନ ବୋଲି ଭାବୁଛନ୍ତି। ଏପରିକି ଅଧାଡଜନ ଦେଶ ପ୍ରଥମ ହାଇଡ୍ରେସନ ବ୍ରେକ୍ ପରେ ଗୋଲ ଦେଇଛନ୍ତି ଓ ମ୍ୟାଚ୍ ମଧ୍ୟ ଜିତିଛନ୍ତି। ସେହିପରି କିଛି ଦେଶ ମଧ୍ୟ ତାଙ୍କ ଖେଳର ମୋମେଣ୍ଟମ୍‌ରେ ବାଧା ସୃଷ୍ଟି କରିଛି ବୋଲି ଅଭିଯୋଗ କରିଛନ୍ତି। କିନ୍ତୁ ଫିଫା ଏହାକୁ ଗ୍ରହଣ କରିଛି ଓ ଖୁବ୍ ଆର୍ôଥକ ଫାଇଦା ମଧ୍ୟ ପାଇଛି।

ହାଇଡ୍ରେସନ ବ୍ରେକ୍ ପ୍ରତି ମ୍ୟାଚ୍‌ରେ ୨ଥର ୩ ମିନିଟ୍ ଲେଖାଏଁ ନିଆଯାଇଥାଏ। ପ୍ରଥମାର୍ଦ୍ଧର ୨୨ ଓ ଦ୍ୱିତୀୟାର୍ଦ୍ଧର ୬୭ତମ ମିନିଟ୍‌ରେ ଖେଳରେ ବ୍ରେକ୍ ନିଆଯାଉଛି। ଆମେରିକାରେ ରେଫରି ହ୍ୱିସିଲ ମାରିବାର ୨୦ ସେକେଣ୍ଡ ପୂର୍ବରୁ ଓ ପୁନର୍ବାର ଖେଳ ଆରମ୍ଭ ପୂର୍ବରୁ ୩୦ ସେକେଣ୍ଡ ବିଜ୍ଞାପନ ପ୍ରଦର୍ଶିତ ହେବ। ଏହାର ଅର୍ଥ ଗୋଟିଏ ମ୍ୟାଚ୍‌ରେ ୪ ମିନିଟ୍ ୨୦ ସେକେଣ୍ଡ ବିଜ୍ଞାପନ ପ୍ରସାରିତ ହୋଇପାରୁଛି। ଏଥର ୧୦୪ଟି ମ୍ୟାଚ୍ ଖେଳାଯିବାକୁ ଥିବାରୁ ଟୁର୍ଣ୍ଣାମେଣ୍ଟରେ ୭ଘଣ୍ଟା ୩୦ ମିନିଟ୍ ୪୦ ସେକେଣ୍ଡର ବିଜ୍ଞାପନ ପ୍ରସାରଣ କରାଯିବ। ଫଳରେ କେବଳ ଆମେରିକାରେ ବିଜ୍ଞାପନରୁ ୨୩୬୭.୯୧ କୋଟି ଟଙ୍କା ମିଳିବ। ଏଠାରେ ପ୍ରସାରଣ ଅଧିକାର ପାଇଥିବା ଫକ୍ସ କର୍ପୋରେସନ ଚୁକ୍ତି ଉଲ୍ଲଙ୍ଘନ କରି ବିଜ୍ଞାପନ ପ୍ରସାରଣ କରିଥିବାର ଅଭିଯୋଗ ମଧ୍ୟ ହୋଇଛି। ଏହାର ଅର୍ଥ ଅଧିକ ଆୟ ମଧ୍ୟ ହେବ। ଭାରତରେ ଜୀ ଟିଭି ପ୍ରସାରଣ ଅଧିକାର ପାଇଛି। ଏହା ୧୦ ସେକେଣ୍ଡର ସ୍ଲଟ୍ ଲାଗି ମ୍ୟାଚ୍‌ର ଗୁରୁତ୍ୱ ଦେଖି ୨.୨୫ ଲକ୍ଷରୁ ୨.୭୫ ଲକ୍ଷ ଟଙ୍କା ନେଉଛି। ଏହା ଛଡ଼ା ପ୍ରି ଗେମ୍, ପୋଷ୍ଟ ଗେମ୍ ଓ ହାଫ୍ ଟାଇମ୍ ଲାଗି ଅଲଗା ଫି ନେଉଛି। ଆମେରିକାରେ ଫକ୍ସ ସ୍ପୋର୍ଟ୍ସ ୩୦ ସେକେଣ୍ଡ ଲାଗି ୧.୮୯ କୋଟି ଟଙ୍କା ନେଉଛି। ଏହା ନକ୍ଆଉଟ ଲାଗି ୨.୮୪ କୋଟି ଟଙ୍କା ନେବ। ଆମେରିକା ଖେଳୁଥିବା ମ୍ୟାଚ୍‌ରେ ଏହାର ମୂଲ୍ୟ ୭.୧୦ କୋଟି। ଚୂଡାନ୍ତ ପର୍ଯ୍ୟାୟରେ ଏହାର ମୂଲ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। କିଛି ହାତଗଣତି ଦେଶକୁ ଛାଡ଼ିଦେଲେ ଅଧିକାଂଶ ଦେଶରେ ହାଇଡ୍ରେସନ ବ୍ରେକ୍‌ରୁ ପ୍ରସାରଣ ସଂସ୍ଥାଗୁଡ଼ିକ ବେଶ ଫାଇଦା ପାଇଛନ୍ତି।



## କଳିଙ୍ଗରୁ ଅନିମେଶଙ୍କୁ ଏସୀୟ କ୍ରୀଡ଼ା ଟିକଟ

ଭୁବନେଶ୍ୱର, ୨୫।୬ (ସମିସ): ତାରକା ସ୍ପ୍ରିଣ୍ଟର ଅନିମେଶ କୁଜୁର ଆଗାମୀ ଏସୀୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଆନ୍ତଃ-ରାଜ୍ୟ ଆଥ୍ଲେଟିକ୍ସ ଚାମ୍ପିଅନସିପ୍‌ର ପୁରୁଷ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତି ଅନିମେଶ ଏହି ସଫଳତା ପାଇଛନ୍ତି। ଗୁରୁବାର ରାତିରେ ଅନୁଷ୍ଠିତ ପୁରୁଷ ୨୦୦ ମିଟର ରେସକୁ ଅନିମେଶ ୨୦.୭୪ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଓଡ଼ିଶାର ଅନ୍ୟତମ ଧାବକ ଦଣ୍ଡପତି ଜୟରାମ (୨୦.୯୭) ଓ କେରଳର ଜିଷ୍ଣୁ ପ୍ରସାଦ (୨୧.୧୮) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିଛନ୍ତି। ସ୍ୱର୍ଣ୍ଣ ସହ ଅନିମେଶ ଜାପାନରେ ହେବାକୁ ଥିବା ଏସୀୟ କ୍ରୀଡ଼ାକୁ ଟିକଟ୍ ହାସଲ କରିଛନ୍ତି। ପୁରୁଷ ୨୦୦ ମିଟରରେ ଏସୀୟ କ୍ରୀଡ଼ା ଲାଗି ଯୋଗ୍ୟତା ମାନଦଣ୍ଡ ୨୦.୮୮ ସେକେଣ୍ଡ ରହିଥିଲା। ଯାହାକୁ ଅନିମେଶ ସହଜରେ ହାସଲ କରିନେଇଥିଲେ। ଅନିମେଶଙ୍କ ସହ ଗୁରୁବାର କେରଳର ମହମ୍ମଦ ଅଫଜଲ ଉଭୟ ପୁରୁଷ ୨୦୦ ଓ ୮୦୦ ମିଟରରେ ଏସୀୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ମହିଳା ବିଭାଗ ୨୦୦ ମିଟରରେ ଜ୍ୟୋତି ୟାରାଜୀ ଅଳ୍ପକେ ଟିକଟରୁ ବଞ୍ଚିତ ହୋଇଛନ୍ତି। ଅପରପକ୍ଷରେ ମହିଳା ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୩.୪୮ ସେକେଣ୍ଡ) କାଂସ୍ୟ ପଦକ ହାସଲ କରିଛନ୍ତି। ସେହିଭଳି କର୍ଣ୍ଣାଟକର ଜି. ସିନ୍ଧୁଶ୍ରୀ ମହିଳା ପୋଲଭୋଲ୍ଟରେ ୪.୨୫ ଉଚ୍ଚକୁ ଡେଇଁ ନୂଆ ଜାତୀୟ ରେକର୍ଡ କରିଛନ୍ତି।

# ଆଜିଠୁ ଭାରତ-ଆୟର୍ଲାଣ୍ଡ ଟି-୨୦ ସିରିଜ୍

ବେଲ୍‌ଫାଷ୍ଟ, ୨୫।୬ (ଏଜେନ୍ସି)

ଦୁଇ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳିବା ଲାଗି ଭାରତୀୟ କ୍ରିକେଟ୍ ଦଳ ବର୍ତ୍ତମାନ ଆୟର୍ଲାଣ୍ଡ ଗସ୍ତରେ ରହିଛି। ଶୁକ୍ରବାର ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ପ୍ରଥମଥର ପାଇଁ ଭାରତ ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଖେଳିବ। ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ସେ ଟି-୨୦ ଦଳର ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ଭାରତକୁ ଟି-୨୦ ବିଶ୍ୱକପ୍ ଚାମ୍ପିଅନ କରାଇଥିବା ସୂର୍ଯ୍ୟକୁମାର ଦୁର୍ବଳ ଫର୍ମ ଲାଗି ଦଳରୁ ବାଦ୍ ପଡ଼ିଛନ୍ତି। ତେବେ ଭାରତୀୟ ସିନିଅର ଦଳରେ ପ୍ରଥମଥର ସୁଯୋଗ ପାଇଥିବା ବିହାରର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଯଦି ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ଟି-୨୦ରେ ସେ ସ୍ଥାନ ପାଆନ୍ତି ତେବେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାରେ ସେ ସର୍ବକନିଷ୍ଠ ଭାରତୀୟ କ୍ରିକେଟର୍ ହେବେ। ୧୯୮୯ରେ ସଚିନ ତେନ୍ଦୁଲକର ୧୬ ବର୍ଷ ୨୦୫ ଦିନ ବୟସରେ ପାକିସ୍ତାନ ବିପକ୍ଷରେ ଖେଳି ଏହି ରେକର୍ଡର ଅଧିକାରୀ ରହିଛନ୍ତି। ଗୁରୁବାର ସୂର୍ଯ୍ୟବଂଶୀଙ୍କୁ ୧୫ ବର୍ଷ ୯୦ ଦିନ ହୋଇଛି। ତେବେ ପ୍ରଥମ ଟି-୨୦ରେ ସୂର୍ଯ୍ୟବଂଶୀଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ଦେବା ଅଧିନାୟକ ଶ୍ରେୟସ ଓ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ରହିଛି। ବ୍ୟାଟିଂକ୍ରମର ପ୍ରଥମ ୩ଟି ସ୍ଥାନ ଲାଗି ଶ୍ରେଷ୍ଠ ତିନି ବ୍ୟାଟର ସଞ୍ଜୁ ସାମସନ୍, ଅଭିଷେକ ଶର୍ମା ଓ ଇଶାନ୍ କିଶାନ୍ ରହିଛନ୍ତି। ଯଦି ଟିମ୍ ମ୍ୟାନେଜମେଣ୍ଟ ବୈଭବଙ୍କୁ ଓପନର୍ ଭାବରେ ସାମିଲ କରେ, ତେବେ ସାମସନ୍ କିମ୍ବା ଅଭିଷେକଙ୍କୁ ନିମ୍ନକ୍ରମରେ ବ୍ୟାଟିଂ କରିବାକୁ ପଡିବ। ନଚେତ୍ ଦଳରୁ ବାଦ୍ ଦିଆଯିବ। ଯାହାକି ଏକ କଷ୍ଟକର ନିଷ୍ପତ୍ତି ହେବ। ସେହିଭଳି ପ୍ରିନ୍ସ ଯାଦବ ଓ ସୂର୍ଯ୍ୟାଂଶ ଶେଜଦେଙ୍କୁ ମଧ୍ୟ ପ୍ରଥମଥର ଟି-୨୦ ଦଳରେ ସୁଯୋଗ ମିଳିଛି। ରେକର୍ଡ ଉପରେ ନଜର ପକାଇଲେ ଭାରତ ଓ ଆୟର୍ଲାଣ୍ଡ ମୋଟ୍ ଉପରେ ୮ଟି ଟି-୨୦ରେ ପରସ୍ପର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ଭାରତ ସମସ୍ତ ମ୍ୟାଚରେ ବିଜୟୀ ହୋଇଛି। ବିଶ୍ୱକପ୍ ଚାମ୍ପିଅନ ହେବାପରେ ଭାରତୀୟ ଦଳର ଏହା ପ୍ରଥମ ଟି-୨୦ ସିରିଜ। ଏହାପରେ ଦଳ ଇଂଲଣ୍ଡ ଗସ୍ତ କରି ସେଠାରେ ପାଞ୍ଚଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

**ପ୍ରଥମ ଟି-୨୦**
**ଆରମ୍ଭ: ସନ୍ଧ୍ୟା ୬ଟା**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

## ମହିଳା ଟି-୨୦ ବିଶ୍ୱକପ୍ | ଭାରତର ତୃତୀୟ ବିଜୟ

ମାଞ୍ଚେଷ୍ଟର, ୨୫।୬ (ଏଜେନ୍ସି): ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତ ତୃତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୫ ୱିକେଟରେ ବାଂଲାଦେଶକୁ ପରାସ୍ତ କରିଛି। ଭାରତ ଚାରୋଟି ମ୍ୟାଚରୁ ୬ ପଏଣ୍ଟ ପାଇ ଭାରତ ଗ୍ରୁପ୍-ଏ'ରେ ଅଷ୍ଟ୍ରେଲିଆ (୮) ପଛକୁ ଦ୍ୱିତୀୟ ସ୍ଥାନରେ ରହି ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ଏକାଧିକ ମିସ୍ କ୍ୟାଚର ଫାଇଦା ଉଠାଇ ୮ ୱିକେଟରେ ୧୩୬ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଜୁଆଇରିୟା ଫିର୍ଦୋସ ସର୍ବାଧିକ ୩୩, ଅଧିନାୟିକା ନିଗାର ସୁଲତାନ ୩୨, ଶୋଭନା ମୋସ୍ତ୍ରୀ ୨୨ ରନ କରିଥିଲେ। ଭାରତ ପକ୍ଷରୁ ଦୁଇ ବାମହାତୀ ସ୍ପିନର ରାଧା ଯାଦବ (୩/୨୮) ଓ ଶ୍ରୀ ଚରଣି (୨/୨୧) ମିଳିତ ଭାବେ ୫ଟି ୱିକେଟ ନେଇଥିଲେ। ଜବାବରେ ଶେଫାଳି ବର୍ମା (୩୪ ବଲରେ ୫୩ ରନ)ଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ଭାରତ ୧୬.୫ ଓଭରରେ ୫ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗ୍ସ ୨୬, ୟସ୍ତିକା ଭାଟିଆ ୨୩, ଅଧିନାୟିକା ହରମନପ୍ରୀତ୍ କୌର ଅପରାଜିତ ୧୩, ରିଚା ଘୋଷ ୧୦, ସ୍ମୃତି ମନ୍ଧାନା ୮ ରନ କରିଥିଲେ। ଭାରତ ଶେଷ ଗ୍ରୁପ ମ୍ୟାଚରେ ଜୁନ ୨୮ ରେ ଅଷ୍ଟ୍ରେଲିଆକୁ ଭେଟିବ।

## ସେମିରେ ଇଂଲଣ୍ଡ

ଲଣ୍ଡନ, ୨୫।୬ (ଏଜେନ୍ସି): ଆୟୋଜକ ଇଂଲଣ୍ଡ ପ୍ରଥମ ଦଳ ଭାବେ ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଗତକାଲି ରାତିରେ ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚରେ ଇଂଲଣ୍ଡ ମହିଳା ଦଳ ୩୮ ରନରେ ଦୁଇଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଫଳରେ କ୍ରମାଗତ ଚତୁର୍ଥ ବିଜୟ ସହ ଇଂଲଣ୍ଡ ୮ ପଏଣ୍ଟ ପାଇ ଗ୍ରୁପ ଶୀର୍ଷରେ ରହିଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇ ଇଂଲଣ୍ଡ ୭ ୱିକେଟ୍‌ରେ ୧୮୬ ରନ କରିଥିଲା। ଓପନର୍ ଡାନି ୱେଟ୍-ହଜ ସର୍ବାଧିକ ୬୫ ଓ ହେଥର ନାଇଟ୍ ୪୩ ରନର ଉପଯୋଗୀ ପାଳି ଖେଳିଥିଲେ। ୱେଷ୍ଟଇଣ୍ଡିଜ ଦଳର ସ୍ପିନର ଅଶ୍ମିନି ମୁନିସାର ଦୁଇଟି ୱିକେଟ୍ ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS